Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 214
Saturday, 10 October 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୧୦ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ସମୃଦ୍ଧ ଓଡ଼ିଶା ଗଠନ କରିବେ ଯୁବପିଢ଼ି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯/୧୦ (ଆ.ପ୍ର) : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ଆମର ଯୁବ ସମାଜ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଜି (ଶୁକ୍ରବାର) ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋପବନ୍ଧୁ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ୍ ଅନୁଷ୍ଠାନ, ଜାତୀୟ ଚେତନା ଓ ଓଡ଼ିଆ ଅସ୍ମିତାର ଜୀବନ୍ତ ଆଲେଖ୍ୟ । ଆଜିର ଯୁବପିଢ଼ି ଗୋପବନ୍ଧୁଙ୍କ ସେବା ମନୋଭାବକୁ ଆପଣାଇ ରାଷ୍ଟ୍ରଗଠନରେ ସକ୍ରିୟ ଯୋଗଦାନ ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଯୁବପିଢ଼ୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ, ଆପଣମାନେ କେବଳ ନିଜ ବ୍ୟକ୍ତିଗତ ସଫଳତା ପାଇଁ ନୁହେଁ, ବରଂ ସମାଜ ପ୍ରତି ଆପଣଙ୍କର ଦାୟିତ୍ୱକୁ ବୁଝନ୍ତୁ । କେବଳ ନିଜ ପାଇଁ ବଂଚିବା ପ୍ରକୃତ ଜୀବନ ନୁହେଁ, ବରଂ ପଣ୍ଡିତ ଗୋପବନ୍ଧୁଙ୍କ ପରି ଅନ୍ୟର ମୁହଁରେ ହସ ଫୁଟାଇବାରେ ଏବଂ ରାଜ୍ୟର ସେବାରେ ନିଜକୁ ନିୟୋଜିତ କରିବାରେ ହିଁ ଜୀବନର ସାର୍ଥକତା ରହିଛି । ଗୋପବନ୍ଧୁଙ୍କ ପ୍ରେରଣାରେ ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ସୁରକ୍ଷା ପାଇଁ 'ଓଡ଼ିଆ ଅସ୍ମିତା ଭବନ' ପ୍ରତିଷ୍ଠା, ସତ୍ୟବାଦୀସ୍ଥିତ 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ଉନ୍ନତିକରଣ, ୯୦ କୋଟି ଟଙ୍କା ବ୍ୟୟରେ ବକୁଳ ବନର ପୁନର୍ବିକାଶ ଏବଂ ଗୋପବନ୍ଧୁଙ୍କ ଜନ୍ମମାଟି ସତ୍ୟବାଦୀ ଅଂଚଳର ବିକାଶ ପାଇଁ ପ୍ରାୟ ୫୦୦ କୋଟି ଟଙ୍କାର ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂହ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ମଂଚସ୍ଥ ଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରତୀୟ ବଂଶୋଦ୍ଭବ ନାଭିଙ୍କୁ ଶାନ୍ତି ନୋବେଲ୍

ନୂଆଦିଲ୍ଲୀ, ୯/୧୦ (ନ୍ୟୁ.ଏ): ବର୍ଷ ୨୦୨୬ ପାଇଁ ଶୁକ୍ରବାର ଘୋଷଣା କରାଯାଇଛି ନୋବେଲ ଶାନ୍ତି ପୁରସ୍କାର । ଏହି ପୁରସ୍କାର ପାଇବେ ଦକ୍ଷିଣ ଆଫ୍ରିକୀୟ ବିଚାରପତି ନଭନେଥେମ ନାଭୀ ପିଲ୍ଲାଇ । ସେ ଜଣେ ଭାରତୀୟ ବଂଶୋଦ୍ଭବ । ସାରା ଜୀବନ ସେ ଶାନ୍ତି ଓ ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହିତ କରିଆସିଥିବାରୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି । ୮୫ ବର୍ଷୀୟା ନଭନେଥେମ ନାଭୀ ପିଲ୍ଲାଇ ୧୯୪୧ ମସିହା ସେପ୍ଟେମ୍ବର ୨୩ ତାରିଖରେ ଦକ୍ଷିଣ ଆଫ୍ରିକାର ଡରବାନର ନେଟାଲ ପ୍ରାନ୍ତରେ ଏକ ଭାରତୀୟ ତାମିଲ ପରିବାରରେ ଜନ୍ମ ହୋଇଥିଲେ । ସେମାନେ ଥିଲେ ଆଠ ଭାଇଭଉଣୀ । ତାଙ୍କ ପରିବାର ଖୁବ୍ ଗରିବ ଥିଲା । ତାଙ୍କ ଜେଜେ ବାପା ତାମିଲନାଡୁରୁ ଗୋଟି ଶ୍ରମିକ ଭାବେ ଦକ୍ଷିଣ ଆଫ୍ରିକାକୁ ଯାଇ ସେଠାରେ ସ୍ଥାୟୀ ଭାବେ ରହି ଯାଇଥିଲେ । ନଭନେଥେମ ନାଭୀ ପିଲ୍ଲାଇଙ୍କ ବାପା ଜଣେ ବସ୍ ଡ୍ରାଇଭର ଥିଲେ । ଅଧିକ ଆୟ ପାଇଁ ବେଳେ ବେଳେ ସେ ମାଛ ଧରୁଥିଲେ । ଯେଉଁ ସମୟରେ ନଭନେଥେମ ନାଭୀ ପିଲ୍ଲାଇ ପ୍ରାଥମିକ ସ୍କୁଲରେ ପଢୁଥିଲେ ତାଙ୍କର ବହୁ ସାଙ୍ଗ ବିବାହ କରି ସାରିଥିଲେ । କିନ୍ତୁ ନଭନେଥେମ ନାଭୀ ପିଲ୍ଲାଇ ଓ ତାଙ୍କର ଅନ୍ୟ ଦୁଇ ଭଉଣୀଙ୍କୁ ସେମାନଙ୍କର ଭାଇମାନଙ୍କ ଭଳି ପାଠ ପଢ଼ିବାକୁ ପ୍ରୋତ୍ସାହିତ କରିଥିଲେ ତାଙ୍କ ବାପା । ବହୁ ପ୍ରତିକୂଳ ପରିସ୍ଥିତିରେ ଓ ବର୍ଣ୍ଣ ବୈଷମ୍ୟ ଯୁଗରେ ନଭନେଥେମ ନାଭୀ ପିଲ୍ଲାଇ ତାଙ୍କ ପାଠପଢ଼ା ଶେଷ କରି ଦକ୍ଷିଣ ଆଫ୍ରିକାର ନେଟାଲ ପ୍ରାନ୍ତରେ ଓକିଲାତି ଆରମ୍ଭ କରିଥିଲେ । ନେଟାଲ ପ୍ରାନ୍ତରେ ଓକିଲାତି କରିବାରେ ସେ ହେଉଛନ୍ତି ପ୍ରଥମ ଅଣ-ଶ୍ୱେତ ମହିଳା । ଦିନ ଥିଲା ଯେତେବେଳେ ଅଣ-ଶ୍ୱେତ ହୋଇଥିବାରୁ ତାଙ୍କୁ ଦକ୍ଷିଣ ଆଫ୍ରିକାରେ ବିଚାରପତିମାନଙ୍କ ଚାମ୍ବରରେ ପ୍ରବେଶ କରିବାକୁ ଅନୁମତି ମିଳି ନଥିଲା । କିନ୍ତୁ ଏହା ତାଙ୍କର ଓକିଲାତି ଜୀବନକୁ ପ୍ରଭାବିତ କରିପାରି ନଥିଲା । ୧୯୯୫ ମସିହାରେ ବର୍ଣ୍ଣ ବୈଷମ୍ୟବାଦର ଅନ୍ତ ପରେ ତାଙ୍କୁ ଦକ୍ଷିଣ ଆଫ୍ରିକାର ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା । ଏହା ସହିତ ସେ ହୋଇଥିଲେ ଦକ୍ଷିଣ ଆଫ୍ରିକା ହାଇକୋର୍ଟର ପ୍ରଥମ ଅଣ-ଶ୍ୱେତ ମହିଳା ବିଚାରପତି । ମାନବାଧିକାର ଲଢ଼େଇରେ ତାଙ୍କର ଯୋଗଦାନ ଐତିହାସିକ ଥିଲା । ନିଷ୍ଠୁର ବର୍ଣ୍ଣବୈଷମ୍ୟ ଯୁଗରେ ସେ ନେଲସନ ମଣ୍ଡେଲା ଓ ଅନ୍ୟ ମାନବାଧିକାରୀ କର୍ମୀଙ୍କ ଭଳି ରାଜନୀତିକ ବନ୍ଦୀମାନଙ୍କର ପ୍ରତିନିଧିତ୍ୱ କରିଥିଲେ ଓ ଜେଲ୍‌ରେ ସେମାନଙ୍କୁ ଦିଆଯାଉଥିବା ନିର୍ଯାତନା ବିରୋଧରେ ସ୍ୱର ଉଠାଇଥିଲେ । ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ନଭନେଥେମ ନାଭୀ ପିଲ୍ଲାଇ ଜାତିସଂଘରେ ମାନବାଧିକାର କମିଶନର ଭାବେ କାର୍ଯ୍ୟ କରିଥିଲେ । ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସେ ଇଂଟରନ୍ୟାଶନାଲ କ୍ରିମିନାଲ କୋର୍ଟରେ ବିଚାରପତି ରହିଥିଲେ ।

ଆସନ୍ତା ୨୪ ଘଂଟାରେ ବିଜୁଳି ଘଡଘଡି ସହ ବର୍ଷା

ଭୁବନେଶ୍ୱର, ୯/୧୦ (ଆ.ପ୍ର) : ଆସନ୍ତା ୨୪ ଘଂଟାରେ ବର୍ଷା । ବିଜୁଳି ଘଡଘଡି ସହ ବର୍ଷାର ସମ୍ଭାବନା ରହିଛି । ଉତ୍ତର ଓଡିଶାରେ ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଲେଉଟାଣି ବେଳେ ରାଜ୍ୟରେ ଘଡ଼ଘଡ଼ି ବିଜୁଳି ସହିତ ବର୍ଷା ନେଇ ସତର୍କ କରିଛି ପାଣିପାଗ କେନ୍ଦ୍ର । ତେବେ ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, କେଉଁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ ଜିଲ୍ଲା । ଗୋଟେ ଦୁଇଟି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ଏସବୁ ଜିଲ୍ଲାର କିଛି କିଛି ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହିତ ବର୍ଷା ଏବଂ ଘଂଟାପ୍ରତି ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ । ଅନ୍ୟପଟେ ଓଡ଼ିଶାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି । ଗତକାଲି ବରଗଡ଼ର ଅଧିକାଂଶ ଅଂଚଳରୁ ବିଦାୟ ନେଇଛି ମୌସୁମୀ ବାୟୁ । ଏଥିସହ ସୁନ୍ଦରଗଡ଼ ଝାରସୁଗୁଡ଼ା ବଲାଙ୍ଗିର ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାର କିଛି ଅଂଚଳରୁ ବି ପ୍ରତ୍ୟାବର୍ତ୍ତନ କରିଛି ।

ଅଢେଇ ବର୍ଷରେ ରାଜ୍ୟ ଛବିକୁ ମଳିନ କରିସାରିଲେଣି ଡବଲ ଇଞ୍ଜିନ ସରକାର : ନବୀନ

ଭୁବନେଶ୍ୱର, ୯/୧୦ (ଆ.ପ୍ର) : ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ସରକାରଙ୍କ ଉପରେ ଜୋରଦାର୍ ବର୍ଷିଛନ୍ତି । ସେ କହିଛନ୍ତି ଯେ, ବିଜେଡି ସେବାରେ ବିଶ୍ୱାସ କରେ, ବିକାଶରେ ବିଶ୍ୱାସ କରେ । ବିଜେଡି ସରକାର ସମୟରେ ଦ୍ରୁତ ବିକାଶ ପାଇଁ ଓଡ଼ିଶା ସାରା ଦେଶରେ ଏକ ମଡେଲ ରାଜ୍ୟ ହୋଇ ପାରିଥିଲା । ହେଲେ ଡବଲ ଇଞ୍ଜିନ ସରକାର ଅଢେଇ ବର୍ଷରେ ଓଡ଼ିଶାର ଛବିକୁ ପୂରା ମଳିନ କରି ସାରିଲେଣି । ଡବଲ ଇଞ୍ଜିନ ସରକାରର ବିଫଳତାକୁ ପ୍ରତି ଘରେ ଘରେ ପହଂଚାଇ ଲୋକଙ୍କୁ ସଚେତନ କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି । ବିଜେଡି ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇ ନବୀନ ପଟ୍ଟନାୟକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ବିଜୁ ବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ଲୋକ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ । ଏହି ସମାବେଶରେ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଅକ୍ଟୋବର ଦୁଇ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ବିଜେଡିର ପଦଯାତ୍ରା ନଭେମ୍ବର ଦୁଇ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ପ୍ରାୟ ଦଶ ହଜାରରୁ ଅଧିକ ଜନ ସମାବେଶ ହେବ ।

ମେଟ୍ରୋ ଓ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଗ୍ରହଣୀୟ ନୁହେଁ: ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୯/୧୦(ନ୍ୟୁ.ଏ): ଶନିବାର ହେବାକୁ ଥିବା କନ୍ସୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ପୂର୍ବରୁ ରାଜଧାନୀରେ ଲାଗୁ ହୋଇଥିବା ଅଭାବନୀୟ କଟକଣାକୁ ନେଇ ଆଜି ସୁପ୍ରିମ୍‌କୋର୍ଟ ସରକାରଙ୍କୁ ପ୍ରଶ୍ନ କରିବା ସହ ଏହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ସାଧାରଣ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦିଲ୍ଲୀ ମେଟ୍ରୋ ଏବଂ ଟ୍ରେନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇପାରିବ ନାହିଁ ବୋଲି ଶୁକ୍ରବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି । ଗୋଟିଏ ମାଛି ମାରିବା ପାଇଁ ଆପଣ ହାତୁଡ଼ି ବ୍ୟବହାର କରିପାରିବେ ନାହିଁ ବୋଲି ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ସହରର ସବୁ ପ୍ରାନ୍ତରୁ ଲୋକେ ଯାତ୍ରା କରୁଥିବାରୁ ସବୁ କିଛି ବନ୍ଦ କରାଯାଇପାରିବ ନାହିଁ ବୋଲି ଦର୍ଶାଇ କୋର୍ଟ ଏହି କଟକଣା ଉପରେ ପୁନର୍ବିଚାର କରିବାକୁ କହିଛନ୍ତି । ସାଧାରଣ ଜନତାଙ୍କର ସରକାରୀ ସେବା ପାଇବାର ଅଧିକାର ରହିଛି ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଯୁବକଙ୍କ ଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଯାତ୍ରା କରନ୍ତି ଏବଂ ଯାତ୍ରୀମାନଙ୍କର ମୌଳିକ ସୁବିଧା ପାଇବାର ଅଧିକାର ଅଛି ବୋଲି କୋର୍ଟ କେନ୍ଦ୍ର ସରକାରଙ୍କ ଓକିଲଙ୍କୁ ଜଣାଇଛନ୍ତି । ଏହାସହ ବନ୍ଦ ଥିବା ମେଟ୍ରୋ ଷ୍ଟେସନ ସଂଖ୍ୟା ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କଟକଣା ଲଗାଇବା ଏବଂ ସମ୍ପୂର୍ଣ୍ଣ ବନ୍ଦ କରିବା ମଧ୍ୟରେ ଫରକ ରହିଛି ବୋଲି ଅଦାଲତ କହିଛନ୍ତି । ସିପିଆଇଏମ୍ ସାଧାରଣ ସମ୍ପାଦକ ଏମ୍‌ଏ ବେବିଙ୍କ ଦ୍ୱାରା ଦାୟର ହୋଇଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ସାଂସଦ କପିଲ ସିବଲ କୋର୍ଟଙ୍କୁ କହିଥିଲେ ଯେ ସବୁ ଟ୍ରେନ ବାତିଲ ହେବା ସହ ମେଟ୍ରୋ ଷ୍ଟେସନ ବନ୍ଦ ରହିଛି, ଯାହାଦ୍ୱାରା କେହି କୁଆଡ଼େ ଯାଇପାରୁ ନାହାନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସଲିସିଟର ଜେନେରାଲଙ୍କୁ କହିଛନ୍ତି ଯେ ଆମେ ମେଟ୍ରୋ ଷ୍ଟେସନର ପ୍ରବେଶ ପଥ ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଚିନ୍ତିତ । ଆମର ଚିନ୍ତା କୌଣସି ନିର୍ଦ୍ଦିଷ୍ଟ ପ୍ରତିବାଦକାରୀ ବା ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ, ବରଂ ଗୁରୁଗ୍ରାମ, ଗ୍ରେଟର ନୋଏଡା, ପୂର୍ବ ଦିଲ୍ଲୀ ଏବଂ ଦକ୍ଷିଣ ଦିଲ୍ଲୀରୁ ନିଜ ଜୀବିକା ପାଇଁ ଆସୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ । ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଅଧିକାରକୁ ସମର୍ଥନ କରିବା ସହ ଜନସାଧାରଣଙ୍କ ସୁବିଧା ପାଇଁ କୋର୍ଟ ଏକ ସୀମା ରେଖା ଟାଣିଛନ୍ତି । ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ନିୟାମକ ବ୍ୟବସ୍ଥା ଲାଗୁ କରିବାକୁ ନିଶ୍ଚିତ ଭାବେ ହକଦାର, ମାତ୍ର ଏହାର ଅର୍ଥ ନୁହେଁ ଯେ ସବୁ କିଛି ସ୍ଥଗିତ କରି ଲୋକଙ୍କୁ ଯାତାୟାତ ସୁବିଧାରୁ ବଂଚିତ କରାଯିବ । ସମସ୍ତଙ୍କ ପାଖରେ କାର୍ ବା ବ୍ୟକ୍ତିଗତ ଯାନ ନାହିଁ, ଲୋକେ ସାର୍ବଜନୀନ ପରିବହନ ଉପରେ ନିର୍ଭର କରନ୍ତି ବୋଲି କୋର୍ଟ କହିଛନ୍ତି ।

ଭିଜିଲାନ୍ସ ଜାଲରେ ପୁଣି ଜଣେ କୋଟିପତି ସରକାରୀ ବାବୁ

ସୁନ୍ଦରଗଡ, ୯/୧୦ (ଆ.ପ୍ର) : ସାରା ରାଜ୍ୟରେ ଏବେ ଭିଜିଲାନ୍ସ ପୁରା ସକ୍ରିୟ ରହିଛି । କାହିଁକି ନାଁ ପ୍ରତିଦିନ ପ୍ରାୟ ଏଭଳି ଖବର ସାମ୍ନାକୁ ଆସୁଛି, ଯେଉଁଥିରେ ଜଣେ ସରକାରୀ ବାବୁ ଭିଜିଲାନ୍ସ ସ୍କାନରରେ ରହୁଥିବା ଦେଖିବାକୁ ମିଳୁଛି । ଆଉ ଏବେ ପୁଣି ସେହିଭଳି ଏକ ଘଟଣା ସାମ୍ନାକୁ ଆସିଛି । ସୁନ୍ଦରଗଡ ଦୁର୍ନୀତି ନିବାରଣ ଅଦାଲତର ସର୍ଚ୍ଚ ୱାରେଂଟ ବଳରେ ଓଡିଶା ଭିଜିଲାନ୍ସ ପକ୍ଷରୁ ଆଜି (ଶୁକ୍ରବାର) ସକାଳୁ ସ୍ଥାନୀୟ ମୃତିକା ସଂରକ୍ଷଣ ଉପ-ନିର୍ଦ୍ଦେଶକ ତଥା ୱାଟର ସେଡ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସ ଭବନ ସମେତ ୮ଟି ସ୍ଥାନରେ ଚଢାଉ ଚାଲିଛି । ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଶ୍ରାବଣୀ ରେସିଡେନ୍ସୀ ଫ୍ଲାଟ ନଂ. ୮ର ଦ୍ୱି ମହଲା ।

ଛାତ୍ର ସଂସଦ ନିର୍ବାଚନ ପାଇଁ ସରିଲା ନୋମିନେସନ୍, ବଢ଼ିଲା ପ୍ରାର୍ଥୀଙ୍କ ଟେନସନ୍

ଭୁବନେଶ୍ୱର, ୯/୧୦ (ଆ.ପ୍ର) : ଦୀର୍ଘ ୮ ବର୍ଷର ପ୍ରତୀକ୍ଷାର ଅନ୍ତ । ଆଜି ଓଡ଼ିଶାର କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଉଠୁଥିଲା ପଡୁଥିଲା କ୍ୟାମ୍ପସ । ଛାତ୍ର ସଂସଦ ନିର୍ବାଚନ ପାଇଁ ସକାଳୁ ସକାଳୁ ସରଗରମ ହୋଇଉଠିଥିଲା ମାହୋଲ । ରାଲି, ନାଚଗୀତ, ବାଜା ରୋଶଣି ଓ ମନ୍ଦିରରେ ପୂଜାର୍ଚ୍ଚନା ପରେ ନୋମିନେସନ୍ ଦାଖଲ କରିଛନ୍ତି ବିଭିନ୍ନ ଛାତ୍ର ସଂଗଠନର ପ୍ରାର୍ଥୀ । ରାଜ୍ୟରେ ସର୍ବମୋଟ ୩୪୮ ମହାବିଦ୍ୟାଳୟରେ ୮ ହଜାର ୩୨୫ ନାମାଙ୍କନ ଦାଖଲ ହୋଇଥିଲା । ଯେଉଁଥିରୁ ୧୧୭୫ ନାମାଙ୍କନ ପତ୍ର ଖାରଜ ହୋଇଛି । ସର୍ବମୋଟ ୭ ହଜାର ୧୬୮ ଯୋଗ୍ୟ ପ୍ରାର୍ଥୀ ଲଢ଼ିବେ ଛାତ୍ର ସଂସଦ ନିର୍ବାଚନ । ବାଜା ବଜାଇ, ବାଣ ଫୁଟାଇ, ନାଚ-ଗୀତ ମଧ୍ୟରେ ଶହ ଶହ ସମର୍ଥକଙ୍କୁ ଧରି, ଆଶାୟୀ ପ୍ରାର୍ଥୀଙ୍କ ଶକ୍ତି ପ୍ରଦର୍ଶନ । ନାମାଙ୍କନ ଦିନରେ କ୍ୟାମ୍ପସ୍‌ର ଚିତ୍ର ପୁରା ରଙ୍ଗୀନ । ପୂର୍ବ ନିର୍ଦ୍ଧାରିତ ସମୟ ଦିନ ୧୦ଟାରୁ ଗୋଟାଏ ମଧ୍ୟରେ ନାମାଙ୍କନ ଦାଖଲ କରିଛନ୍ତି ପ୍ରାର୍ଥୀ । ଲକ୍ଷ୍ୟ ଗୋଟିଏ, ନିଜର ଶକ୍ତି ପ୍ରଦର୍ଶନ ସହ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଟକ୍କର ଦେବା । କଟକର ରେଭେନ୍ସା, ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜ, ଢେଙ୍କାନାଳର ଭୁବନ ବାହିନୀଭୋତ କଲେଜ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଞ୍ଜାମ ଜିଲ୍ଲା ଅସିକା ବିଜ୍ଞାନ ମହାବିଦ୍ୟାଳୟ ଓ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ସହ କଳାହାଣ୍ଡିର ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ- ସବୁଠି ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ABVP, NSUI ଏବଂ BCJD ପ୍ରାର୍ଥୀମାନେ ଶକ୍ତି ପ୍ରଦର୍ଶନ କରି ନିଜ ନିଜର ବିଜୟ ଦାବି କରିଛନ୍ତି । ଆସିକାରେ ନୋମିନେସନ ପୂର୍ବରୁ ମା' ଖମେଶ୍ୱରୀ ଓ ବୁଢ଼ୀଜଳ ଚଣ୍ଡୀ ମନ୍ଦିରରେ ଆଶୀର୍ବାଦ ନେଇ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ବାହାରିଥିଲେ । ଏହି ନିର୍ବାଚନୀ ମାହୋଲ ଭିତରେ କିଛି ରୋଚକ ଚିତ୍ର ମଧ୍ୟ ସାମ୍ନାକୁ ଆସିଛି । ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡିସ୍ଥିତ ପନାବେଡା ମହାବିଦ୍ୟାଳୟ ସ୍ଥାପନ ଦିନଠାରୁ ପ୍ରଥମ ଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ସେଠାରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି । ଅନ୍ୟପଟେ ଯାଜପୁର ଧର୍ମଶାଳା ମହାବିଦ୍ୟାଳୟରେ ୧୭ଟି ପଦବୀ ପାଇଁ କେବଳ ABVP ପ୍ରାର୍ଥୀ ନୋମିନେସନ ଭରିଥିବାରୁ ଏକତରଫା ବିଜୟ ସମ୍ଭାବନା ସୃଷ୍ଟି ହୋଇଛି । ତେବେ ଉତ୍ସାହ ଭିତରେ ଅସନ୍ତୋଷର ନିଆଁ ମଧ୍ୟ ଦେଖିବାକୁ ମିଳିଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନୋମିନେସନ ଦାଖଲ କରିବାକୁ ଆସିଥିବା କିଛି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବିଳମ୍ବ ଦର୍ଶାଇ କର୍ତ୍ତୃପକ୍ଷ ସୁଯୋଗ ନଦେବାରୁ, ଭିସି ଅଫିସ ସମ୍ମୁଖରେ ଛାତ୍ରଛାତ୍ରୀମାନେ ବ୍ୟାପକ ପ୍ରତିବାଦ କରିଥିଲେ । ସୁରକ୍ଷା କାରଣରୁ ଭଦ୍ରକ ମହିଳା ମହାବିଦ୍ୟାଳୟ ଏବଂ ରଣ୍ଡାପୋଖରୀର ନାଥମୀ କଲେଜରେ ନିର୍ବାଚନ ବାତିଲ କରିଛନ୍ତି କଲେଜ କର୍ତ୍ତୃପକ୍ଷ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତ୍ୟେକ କ୍ୟାମ୍ପସରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଲିଙ୍ଗଡୋ କମିଶନଙ୍କ ନିୟମାବଳୀ ଅନୁଯାୟୀ ଯାଂଚ ପ୍ରକ୍ରିୟା ଶେଷ ହେବା ପରେ ପ୍ରକାଶ ପାଇଛି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା । ନାମାଙ୍କନରେ ପାୱାର୍ ସୋ' ପରେ ଆଗକୁ ପ୍ରଚାରରେ ହେବ ଜୋରଦାର ଟକ୍କର । ପ୍ରତିଶ୍ରୁତି, ରଣନୀତି ଆଉ ଛାତ୍ରଛାତ୍ରୀଙ୍କ ସମର୍ଥନ, ଏସବୁ ଭିତରେ ନିଜ ପାଇଁ ଭୋଟ୍ ଯୋଗାଡ଼ କରିବାକୁ ଚାଲିବ କସରତ । କ୍ୟାମ୍ପସ୍‌ର ଏହି ଲଢ଼େଇରେ ଶେଷ ହସ ହସିବ କିଏ ଭିଡ଼ ଜିତିବ, ନା ଭୋଟ୍ ତାହା ଦେଖିବାର କଥା ।

ସିଇସିଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟ ଯିବ ଇଣ୍ଡିମେଂଟ

ନୂଆଦିଲ୍ଲୀ, ୯/୧୦ (ନ୍ୟୁ.ଏ): ଦେଶରେ ଭୋଟ୍ ଚୋରି ଅଭିଯୋଗକୁ ନେଇ ଇଣ୍ଡିମେଂଟର ନେତାମାନେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ଆସନ୍ତା ସୋମବାର ଦିନ ସୁପ୍ରିମ୍‌କୋର୍ଟ ଯାଇ ପ୍ରଧାନବିଚାରପତିଙ୍କୁ ମଧ୍ୟ ଏକ ସ୍ମାରକପତ୍ର ଦେବାକୁ ଯୋଜନା କରିଛନ୍ତି । ଏସ୍‌ଆଇଆର ପ୍ରସଙ୍ଗରେ ଆଇନଗତ ଓ ନ୍ୟାୟିକ ପଦକ୍ଷେପ ପାଇଁ ସେମାନେ ପ୍ରଧାନବିଚାରପତିଙ୍କ ନିକଟରେ ଆବେଦନ କରିବେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି । ଆଜି ସଂଧ୍ୟା ୮ଟାରେ ରାଷ୍ଟ୍ରପତି ଭବନରୁ ଫେରିବା ପରେ ରାହୁଲ କହିଛନ୍ତି, ଦେଶରେ ଭୋଟ୍ ଚୋରି ଅଭିଯୋଗକୁ ରାଷ୍ଟ୍ରପତି ମୁର୍ମୁ ଖଣ୍ଡନ କରିନାହାନ୍ତି । ବରଂ ଏ ସମ୍ପର୍କରେ ପ୍ରମାଣ ଦେବାକୁ କହିଛନ୍ତି । ଶୁକ୍ରବାର ରାତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ପରେ ସେ ଏହି ସୂଚନା ଦେଇଛନ୍ତି । ଅଭିଯୋଗର ପ୍ରମାଣ ଦେବାକୁ ରାଷ୍ଟ୍ରପତି କହିଥିବାରୁ ଆମେ ପ୍ରମାଣ ଦେବୁ ବୋଲି ରାହୁଲ କହିଛନ୍ତି । ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ବିଚାର କରିବେ ଏବଂ ପଦକ୍ଷେପ ନେବେ ବୋଲି କହିଥିବାରୁ ରାହୁଲ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଂଟର ଆନ୍ଦୋଳନ ଗତ କିଛି ଦିନ ଧରି ଜାରି ରହିଛି । ଶୁକ୍ରବାର ସଂସଦର ସେଂଟ୍ରାଲ ହଲ୍‌ରେ ବିରୋଧୀ ସାଂସଦମାନେ ବୈଠକ କରିବା ପରେ ରାଷ୍ଟ୍ରପତି ଭବନ ଅଭିମୁଖେ ଯାଇଥିଲେ । ରାତି ପ୍ରାୟ ୭ଟା ୪୦ ମିନିଟ୍‌ରେ ବିଜୟ ଚୌକ୍‌ଠାରେ ପୁଲିସ ସେମାନଙ୍କୁ ଅଟକାଇଥିଲା । ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ୧୦ ଜଣ ନେତାଙ୍କୁ ଆଗକୁ ଯିବାକୁ ଅନୁମତି ମିଳିଥିଲା । ଏହି ପ୍ରତିନିଧି ଦଳରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ମମତା ବାନାର୍ଜୀ, ଓମାର ଅବଦୁଲ୍ଲା, ମନୋଜ ଝା, ଡି ରାଜା, ଟି ତିରୁମାଭାଲାଭନ, ଏମ୍‌ଏ ବେବି, ରାଜୀବ ରାୟ ଓ ସୁପ୍ରିୟା ସୁଲେ ସାମିଲ ଥିଲେ । ସେମାନେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ବିରୋଧୀ ଦଳଗୁଡ଼ିକ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ବନ୍ଦ କରିବା ଏବଂ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୧୩.୮ କୋଟି ଲୋକଙ୍କ ନାମ ପୁନଃ ଯୋଡ଼ିବା ଦାବି କରିଛନ୍ତି । ଏଥିସହ ବାଲଟ୍ ପେପ ର୍‌ରେ ନିର୍ବାଚନ କରାଇବାକୁ ମଧ୍ୟ ଦାବି ହୋଇଛି । ଅନ୍ୟପକ୍ଷରେ ସିଇସିଙ୍କ ଇସ୍ତଫା ଦାବିରେ ଆସନ୍ତାକାଲି ଦିଲ୍ଲୀରେ ସିଜେପିର ଆନ୍ଦୋଳନକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

କୁଟିଣ୍ଡାରେ 'ସେବା ସଂକଳ୍ପ ଅଭିଯାନ'ରେ ସାଂସଦ
ଶିଶୁ ଓ ଗର୍ଭବତୀ ମା'ଙ୍କ ଯତ୍ନ ନେବା ଆମର ସାମାଜିକ ଦାୟିତ୍ୱ - ଧର୍ମେନ୍ଦ୍ର ପ୍ରଧାନ

କୁଟିଣ୍ଡା/ସମ୍ବଲପୁର, ୦୯/୧୦ (ଆ.ପ୍ର) : ନବଜାତ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ବୋଲି ଆଜି ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଟିଣ୍ଡା ଗସ୍ତ ଅବସରରେ 'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି କୁଟିଣ୍ଡା ଠାରେ ନବନିର୍ମିତ 'ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର' ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ । ସାଂସ୍କୃତିକ କେନ୍ଦ୍ର ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ଜନହିତକର ପ୍ରକଳ୍ପଗୁଡ଼ିକ କୁଟିଣ୍ଡାକୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଥିଲେ । ଏହାପରେ ସାଂସଦ ଶ୍ରୀ ପ୍ରଧାନ କୁଟିଣ୍ଡା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ପଚାରି ବୁଝିଥିଲେ । 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ଆଙ୍ଗନ ମିଳନ' ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା'ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ଭାବ ବିନିମୟ କରିଥିଲେ । ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଆମର ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ଆୟୋଜିତ ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ, ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ । ଏହି ସଂକଳ୍ପଗୁଡ଼ିକୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ । କୁଟିଣ୍ଡାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଏବଂ ଉତ୍ତମ ରାସ୍ତାଘାଟ ନିର୍ମାଣ କରି କୁଟିଣ୍ଡାର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ

ପାତ୍ରପୁର, ୦୯/୧୦ (ଆ.ପ୍ର) : ପାତ୍ରପୁର ବ୍ଲକ ଜରଡ଼ା କ୍ଲଷ୍ଟର ପାର୍ଥ ସାରଥୀ ମହନ୍ତ ରଘୁନାଥ ବିଦ୍ୟାପୀଠ ଜରଡ଼ା ଠାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ସମୃଦ୍ଧ ଭାଷା ସମୃଦ୍ଧ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିଆରସିସି ପ୍ରଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସରପଂଚ ତିଳ ବେହେରା, ମୁଖ୍ୟ ବକ୍ତା ଭାବେ ଏବିଇଓ ଜଗନ୍ନାଥ ଭୂୟାଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ପଦ୍ମନ ଶବର, ନାଏବ ସରପଂଚ ମାଧବ ଦାଡତ୍ୟା, ଏସଏମ୍‌ସି ଅଧ୍ୟକ୍ଷା ପ୍ରିୟଙ୍କା ମହାନ୍ତି, ଉପାଧ୍ୟକ୍ଷା ମିନତି ଜେନା, ମନୋଜ କୁମାର ପାତ୍ର, ପୂର୍ବତନ ସିଆରସିସି ଲିଟୁ ପାତ୍ର , ସିଆରସିସିକେ ଜୀବନ ରାଓ ପ୍ରମୁଖ ମଂଚାସିନ ରହି ଅଭିଭାଷଣ ପ୍ରଦାନ କରିଥିଲେ । କ୍ଲଷ୍ଟରର ୧୦ଟି ବିଦ୍ୟାଳୟ ସ୍ତରର କୃତୀ ଛାତ୍ରଛାତ୍ରୀମାନେ ସଂଗୀତ, କୁଇଜ୍, ବକ୍ତୃତା, ଲିଖନ, ଚିତ୍ରାଙ୍କନ, ଗଣିତ ଦୌଡ଼ ଓ ନୃତ୍ୟ ପରିବେଷଣ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଚାରକ ମଣ୍ଡଳୀ ଦ୍ୱାରା ମନୋନୀତ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର, ସିଲ୍ ଓ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶିକ୍ଷକ ତ୍ରିନାଥ ବେହେରା, ତତ୍ତ୍ୱ ଗଣେଶ ଓ ଶରତ ଚନ୍ଦ୍ର ପାତ୍ରୀ ମଂଚ ପରିଚାଳନା କରିଥିବାବେଳେ କ୍ରିଡ଼ା ଶିକ୍ଷକ ଭୀମସେନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ବ୍ଲକ୍ ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେଇ ନିଜର ପାରଦର୍ଶିତା ପ୍ରଦର୍ଶିତ କରିବେ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ସତ୍ୟ, ତ୍ୟାଗ ଓ ନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ
ଉତ୍କଳମଣି ଗୋପବନ୍ଧୁ : ମନମୋହନ ସାମଲ

ଭୁବନେଶ୍ୱର, ୦୯/୧୦ (ଆ.ପ୍ର) : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଆମ ଓଡିଶାର ବିଶ୍ୱାସ ଓ ବିଶ୍ୱାସନୀୟତାର ପ୍ରତୀକ ଅଟନ୍ତି । ସେ କେବଳ ଉତ୍କଳର ନୁହନ୍ତି, ସେ ହେଉଛନ୍ତି ସାରା ବିଶ୍ୱର ମଣି । ସେ ଏକାଧାରରେ ଥିଲେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, କବି, ଲେଖକ ଏବଂ ଦୈନିକ ଖବରକାଗଜ ସମାଜ ଓ ସତ୍ୟବାଦୀ ପତ୍ରିକାର ପ୍ରତିଷ୍ଠାତା । ସେ ଥିଲେ ସତ୍ୟ, ତ୍ୟାଗ ଓ ନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ । ଓଡ଼ିଶାର ଏହି ମହାମନିଷୀ ବରପୁତ୍ରଙ୍କ ୧୪୯ତମ ଜନ୍ମଜୟନ୍ତୀ ପାଳନ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ଛକରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଉତ୍କଳମଣି ଗୋପବନ୍ଧୁ ଦାସ ସାଧାରଣ ଲୋକଙ୍କ ପାଖରେ ସବୁ ଅସୁବିଧା ସମୟରେ ଛିଡା ହେଉଥିଲେ ସେଥିପାଇଁ ସେ ଏକ ଅନୁଷ୍ଠାନ ଥିଲେ । ସେ ସେତେବେଳେ ପରାଧୀନ ଭାରତବର୍ଷରେ ଲୋକଙ୍କ ମଧ୍ୟରେ ପ୍ରେରଣା ଯୋଗାଇ କିପରି ଲକ୍ଷ ଲକ୍ଷ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ, ତାହା ଆମ ପାଇଁ ଶିକ୍ଷଣୀୟ ବିଷୟ । ସେ ଓଡିଆ ଭାଷା ବିଲୋପ ବିରୁଦ୍ଧରେ ପ୍ରତିବାଦ କରିଥିଲେ । ତାଙ୍କର ଆହ୍ୱାନ ଥିଲା କି, ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତାହାର ଭାଷା । ଭାଷା ହିଁ ଜାତିର ପ୍ରାଣ ସ୍ପନ୍ଦନ । ସେହିପରି କଲିକତାରେ ସେ ଉଚ୍ଚ ଶିକ୍ଷା କରୁଥିବା ସମୟରେ ପ୍ରବାସୀ ଓଡିଆଙ୍କ ଦୁଃଖ ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ଓଡିଶା ଶ୍ରମିକ ସଂଘ ଏବଂ ସାନ୍ଧ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଧାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସଂପାଦକ ସରୋଜ କୁମାର କର, ବରିଷ୍ଠ ନେତା ଗୋଲକ ମହାପାତ୍ର, ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କୃଷକମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢୀ, ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରଶ୍ମି ମହାପାତ୍ର ଓ ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜକ ଜ୍ୟୋତି ରଞ୍ଜନ ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

ସୁହାସ ଚାକମା-ବନାମ-ଭାରତ ସରକାର ଓ ଅନ୍ୟାନ୍ୟ ମାମଲା ସମ୍ବନ୍ଧରେ ସଚେତନତା

ନୂଆପଡା : ୦୯/୧୦ (ଆ.ପ୍ର) : ନୂଆପଡ଼ା ସୁନସୁନିଆସ୍ଥିତ ମହାମାୟା ଆଇନ ମହାବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସୁହାସ ଚାକମା-ବନାମ-ଭାରତ ସରକାର ଓ ଅନ୍ୟାନ୍ୟ (ୱ୍ରିଟ୍ ପିଟିସନ୍ (ସିଭିଲ) ନଂ ୧୦୮୨/୨୦୨୦) ମାମଲା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସର୍ବୋଚ୍ଚ ନ୍ୟାୟାଳୟର ଆଇନଜୀବୀ ସଞ୍ଜୀବ କୁମାର ମହାନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅନିଲ କୁମାର ଡାଣ୍ଡି, ମହାବିଦ୍ୟାଳୟର ଅଧ୍ୟାପକଗଣ ଓ ଅଧିକାର ମିତ୍ରଗଣ ଉପସ୍ଥିତ ହୋଇ ସୁହାସ ଚାକମା-ବନାମ-ଭାରତ ସରକାର ଓ ଅନ୍ୟାନ୍ୟ (ୱ୍ରିଟ୍ ପିଟିସନ୍ (ସିଭିଲ) ନଂ ୧୦୮୨/୨୦୨୦) ମାମଲା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହି ଅବସରରେ ସଚିବ ନବନୀତା ଦାଶ ମାଗଣା ଆଇନ ସେବା ପ୍ରଦାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ବିଷୟରେ ଚର୍ଚ୍ଚା କରିଥିଲେ ।

କୋକସରା ବ୍ଲକ ସ୍ତରୀୟ ସେବାସେତୁ କାର୍ଯ୍ୟକ୍ରମ

କୋକସରା, ୦୯/୧୦ (ଆ.ପ୍ର) : କୋକସରା ବ୍ଲକ ସଭାଗୃହରେ ଶୁକ୍ରବାର 'ସେବା ସେତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଡିଓ ଡ଼ ହିମାଂଶୁ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ପ୍ରାୟ ୨୨ ଗୋଟି ପଂଚାୟତର ବହୁ ଲୋକ ଏହି ଶିବିରରେ ଯୋଗଦେଇ ବିଭିନ୍ନ ସମସ୍ୟା ଅଧିକାରୀଙ୍କ ସମ୍ମୁଖରେ ରଖିଥିଲେ । ବାର୍ଦ୍ଧକ୍ୟ ଓ ବିଧବା ଭତା, ଆବାସ ଯୋଜନା, ରାସନ କାର୍ଡ, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ସ୍ୱାସ୍ଥ୍ୟସେବା, ଆଧାର କାର୍ଡ ଏବଂ ଜମିଜମା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତହସିଲଦାର ଡୋଡ଼ଗର୍ଙ୍ଗ ପ୍ରଧାନ, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ତତ୍ତ୍ୱଦର୍ଶୀ ଦାସ, ଜିପିଡିଓ ମିଲୁ ପ୍ରଧାନୀ,ଯୋଗାଣ ନିରୀକ୍ଷକ ଜଗାରାମ ମୁର୍ମୁ , ବିଏସ୍ଏସ୍ଓ ଲୋକନାଥ ଭାଟି, ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ବିଭିନ୍ନ ପଂଚାୟତର ସରପଂଚ, ପିଇଓ, ଏଡିଓ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ । 'ସେବା ସେତୁ' ମାଧ୍ୟମରେ ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଂଚାଇବା ସହ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏବିଭିପି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ, ୮ ବର୍ଷ ପରେ କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ସାହ

ବାସୁଦେବପୁର, ୦୯/୧୦ (ଆ.ପ୍ର) : ଦୀର୍ଘ ୮ ବର୍ଷର ଅପେକ୍ଷାର ଅନ୍ତ । ପୁଣି ଚଳଚଂଚଳ ହେବ କଲେଜ କ୍ୟାମ୍ପସ୍ । ଜମିବ ଛାତ୍ର ରାଜନୀତିର ମାହୋଲ୍ । ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଭରିଛି ଉତ୍ସାହ ଓ ଉଦ୍ଦୀପନା । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ-ଏବିଭିପି ପକ୍ଷରୁ ବିଭିନ୍ନ ପଦବୀ ପାଇଁ ଛାତ୍ରଛାତ୍ରୀମାନେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ନିର୍ବାଚନକୁ ନେଇ କଲେଜ ପରିସରରେ ଏବେଠାରୁ ଦେଖିବାକୁ ମିଳିଲାଣି ରାଜନୈତିକ ଉଷ୍ମତା । ଆଠ ବର୍ଷର ଲମ୍ବା ବ୍ୟବଧାନ ପରେ ପୁଣି କଲେଜ କ୍ୟାମ୍ପସ୍‌ରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ନୂଆ ଉତ୍ସାହ ନିଜର ପ୍ରତିନିଧି ବାଛିବା ସହ କଲେଜର ବିଭିନ୍ନ ସମସ୍ୟା, ଛାତ୍ରଛାତ୍ରୀଙ୍କ ଦାବି ଓ ଅଧିକାରକୁ ନେଇ ସ୍ୱର ଉଠାଇବାର ସୁଯୋଗ ମିଳିବାକୁ ଥିବାରୁ ଏହି ନିର୍ବାଚନକୁ ନେଇ ରହିଛି ବିଶେଷ ଉତ୍ସୁକତା । ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ ଏବିଭିପି ପକ୍ଷରୁ ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀମାନେ ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଛାତ୍ର ରାଜନୀତିର ଏହି ମଇଦାନରେ ପ୍ରାର୍ଥୀମାନେ ନିଜର ସ୍ଥିତି ମଜବୁତ କରିବାକୁ ଉଦ୍ୟମ ଆରମ୍ଭ କରିଥିବାବେଳେ ଆଗାମୀ ଦିନରେ ନିର୍ବାଚନୀ ମାହୋଲ୍ କିପରି ରହିବ, ତାହାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି । ଛାତ୍ର ସଂସଦ ନିର୍ବାଚନ କେବଳ ପଦପଦବୀ ହାସଲ କରିବାର ମାଧ୍ୟମ ନୁହେଁ, ବରଂ ଏହା ଛାତ୍ରଛାତ୍ରୀଙ୍କ ନେତୃତ୍ୱ, ଦାୟିତ୍ୱବୋଧ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ । ତେବେ ଦୀର୍ଘ ବର୍ଷ ପରେ ହେବାକୁ ଥିବା ଏହି ନିର୍ବାଚନରେ କାହା ସପକ୍ଷରେ ଯିବ ଛାତ୍ରଛାତ୍ରୀଙ୍କ ସମର୍ଥନ ? କେଉଁ ପ୍ରାର୍ଥୀ ହାତେଇବେ ବିଜୟ ମୁକୁଟ ? ତାହା ଉପରେ ଏବେ ସମସ୍ତଙ୍କ ନଜର ।

ବାଣପୁର କୃଷି ସେବାସମବାୟ ସମିତି ମାଧ୍ୟମରେ ରଙ୍ଗୋଲି ରାଷ୍ଟ୍ର ପାଳିତ

ଟାଙ୍ଗି ଳା/ବାଣପୁର, ୦୯/୧୦(ଆ.ପ୍ର): ରାଜ୍ୟ ସରକାରଙ୍କ ସମବାୟ ଓ ହସ୍ତଶିଳ୍ପ ମାଧ୍ୟମରେ କରାଯାଉଥିବା ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଖୋର୍ଦ୍ଧା ସହକାରୀ ନିବନ୍ଧକ ଭଗବତୀ ମାରାଣ୍ଡିଙ୍କ ଆୟୋଜନରେ ବାଣପୁର ସମସ୍ତ କୃଷି ସମବାୟ ସମିତି ଲିଃ ସହଯୋଗରେ ବାଣପୁର କୃତିବାସ ଭବନ ପରିସରରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ରଙ୍ଗ ବେରଙ୍ଗର ଖୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅତିଥି ଭାବେ ବଡହନ୍ତୁଆଡ଼ ସେବା ସମବାୟ ସମିତି ସଭାପତି ମାଧବ ଚନ୍ଦ୍ର ବାରିକ, ଦେଓଗାଁ ସେବା ସମବାୟ ସଭାପତି ସୁକାନ୍ତ କୁମାର ବିଷୋୟୀ, ସୁକାନ୍ତ ଚରଣ ଖୁଂଟିଆ ଏସଏଆରସିଏସ, ସସ୍ମିତା ସାହୁ ଏସଆରସିଏସ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଜନକଲ୍ୟାଣ ଯୋଜନା ହସ୍ତତନ୍ତ ବିକାଶ ଶିଳ୍ପ କରଣ, ରେଶମ, ଶିଳ୍ପୀ ଉନ୍ନତି, ସୃଜନୀକା ବିକାଶ ଓ କର୍ମଶାଳା ଭଳି ସରକାରଙ୍କ ଯୋଜନା ଉପରେ ଉପସ୍ଥିତ ଥିବା ସ୍ୱୟଂ ଗୋଷ୍ଠିର ମା'ମାନଙ୍କୁ ବୁଝାଇବା ସହ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମର ଖୋଟି ପ୍ରତିଯୋଗିତାରେ ଆଠ ରୁ ଉର୍ଦ୍ଧ୍ୱ ଗୋଷ୍ଠୀ ଭାଗ ନେଇଥିବା ବେଳେ କପିଳେଶ୍ୱର ଦେବ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ, ଜଗନ୍ନାଥ କ୍ରାଫ୍ଟ ଗୋଷ୍ଠୀ ଦ୍ୱିତୀୟ ଏବଂ ଗୋପୀନାଥ ପୁର ନୂଆସାହି ତୃତୀୟ ହୋଇ ଥିବା ବେଳେ ଫଳକ ଏବଂ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସୁନ୍ଦର କାର୍ଯ୍ୟ କ୍ରମରେ ବଡ଼ ହନ୍ତୁଆଡ଼ -ପ୍ରସନ୍ନ କୁମାର ପଟ୍ଟନାୟକ, କୁମାରଙ୍ଗ -ସଂଜୀବ କୁମାର ସାହୁ, ଦେଓଗାଁ -ଭବାନୀ ଶଙ୍କର ବିଷୋୟୀ, ତୁମ୍ବୁରାପୁଟ -ଅଶ୍ୱିନୀ କୁମାର ବେହେରା ଓ ଡୋମଣି -ବଳଭଦ୍ର ସାହୁ ଙ୍କ ସମେତ ବାଣପୁର ସେବା ସମବାୟ ସମିତିର ସମସ୍ତ ସମ୍ପାଦକ, କର୍ମଚାରୀ ସହଯୋଗ କରିଥିଲେ । ଏଭଳି ସୁନ୍ଦର କାର୍ଯ୍ୟକ୍ରମର ସଫଳତା ପାଇଁ ବଡ଼ ହନ୍ତୁଆଡ଼ ସେବା ସମବାୟ ସମିତିର ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଭାରସାମ୍ୟ ହରାଇ ଓଲଟି ପଡ଼ିଲା ବସ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହାତ

ବଣାଇଁ, ୦୯/୧୦ (ଆ.ପ୍ର) : ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ମଧୁପୁର ନିକଟରେ ଭାରସାମ୍ୟ ହରାଇ ଏକ ବସ୍ ରାସ୍ତା କଡ଼କୁ ଓଲଟି ପଡ଼ିବାରୁ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଅଂଶିକା ନାମକ ଏକ ବସ ଝାରସୁଗୁଡ଼ାରୁ ବାହାରି ବଣାଇଁ ଅଭିମୁଖେ ଆସୁଥିବା ବେଳେ ସକାଳ ପ୍ରାୟ ୧୧ ଟା ପାଖାପାଖି ସମୟରେ ଟିଲବାନ୍ଦ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ବସରେ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିବା ବେଳେ ସେଥିରୁ ୧୫ ଜଣ ପାଖାପାଖି ଯାତ୍ରୀ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଗୁରୁଣ୍ଡିଆ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଗୁରୁଣ୍ଡିଆ ଡାକ୍ତରଖାନାକୁ ପଠାଇ ଦେଇଥିଲେ । ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ରାଉରକେଲା ଏବଂ ୨ଜଣ ଅଧିକ ଗୁରୁତର ଥିବାରୁ ବଣାଇଁ ଉପଖଣ୍ଡ ଡ଼ାକ୍ତରଖାନାକୁ ପଠାଯାଇଥିବା ସୂଚନା ମିଳିଛି । ଗୁରୁଣ୍ଡିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

ଚନ୍ଦାହାଣ୍ଡି ବ୍ଲକ ସ୍ଥିତ ପାଟଖଳିଆ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ

ଚନ୍ଦାହାଣ୍ଡି, ୦୯/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସ୍ଥିତ ପାଟଖଳିଆ ଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବନ୍ଧକୋଣା ପ୍ରାଙ୍ଗଣରେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀକାନ୍ତ ନାଏକ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧନେଶ୍ୱର ଖମାରୀ ଙ୍କ ଅଧ୍ୟକ୍ଷତାରେ ଚନ୍ଦାହାଣ୍ଡି ସରପଂଚ ସୁଶୀଳା ପୂଜାରୀ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସିଆରସିସି ଅଭିରାମ ବଗର୍ତ୍ତୀ, ସମ୍ମାନିତ ଅତିଥି ସମିତି ସଭ୍ୟା ନିରୁପମା ଧୁରୁଆ, ବିଦ୍ୟାଳୟ ସଭାପତି ସଚିନ ନାୟକ, ସନିନ୍ଦ୍ର ଶୋରିଙ୍କ ସମେତ ସମସ୍ତ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ମଂଚାସୀନ ହୋଇଥିଲେ । ଅତିଥି ମାନେ ସୁରଭି କାର୍ଯ୍ୟକ୍ରମ ଶିକ୍ଷାର୍ଥୀ ମାନଙ୍କ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ପାଇଁ ଏକ ବିଶେଷ ସ୍ଥାନ ବୋଲି ଅଭିହିତ କରିଥିଲେ । ଏହି ସୁରଭି କାର୍ଯ୍ୟକ୍ରମ ଅବସରରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଚିତ୍ର, ପ୍ରବନ୍ଧ, ବିତର୍କ, ସଙ୍ଗୀତ, କୁଇଜ୍, ବାକ୍ତୃତା, ନୃତ୍ୟ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରକାଶ ଯେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀ ମାନେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଶିକ୍ଷକ କପିଳାସ ସୁନା ମଂଚ ପରିଚାଳନା କରିଥିଲେ । ଅରୁଣ ସାହୁ, ଦୁର୍ବାସା ସାହୁ, ମୀନକେତନ ଲୋହରା, ବିଜୟ କୁମାର ପାରି, ସୁବାଷଚନ୍ଦ୍ର ମହାପାତ୍ର, ବୃନ୍ଦାବନ ସାହୁ, ପ୍ରଭୁଲାଲ ପୂଜାରୀ, ବାସୁ ଡଙ୍ଗରୀ, ଲକ୍ଷ୍ମୀ ନାରାୟଣ ପୂଜାରୀ, ନିଲେନ୍ଦ୍ର ନାୟକ, ସସ୍ମେଶ୍ୱରି ନାୟକ, ପୁଷ୍ପାଞ୍ଜଳି ନାୟକ, ଲୁଦ୍ରାଣୀ ନାୟକ, ଦେବାନନ୍ଦ ନାୟକ, ପୂର୍ଣ୍ଣଚନ୍ଦ୍ର ଗୌଡ, ଯୁବରାଜ ସାହୁ, ପ୍ରଦୀପ କୁମାର ଦାଶ, ଫୁଲସିଂ ଜାନି, କର୍ଣ୍ଣ ଶବର, ଦେବିସିଂ ମାଝୀ, ଅନ୍ନପୂର୍ଣ୍ଣା ମାଝୀଙ୍କ ସମେତ ଚନ୍ଦାହାଣ୍ଡି କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ ଶେଷରେ ସହକାରୀ ଶିକ୍ଷକ ଗୌରହରି ସଭାଟିକୁ ସାଙ୍ଗ କରିଥିଲେ ।

ଆଦିବାସୀ ମହାବିଦ୍ୟାଳୟରେ 'ବେଟି ବଚାଓ, ବେଟି ପଢ଼ାଓ' ୟୁଥ୍ କନକ୍ଲେଭ୍
ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସଶକ୍ତୀକରଣ ଉପରେ ଗୁରୁତ୍ୱ

ବାଲିଗୁଡ଼ା, ୦୯/୧୦ (ଆ.ପ୍ର) : ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସର୍ବାଙ୍ଗୀନ ବିକାଶ ସହ ମହିଳା ସଶକ୍ତୀକରଣ ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟରେ 'ବେଟି ବଚାଓ, ବେଟି ପଢ଼ାଓ' ୟୁଥ୍ କନକ୍ଲେଭ୍ ଅନୁଷ୍ଠିତ ହୋଇଛି । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବାଲିଗୁଡ଼ା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସିଡିପିଓ ଇନ୍ଦିରା ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । କାର୍ଯ୍ୟକ୍ରମରେ ଆଦିବାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ସୁଲୋଚନା କହଁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ବେହେରା ଓ ପଦ୍ମଲୋଚନ ପଣ୍ଡା ଏବଂ ଅତିରିକ୍ତ ତହସିଲଦାର କବିରାଜ ଆର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବାଳିକାଙ୍କୁ ଶିକ୍ଷାର ସମାନ ସୁଯୋଗ ପ୍ରଦାନ, ବାଲ୍ୟବିବାହ ରୋକିବା, ମହିଳାଙ୍କ ପ୍ରତି ଭେଦଭାବ ଦୂର କରିବା ଏବଂ ସମାଜରେ ଝିଅମାନଙ୍କ ମର୍ଯ୍ୟାଦା ଓ ଅଧିକାରର ସୁରକ୍ଷା ଭଳି ବିଷୟ ଉପରେ ସଚେତନତାର ଗୁରୁତ୍ୱ ରହିଥିଲା । ଝିଅମାନଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସଶକ୍ତ କରିବାରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଯୋଜକ ଦୀପକ କୁମାର ସାହୁ, ସୁନିତା ପ୍ରଧାନ, ସସ୍ମିତା ପ୍ରଧାନ, ବନବାସୀ ସେବା ସମିତିର କର୍ମକର୍ତ୍ତା, ଆଇସିଡିଏସ୍‌ର ସମସ୍ତ ସୁପରଭାଇଜର ଏବଂ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ବାଳିକାଙ୍କ ଅଧିକାର, ଶିକ୍ଷା ଓ ସମାନତା ସମ୍ପର୍କିତ ସଚେତନତା ବୃଦ୍ଧି ପାଇବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତା ପହଂଚିବ ବୋଲି ଆଶା ପ୍ରକାଶ ପାଇଛି ।

ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଖଣ୍ଡପଡ଼ା, ୦୯/୧୦ (ଆ.ପ୍ର) : ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀ ଉତ୍ସବ ଖଣ୍ଡପଡ଼ା ଠାରେ ଶୁକ୍ରବାର ପାଳିତ ହୋଇଯାଇଛି । ଖଣ୍ଡପଡ଼ା ସମାଜ ପରିବାର ପକ୍ଷରୁ ଆଂଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଗହଣରେ ବରିଷ୍ଠ ଶିକ୍ଷାବିତ ଗୋପୀନାଥ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅଖିଳ ବିହାରୀ ପାଣିଗ୍ରାହୀ, ବାଳକୃଷ୍ଣ ରାଉତ, ସଦାଶିବ ପାତ୍ର, ରବୀନ୍ଦ୍ର ଚନ୍ଦ୍ର ବେହେରା, ସଂଗ୍ରାମ କେଶରୀ ଦେଓ, ବିରଂଚି ନାୟକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ସୁଦୂର ପ୍ରସାରୀ ପ୍ରତିଭା ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉତ୍କଳମଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଖଣ୍ଡପଡ଼ା ବ୍ଲକ ସମାଜ ପ୍ରତିନିଧି ଭବାନୀଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

ଗୋପବନ୍ଧୁ ସେବା ଟ୍ରଷ୍ଟ ଓଡ଼ିଶା ତରଫରୁ ପ୍ରତିଭା ସମ୍ମାନ

ନିମାପଡ଼ା, ୦୯/୧୦ (ଆ.ପ୍ର) : ନିମାପଡା ବ୍ଲକ ଅନ୍ତର୍ଗତ ଡେଣ୍ଡୁଆଁ ପଂଚାୟତ ଆଳିପିଙ୍ଗଳସ୍ଥିତ ଐଶାନେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଗୋପବନ୍ଧୁ ସେବା ଟ୍ରଷ୍ଟ ଓଡିଶା ତରଫରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ଜୟନ୍ତୀ ପାଳନ ସହ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ଆଇନଜୀବୀ ବସନ୍ତ କୁମାର ରାଉତ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀ ଜଗନ୍ନାଥ ପ୍ରତିଷ୍ଠାନ ଭାରତର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ବୈକୁଣ୍ଠ ପ୍ରଧାନ, ଫୁଲରାଣି ପାଳ, ଉପ ସଭାପତି ରଶ୍ମିତା ଜେନା, ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଚୁଡୁନି ରାଉତ, ଟ୍ରଷ୍ଟି ତପନ କୁମାର ମୁଦୁଲି, ଅନନ୍ତ ଚରଣ ବେହେରା, ବିଲୁ ପ୍ରସାଦ ସାହୁ, ସୁଶାନ୍ତ ଖଟୋଇ, ଜୟଶ୍ରୀ ପାତ୍ର, ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ର ନାଥ ମଲ୍ଲିକ, ସମାଜସେବୀ ଅନ୍ତର୍ଯ୍ୟାମୀ ସେନାପତି, ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ଅଂଚଳର ଏକ ଶହରୁ ଉର୍ଦ୍ଧ୍ୱ କୃତି କଳାକାର ଓ ନିମାପଡା, ଚାରିଛକ ଅଂଚଳର ୨୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟ କ୍ରମକୁ ବରିଷ୍ଠ ସାମ୍ବାଦିକ ବିକାଶ ଚନ୍ଦ୍ର ବାରିକ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସମ୍ପାଦକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆଗକୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଟ୍ରଷ୍ଟର ସଭାପତି ଶ୍ରୀ ରାଉତ ସୂଚନା ଦେଇଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ଶନିବାର, ୧୦ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଓୟୁଜେ ପାଳିଲା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ବାଲେଶ୍ୱର, ୦୯/୧୦ (ଆ.ପ୍ର) : ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଭାବପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ସହରସ୍ଥିତ ଗୋପବନ୍ଧୁ ପାର୍କରେ ତାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନାଦର୍ଶ, ତ୍ୟାଗ ଓ ସମାଜସେବା ଉପରେ ଆଲୋଚନା କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଦାସ ଏକାଧାରରେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ସମାଜସେବୀ, ଶିକ୍ଷାବିତ୍, ସାହିତ୍ୟିକ ଓ ସାମ୍ବାଦିକ ଥିଲେ । ତାଙ୍କର ସରଳ ଓ ନିରାଡ଼ମ୍ବର ଜୀବନଶୈଳୀ, ଦୁଃଖୀ ଓ ଦରିଦ୍ରଙ୍କ ସେବା ପ୍ରତି ନିଷ୍ଠା, ଅସୀମ ତ୍ୟାଗ ଏବଂ ମହାନ ଆଦର୍ଶ ଆଜି ମଧ୍ୟ ସମାଜ ପାଇଁ ଅନୁକରଣୀୟ । ବିଶେଷକରି ଯୁବପିଢ଼ି ତାଙ୍କ ଜୀବନାଦର୍ଶରୁ ପ୍ରେରଣା ନେଇ ମାନବସେବା ଓ ଦେଶସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ । ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଖବରକାଗଜ 'ସମାଜ' ସାଧାରଣ ଜନତାଙ୍କ ସ୍ୱର ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛି । ଜନସାଧାରଣଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ସାମ୍ବାଦିକତାର ଗୁରୁତ୍ୱ ଅତୁଳନୀୟ ବୋଲି ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ଜଣେ ସଚେତନ ନାଗରିକ ତଥା ସାମ୍ବାଦିକ ଭାବେ ଗୋପବନ୍ଧୁଙ୍କ ନିର୍ଭୀକତା, ନିଷ୍ଠା ଓ ଜନକଲ୍ୟାଣମୂଳକ ଚିନ୍ତାଧାରାକୁ ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ ବୋଲି ସେମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓୟୁଜେର ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ମଧୁସୂଦନ ଦାସ, ଲକ୍ଷ୍ମୀନାରାୟଣ ଦାସ, ସୋମନାଥ ସାହୁ, ବରିଷ୍ଠ ଆଇନଜୀବୀ ଭୁବନାନନ୍ଦ ଦାସ, ଯଶୋଦାନନ୍ଦନ ଆଶ ଏବଂ ସମାଜସେବୀ ଲାବଣ୍ୟନିଧି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର ପୌରପାଳିକାରେ ପାଳିତ ହେଲା ନବମ ପୋଷଣ ମାସ

ବାଲେଶ୍ୱର, ୦୯/୧୦ (ଆ.ପ୍ର) : ବାଲେଶ୍ୱର ପୌରପାଳିକାର ଆଇସିଡିଏସ୍ ପ୍ରକଳ୍ପ ପକ୍ଷରୁ ପ୍ରକଳ୍ପସ୍ତରୀୟ ନବମ ପୋଷଣ ମାସ ପାଳିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଆ ଓ ଶିଶୁଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପୁଷ୍ଟିକର ଖାଦ୍ୟ ସହିତ ପରିବେଶର ସୁରକ୍ଷା ଓ ପରିମଳ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ । ଅନ୍ୟତମ ଅତିଥି ଭାବେ ଏବିଇଓ ଶାନ୍ତିଲତା ପାତ୍ର ଏବଂ 'ମେ ଆଇ ହେଲ୍ପ ୟୁ'ର ସମ୍ପାଦକ ଉତ୍ପଳ

ମହାନ୍ତି ଯୋଗଦେଇ ମା ଓ ଶିଶୁଙ୍କ ପୁଷ୍ଟିସାଧନ, ସନ୍ତୁଳିତ ଖାଦ୍ୟ ଗ୍ରହଣ ଏବଂ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାରେ ପୋଷଣର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଓ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏଥିରେ ପୁଷ୍ଟିସମୃଦ୍ଧ ଖାଦ୍ୟ ପ୍ରସ୍ତୁତିର ବିଭିନ୍ନ ପଦ୍ଧତି ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମକୁ ମଧୁସ୍ମିତା ପ୍ରଧାନ, ସଂଚୟିତା ସାମନ୍ତ, ଶାଶ୍ୱତୀ ଦେ ଓ ମୁକେଶ ବେହେରା ପ୍ରମୁଖ ସଂଯୋଜନା କରିଥିଲେ ।

୨୦୨୭ ପୌର ଓ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି: ଭୋଟର ତାଲିକା ସଂଶୋଧନ ନିମନ୍ତେ ଅନୁଷ୍ଠିତ ହେଲା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୦୯/୧୦ (ଆ.ପ୍ର) : ଆଗାମୀ ୨୦୨୭ ପୌର ଓ ପଂଚାୟତ ନିର୍ବାଚନ ପୂର୍ବରୁ ଏକ ସ୍ୱଚ୍ଛ, ତ୍ରୁଟିମୁକ୍ତ, ଅଦ୍ୟତନ ଓ ନାଗରିକକୈନ୍ଦ୍ରିକ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲାସ୍ତରୀୟ ଘରକୁ ଘର ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଆଜି ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ର ସିରିୟଲ ପଟେଲ, ନୀଳଗିରି ବିଡିଓ ବିକ୍ରମ କିଶୋର ପରିଡ଼ା, ଖଇରା ବିଡିଓ ନାରାୟଣ ସାହୁ, ଡେପୁଟି ଜିଲ୍ଲାପାଳ ଡ. ପ୍ରବୋଧ କୁମାର ମଲ୍ଲିକ ଏବଂ ଜିଲ୍ଲା ପଂଚାୟତ ଅଧିକାରୀ ଦେବାନନ୍ଦ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ, ବ୍ଲକସ୍ତରରେ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଜାରି ରହିବ । ଏହାପରେ ଅକ୍ଟୋବର ୨୪ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ)ମାନେ ଘରକୁ ଘର ବୁଲି ସର୍ଭେ କରିବେ ଏବଂ ଭୋଟର ତାଲିକା ପ୍ରସ୍ତୁତି ଓ ଅଦ୍ୟତନ ପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ । ଆଗାମୀ ପୌର ଓ ପଂଚାୟତ ନିର୍ବାଚନ ପୂର୍ବରୁ ଏହି ପ୍ରକ୍ରିୟା ମାଧ୍ୟମରେ ଏକ ସଠିକ୍ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ କରି ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁସଂଗଠିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲା ପଂଚାୟତ ଅଧିକାରୀ ଦେବାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ର ସିରିୟଲ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟର ୪ ଅଧ୍ୟାପକ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନିତ

ନୀଳଗିରି, ୦୯/୧୦ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ୪ ଜଣ ଅଧ୍ୟାପକ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ସହଯୋଗରେ ପ୍ରସ୍ତୁତ ଏହି ମର୍ଯ୍ୟାଦାଜନକ ତାଲିକାରେ ସେମାନଙ୍କ ସ୍ଥାନ ଗବେଷଣା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ବଢୁଥିବା ଉତ୍କର୍ଷ ଓ ଅନ୍ତର୍ଜାତୀୟ ପରିଚୟକୁ ପ୍ରତିଫଳିତ କରିଛି । ଏହି ସ୍ୱୀକୃତି ପାଇଥିବା ଅଧ୍ୟାପକମାନେ ହେଲେ ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ପଙ୍କଜ କୁମାର ପାଢ଼ୀ- (କ୍ରମାଗତ ସପ୍ତମ ଥର ପାଇଁ ତାଲିକାଭୁକ୍ତ), ଗଣିତ ବିଭାଗର ପ୍ରଫେସର ଗୌରାଙ୍ଗ ଚରଣ ସାମନ୍ତ-(କ୍ରମାଗତ ପଂଚମ ଥର ପାଇଁ) , ପ୍ରାଣୀ ବିଜ୍ଞାନ ବିଭାଗର ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ- (କ୍ରମାଗତ ଚତୁର୍ଥ ଥର ପାଇଁ) ଏବଂ ଭୂଗୋଳ ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର-ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ତାଲିକାରେ ସ୍ଥାନ ଅଧିକାର କରିଛନ୍ତି । ରସାୟନିକ ଇଞ୍ଜିନିୟରିଂ, ଆଣବିକ ଓ କଣିକା ପଦାର୍ଥ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଏବଂ ପରିବେଶ ଓ ପୃଥିବୀ ବିଜ୍ଞାନ ଭଳି ବିଭିନ୍ନ ଗବେଷଣା କ୍ଷେତ୍ରରେ ଏହି ଅଧ୍ୟାପକମାନଙ୍କ ଅବଦାନ ଏହି ସଫଳତାର ଆଧାର । ତିନି ଜଣ ଅଧ୍ୟାପକଙ୍କ କ୍ରମାଗତ ସ୍ଥାନ ଗବେଷଣାରେ ସେମାନଙ୍କ ନିରନ୍ତର ଅବଦାନକୁ ପ୍ରମାଣିତ କରୁଥିବା ବେଳେ ନୂତନ ଭାବେ ଆଉ ଜଣେ ଅଧ୍ୟାପକଙ୍କ ସାମିଲ ହେବା ବିଶ୍ୱବିଦ୍ୟାଳୟର ବିସ୍ତାରିତ ଗବେଷଣା ସାମର୍ଥ୍ୟକୁ ଦର୍ଶାଉଛି । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଜନ୍ ପିଏ ଇଓଆନିଡିସ୍ ଓ ତାଙ୍କ ଗବେଷକ ଦଳଙ୍କ ଦ୍ୱାରା ପ୍ରସ୍ତୁତ ଏହି ତାଲିକାରେ ଗବେଷଣାର ପ୍ରଭାବ ଓ ଅବଦାନ ଆଧାରରେ ବିଶ୍ୱବ୍ୟାପୀ ବୈଜ୍ଞାନିକମାନଙ୍କର ମୂଲ୍ୟାୟନ କରାଯାଏ । ଏହି ଗୌରବମୟ ସଫଳତା ପାଇଁ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ବିଶ୍ୱବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି କହିଛନ୍ତି । ଏହି ସ୍ୱୀକୃତି ବିଶ୍ୱବିଦ୍ୟାଳୟର ଗବେଷଣାର ଗୁଣବତା, ଉଚ୍ଚ ଶିକ୍ଷାର ମାନ ଓ ବିଶ୍ୱସ୍ତରରେ ଏହାର ପ୍ରାସଙ୍ଗିକତାକୁ ପ୍ରମାଣିତ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ସଫଳତା ଛାତ୍ର/ଛାତ୍ରୀ ଓ ଯୁବ ଗବେଷକମାନଙ୍କୁ ଉତ୍କର୍ଷ ଓ ନୂତନ ଉଦ୍ଭାବନ ଦିଗରେ ଆଗେଇ ଯିବାକୁ ପ୍ରେରଣା ଦେବ ବୋଲି ସେ ଆଶାପ୍ରକାଶ କରିଛନ୍ତି । ଏହି ସଫଳତା ବିଭିନ୍ନ ଜ୍ଞାନଶାଖାରେ ଗବେଷଣାର ସୁଦୃଢ଼ ପରିବେଶ ସୃଷ୍ଟି କରିବା ସହ ଉଚ୍ଚମାନର ଶିକ୍ଷା ଓ ଗବେଷଣାକୁ ଆଗେଇ ନେବା ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସକୁ ପ୍ରତିପାଦିତ କରିଛି ।

ଶିଶୁମାରଚକ୍ରର ଆରାଧନା ମନକୁ ସ୍ଥିର କରିବାର ଉପାୟ ଅଟେ: ଭାଗବତ

ନୀଳଗିରି, ୦୯/୧୦ (ଆ.ପ୍ର) : ସମସ୍ତ ଗ୍ରହମଣ୍ଡଳ ପରମପୁରୁଷ ଭଗବାନଙ୍କ ଦ୍ୱାରା ସ୍ଥାପିତ ହୋଇଛି । ଶକ୍ତିଶାଳୀ କାଳ ଜ୍ୟୋତିଷଚକ୍ରର ଗତି ନିର୍ଧାରକ ଅଟେ । ଧ୍ରୁବମଣ୍ଡଳ ସମସ୍ତ ଗ୍ରହ ମଣ୍ଡଳ ପରିକ୍ରମଣର କେନ୍ଦ୍ରବିନ୍ଦୁ । ମାୟାର ଅଧୀନରେ କର୍ମ ଜୀବର ଗତି ନିର୍ଦ୍ଧାରଣ କରେ । ଶିଶୁମାର ଚକ୍ରର ଆକୃତି ଭଗବାନ ବିଷ୍ଣୁଙ୍କ ସ୍ୱମୟ ରୂପ । ସର୍ବୋପରି ତ୍ରିସନ୍ଧ୍ୟାରେ ଗ୍ରହଗଣଙ୍କୁ ନମସ୍କାର କଲେ ସକଳ ପାପର ପ୍ରତିକ୍ରିୟାକୁ ନଷ୍ଟ କରେ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଶହେ ଷୋହଳ ତମ ଭାଗବତୀୟ ସନ୍ଧ୍ୟାରେ ଭାଗବତର ପଂଚମ ସ୍କନ୍ଧର ତ୍ରୟୋବିଂଶ ଅଧ୍ୟାୟ ଆଲୋଚନା ପରିପ୍ରେକ୍ଷୀରେ ବଲାଙ୍ଗୀରର ପଣ୍ଡିତ ଶ୍ୟାମସୁନ୍ଦର ଦାଶ ନିଜର ମତ ଉପସ୍ଥାପନ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ପୁରୀ ସଦସ୍ୟ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜୟଶ୍ରୀ ପଣ୍ଡା ଓଁକାର ଧ୍ୱନି ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶେଷରେ ପଣ୍ଡିତ ଶକ୍ତିପଦ ମିଶ୍ର ଆଲୋଚକଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ଶେଷରେ କେନ୍ଦୁଝରର ଶିକ୍ଷାବିତ୍ ରତି ନାରାୟଣ ରାଉତ ଶାନ୍ତିପାଠ ଓ କୁମାରୀ ଭାର୍ଗବୀ ରାଉତ କୃତଜ୍ଞତା ପ୍ରଦାନ କରିଥିଲେ । ଏହି ଆସରରେ ଅନେକ ଶ୍ରୋତା ଯୋଗଦାନ କରିଥିଲେ ।

ନରସିଂହପୁର ଏବଂ କାଂଶ ପଂଚାୟତର ଇଣ୍ଡି ମେଂଟ ପକ୍ଷରୁ କଂଗ୍ରେସ ଓ ସିପିଆଇଏମ କର୍ମୀ ମିଳିତ ଭାବେ ବନ୍ଦ ସଫଳ କଲେ

ନୀଳଗିରି, ୦୯/୧୦ (ଆ.ପ୍ର) : ନରସିଂହପୁର ଏବଂ କାଂଶ ପଂଚାୟତର ଇଣ୍ଡି ମେଂଟ ତରଫରୁ କଂଗ୍ରେସ ଓ ସିପିଆଇ(ଏମ) କର୍ମୀ ଏକତ୍ର ହୋଇ ନିମପାଳ ଛକରେ ରାସ୍ତାରେ ବସି ଯାନ ବାହନ ଚଳାଚଳକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରିଥିଲେ । ନରସିଂହପୁର ପଂଚାୟତର ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାବେଳେ କାଂଶ ଷ୍ଟେଟବ୍ୟାଙ୍କ, ଆଖୋଇ ଅଫିସ୍ ଓ ପେଟ୍ରୋଲ ପମ୍ପ ମଧ୍ୟ ସଂପୂର୍ଣ୍ଣ ବନ୍ଦ ରହିଥିଲା । ବ୍ଲକ କଂଗ୍ରେସ ସଭାପତି ତପନ ରାଉତ ସେଠାରେ ପହଂଚି ବନ୍ଦ କାର୍ଯ୍ୟକ୍ରମ ରେ ଭାଗ ନେବା ସହିତ ତାଙ୍କର ଅଭିଭାଷଣ ମାଧ୍ୟମରେ ବନ୍ଦର ଉଦ୍ଦେଶ୍ୟ ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଂଚାୟତ କଂଗ୍ରେସ ସଭାପତି ସନାତନ ଜେନା, ରାହାସ ବିହାରୀ ମହାପାତ୍ର, ଉନ୍ମେଷ ଦାସ, ବିନାୟକ ଦାସ, ମନୋରଞ୍ଜନ ନାୟକ, ଜ୍ଞାନରଞ୍ଜନ ପାତ୍ର, ଜଗନ୍ନାଥ ନାୟକ, ଧୀରେନ୍ଦ୍ର ନାୟକ, ଯଜ୍ଞ ନାରାୟଣ ସେଠୀ, ବ୍ରଜମୋହନ ପୃଷ୍ଟି, ହେମନ୍ତ ନାୟକ, ହରିହର ଖଣ୍ଡୁଆ, ମନୋରଞ୍ଜନ ଜେନା, ବସନ୍ତ । ଦେହୁରୀ, ଜୟଚନ୍ଦ୍ର ପୃଷ୍ଟି, ଶରତ ବାରିକ, ଭାସ୍କର ମହାନ୍ତି, ସର୍ବେଶ୍ୱର ପଣ୍ଡା, ଗୁରୁଚରଣ ସିଂ, ରାଧାମୋହନ ସିଂ, ଜୟ ଚନ୍ଦ୍ର ସିଂ, ହରିମୋହନ ମହାନ୍ତି, ଅକ୍ଷୟ କୁମାର ବେହେରା, ମି. ଶତପଥି, ନୃପ ବାଗ, ବେମା ଦେହୁରୀ ପ୍ରମୁଖ ସହଯୋଗ କରି ଓଡ଼ିଶା ବନ୍ଦକୁ ସଫଳ କରିଥିଲେ ।

'ମନା'ର ସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି

ବାଲେଶ୍ୱର, ୦୯/୧୦ (ଆ.ପ୍ର) : ଅଦ୍ୟ ମିଳିତ ନିଶା ନିବାରଣ ଅଭିଯାନ (ମନା)ର ଦଶମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଗତ ନବମ ମାସିକ ବୈଠକର ବିବରଣୀ ପାଠ କରିବା ପରେ ସର୍ବସମ୍ମତିକ୍ରମେ ତାହା ଅନୁମୋଦିତ ହୋଇଥିଲା । ଅନୁଷ୍ଠାନର ଉପଦେଷ୍ଟା ସୁବ୍ରତ କର ସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ସହରର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସହିତ ରେମୁଣା ବ୍ଲକ୍‌ର ଶିକ୍ଷାନୁଷ୍ଠାନମାନଙ୍କରେ ଉକ୍ତ କାର୍ଯ୍ୟକ୍ରମକୁ ଆଗେଇନେବାପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା । ଉକ୍ତ ବୈଠକରେ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ସଞ୍ଜୟ କୁମାର ପଣ୍ଡା, ରବିନାରାୟଣ ଭୋଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଶଚୀନ୍ଦ୍ର କୁମାର ଦାସ, ସୀତାରାମ ପ୍ରଧାନ, ବସନ୍ତ କୁମାର ପ୍ରଧାନ, କ୍ଷିଶା ଶାହା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଭାକର ସାହୁ (ଖ) ଧନ୍ୟବାଦ ଦେଇଥିଲେ ।

ସାଇବର ଅପରାଧ ରାକେଟ୍‌ର ପର୍ଦ୍ଦାଫାସ କଲା ବାଲେଶ୍ୱର ପୁଲିସ : ଦୁଇ ଗିରଫ

ବାଲେଶ୍ୱର, ୦୯/୧୦ (ଆ.ପ୍ର) : ବାଲେଶ୍ୱର ପୁଲିସ ଏକ ସାଇବର ଅପରାଧ ରାକେଟ୍‌ର ପର୍ଦ୍ଦାଫାସ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ଜାଲିଆତି କରି ଏକାଧିକ ସିମ୍ କାର୍ଡ ସଂଗ୍ରହ ଓ ଜାରି କରାଇ ସେଗୁଡ଼ିକୁ ବିଭିନ୍ନ ସାଇବର ଅପରାଧରେ ବ୍ୟବହାର କରୁଥିବା ପୁଲିସ ସୂଚନା ଦେଇଛି । ଅଭିଯାନ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୧୬ଟି ମୋବାଇଲ୍ ଫୋନ୍, ଗୋଟିଏ ଲାପଟପ୍, ଗୋଟିଏ କାର୍, ୭୫ ଗ୍ରାମ ସୁନା ଏବଂ ପ୍ରାୟ ୫୫ଟି ସିମ୍ କାର୍ଡ ଜବତ କରିଛି । ଏକ ସାମ୍ବାଦିକ ସମ୍ମିଳନୀରେ ଏଏସପି ଦେବଜ୍ୟୋତି ଦାସ କହିଛନ୍ତି ଯେ, ଟେକ୍ନିକାଲ୍ ସର୍ଭେଲାନ୍ସ ସହିତ ଫିଜିକାଲ୍ ସର୍ଭେଲାନ୍ସ ମାଧ୍ୟମରେ ପୁଲିସ ତଦନ୍ତ ଚଳାଇଥିଲା । ଏହା ଜରିଆରେ ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବାରେ ସଫଳ ହୋଇଥିଲା । ଏହି ସାଇବର ଅପରାଧ ରାକେଟ୍‌ର ପରିସର ଏବଂ ଏଥିରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

ନୀଳଗିରି ମହିଳା କଲେଜରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ନୀଳଗିରି, ୦୯/୧୦ (ଆ.ପ୍ର) : ଗରିବର ବନ୍ଧୁ ଗୋପବନ୍ଧୁ । ଗୋପବନ୍ଧୁ ସେବାର ପ୍ରତୀକ । ସାରସ୍ୱତ ସାଧକ ପଣ୍ଡିତ ଗୋପବନ୍ଧୁ ଆଦର୍ଶର ବିଗ୍ରହ । ସେବା ଦ୍ୱାରା ହୃଦୟ ଜିତିହୁଏ । ସାଧନା ଆଦର୍ଶର ଜନନୀ । ଭାଷା ଓ ଜାତୀୟତାର ଉଦାହରଣ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଯୁଗେଯୁଗେ ଉତ୍କଳର ପ୍ରାଣବୋଲି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ ଆୟୋଜିତ ତାଙ୍କର ଜୟନ୍ତୀରେ ମତପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମାନ୍ତ୍ରଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ମୁଖ୍ୟ ଅତିଥି ଭାବରେ ରାଜନୀତି ବିଭାଗର ବରିଷ୍ଠ ଅଧ୍ୟାପକ ସୌମ୍ୟ ପଟ୍ଟନାୟକ , ମୁଖ୍ୟବକ୍ତା ଭାବରେ ଭୂଗୋଳବିଜ୍ଞାନ ବରିଷ୍ଠ ପ୍ରାଧ୍ୟାପିକା ମମତା ବରାଳ, ସମ୍ମାନିତ ଅତିଥି ଭାବରେ ଅଧ୍ୟାପିକା ମୌସୁମୀ ଜେନା, ସୁଷମା ସିଂହ, ପବିତ୍ରା ବେହେରାଙ୍କ ଯୋଗଦାନ କରିଥିବାବେଳେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ । ବିଭାଗର ସମସ୍ତ ଛାତ୍ରୀ ଉପସ୍ଥିତ ଥିବାବେଳେ ଛାତ୍ରୀ ଭାର୍ଗବୀ ରାଉତ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ ।

ସେବା ଓ ସାଧନାର ଦିବସ ହେଉ ଗୋପବନ୍ଧୁ ଜୟନ୍ତୀ

ଜଳେଶ୍ୱର, ୦୯/୧୦ (ଆ.ପ୍ର) : ଜଳେଶ୍ୱର ଉତ୍କଳ ମଣି ଗୋପବନ୍ଧୁ ସ୍ମୃତି ସଂସଦ ଆନୁକୂଲ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୫୦ତମ ଜୟନ୍ତୀ ଭଞ୍ଜ ଭବନରେ ପାଳିତ ହୋଇଯାଇଛି । ଏହି ଅବସରରେ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଓ ଏକ ନିଷ୍ଠ ସାଧନାର ଅନନ୍ୟ ଉଦାହରଣ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ କେବଳ ପାରମ୍ପରିକ ରୀତିରେ ପାଳନ ନହୋଇ ଏହାକୁ ସେବା ଓ ସାଧନାର ଦିବସ ଭାବରେ ପାଳନ କରିବା ପାଇଁ ଗୋପବନ୍ଧୁ ସ୍ମୃତି କମିଟି ତରଫରୁ ଆହ୍ୱାନ ଦିଆଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାର ପ୍ରାରମ୍ଭରେ ଉତ୍କଳ ମଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଏହି ମହାନ ଆଦର୍ଶବାଦୀ ମଣିଷଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଗୋପବନ୍ଧୁ ଦାସଙ୍କ ନିଃସ୍ୱାର୍ଥପର ସେବା, ଓଡ଼ିଆ ଭାଷାକୁ ରକ୍ଷା କରିବା ଦିଗରେ ସଂକଳ୍ପ ଓ ସାଧନା, ଦେଶର ସ୍ୱାଧୀନତା ସଂଗ୍ରାମରେ ଆତ୍ମ ବଳିଦାନ ଏବଂ ତାଙ୍କର ସରଳ, ନିରାଡମ୍ବର ଜୀବନ ଚର୍ଯ୍ୟା ତାଙ୍କୁ ପ୍ରାଦେଶିକ ସ୍ତରରୁ ଠାରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସବୁଠି ପରିଚିତ କରାଇ ପାରିଥିଲା । ସେଭଳି ଜଣେ ସତ୍ୟନିଷ୍ଠ ଆଦର୍ଶବାଦୀ ପରୋପକାରୀ ମଣିଷ ଆଜି ସମାଜରେ ବିରଳ । ଆଜି ଯେଉଁମାନେ ସମାଜ ସେବା ପାଇଁ ମନ ବଳାଇଛନ୍ତି ସେମାନେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଚରଣ, ଉଚ୍ଚାରଣ ଓ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ସଭାରେ ଯୋଗଦେଇଥିବା ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ସଭାରେ ସମାଜ ସେବୀ ଦିଲ୍ଲୀପ କୁମାର ଗିରି ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ଭଞ୍ଜ, ଜୀତାରାମ ଦେ, ସମାଜସେବୀ ସୀତାଂଶୁ ସେନାପତି, ଶ୍ୟାମାଚରଣ ଦାସ, କମଳ ଚକ୍ରବର୍ତ୍ତୀ, ଶିକ୍ଷକ ନେତା ମନୋରଞ୍ଜନ ଦାସ, ଡକ୍ଟର ଅଜିତ୍ କୁମାର ମହାନ୍ତି, କପିଳେଶ୍ୱର ମହାନ୍ତି, ଇଞ୍ଜିନିୟର ସୁମନ୍ତ ଘୋଷ, ଶରତ ଚନ୍ଦ୍ର ପରିଡା, ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ସୁକୁମାର ରଣା ପ୍ରମୁଖ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶନ ଉପରେ ଆଲୋଚନା କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ କାଳୀଚରଣ ପୃଷ୍ଟି ଗୋପବନ୍ଧୁଙ୍କ ତ୍ୟାଗ ପୂତ ଜୀବନ ଉପରେ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, ୦୯/୧୦ (ଆ.ପ୍ର) : ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଂଘ, ବାଲେଶ୍ୱର କାର୍ଯ୍ୟାଳୟରେ ଆଜି ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଯାଇଛି । ସଂଘ ସଭାପତି ଇଂ. ବନମାଳୀ ନାୟକଙ୍କ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଉତ୍କଳମଣିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ର, ସଦସ୍ୟ ଶଚି ମାଝୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସ୍ୱାଧୀନତା ସଂଗ୍ରାମୀ, ଉତ୍ସର୍ଗୀକୃତ ଦେଶଭକ୍ତ, ସମାଜ ସଂସ୍କାରକ, ନବଭାରତ ଗଠନର ବିଦ୍ୱାଣୀ, ଶିକ୍ଷାବିତ୍, ଦକ୍ଷ ବିଧାୟକ, କବି ଭାବେ ସ୍ମରଣ କରି ତାଙ୍କର ତ୍ୟାଗପୂତ ଜୀବନ କିପରି ଉତ୍କଳବାସୀଙ୍କ ପାଇଁ ସମର୍ପିତ ଥିଲା ତା'ର ଅବତାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜୟ ନାୟକ, ପ୍ରଭାତୀ ସେଠୀ, ରାମଚନ୍ଦ୍ର ସେଠୀ, ଶଶାଙ୍କ ଦତ୍ତ, ଅନୁପ ଆଚାର୍ଯ୍ୟ, ବୀରେନ୍ଦ୍ର ମହନ୍ତ, ବନଲତା ଦାସ, ଜ୍ୟୋତ୍ସ୍ନା ରାୟ, ଯୁଧିଷ୍ଠିର ନନ୍ଦ, କେଶବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ଦାମୋଦର ନାୟକ ଶେଷ କଥା ରଖିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

13001/2129/2627

OFFICE OF THE NOTIFIED AREA COUNCIL: UDALA

TENDER CALL NOTICE

No......1518...... Date......06.10.2026

In pursuance to this office Notice No. 1516, Dt.06.10.2026, the Executive Officer, N.A.C. Udala invites sealed Tenders in conformity with the detailed tender call notice from the regd. Contractors of Udala N.A.C.as well as P.W.D Contractors for 41 no of works with estimated cost of Rs. 81400/- to Rs.199500/- and the paper cost will be from Rs.400/- to Rs.600/-. The tender documents may be obtained from the N.A.C. Office, Udala on payment of cost in shape of cash (non-refundable) and all other relevant information/ clarification may also obtained from the N.A.C. Office,Udala.

Tenders must be accompanied by E.M.D. as specified for the Work in shape of bank draft/ N.S.C/P.O.T.D./KVP/Term Deposit towards EMD drawn in favour of executive officer, Udala N.A.C.,Udala payable at Udala along with copy of Valid registration certificate /PAN Card / Valid GST Clearance certificate (Form No. 612) money receipt without which the tender will be liable for rejection . The Tenderer shall sign on the copy of all documents attached to tender paper and submit a declaration in support of authenticity of documents.

Sale of Tender paper from Dt. 09.10.2026 to Dt. 21.10.2026 on Office hour.

Date of receive of Tender Paper up to: Dt.22.10.2026, up to 05.00 PM

Date of Opening of Tender Paper: The tender will be opened on Dt.23.10.2026 at 11.00 A.M. in the Office of the Udala N.A.C. in presence of the Tenderers or their authorized representatives. If the office happens to be closed on the date of receipt of tender and the date of opening as specified, the tenders will be received and opened on the next working day respectively at the same time & venue.

Each tender should be submitted in a single cover indicating the Name of Work. The Tenderers are required to quote their rate both in words and in figures.

The authority reserves the right to reject any or all the tenders without assigning any reason thereof.

OIPR - 13001/13162/1/26-27/0008

Executive Officer,
Udala N.A.C, Udala

ଆରମ୍ଭ
SEITHO ARAMBHA
ଶନିବାର, ୧୦ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆମ ପରମ୍ପରା

ଭାବ ଓ ବିଶ୍ୱାସର ପାଖୁଡ଼ା ମେଲି ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ ରଖିବାର ଅମୋଘ ପନ୍ଥାଟିଏ ଭାଗବତ । ବର୍ତ୍ତମାନର ସମସ୍ତ ସକାରାତ୍ମକ ଉପାଦାନର ସମାହାର ଭାଗବତ । ଜୀବନର ଛନ୍ଦାଛନ୍ଦିରେ ମଧ୍ୟରେ ପକ୍ୱତ ଜୀବନକୁ ପାଇବାରା ମାଧ୍ୟମ ହେଉଛି ଭାଗବତ । ଏକୁଡି ଶାଳାରୁ ମୁର୍ମୁଣ ଶେଯ ପାଖରେ ପଢାଯାଏ ଏହି ଭାଗବତ । ପ୍ରତି ହୃଦୟର ପ୍ରାଣକେନ୍ଦ୍ର ହେଉଛି ଭାଗବତ । ପ୍ରତି ହୃଦୟରେ ଭାଗବତ ପାଇଁ ଅଛି ଆଦର ଓ ସମ୍ମାନ । ଏହାର ମହତ୍ୱ ଶ୍ରେଷ୍ଠତ୍ୱ । ଚତୁର୍ଦ୍ଦଶ ଶତାବ୍ଦୀରେ ତାଳପତ୍ର ପୋଥିରେ ଅତିବଡୀ ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡିଆ ଭାଷାରେ ପ୍ରଥମ ଥର ପାଇଁ ଭାଗବତ ଲିଖିତ ହୋଇଥିଲା । ଆଧ୍ୟାତ୍ମିକ ଜାଗରଣର ପ୍ରାଣକେନ୍ଦ୍ର ଭାଗବତ । ଓଡ଼ିଆ ଭାଗବତର ରଚୟିତା ଅତିବଡୀ ଜଗନ୍ନାଥ ଦାସ ସଂସ୍କୃତର ଅଗାଧ୍ୟ ଜ୍ଞାନ ଅର୍ଜନ କରିଥିଲେ । ବ୍ୟାସଦେବଙ୍କ ରଚିତ ସଂସ୍କୃତ ଭାଗବତକୁ ସେ ଓଡିଆରେ ଅତି ସରଳତାର ସହ ବୁଝାଇ ପାରୁଥିଲେ । ତେବେ ସଂସ୍କୃତରେ ରଚିତ ହେତୁ ଓଡିଆ ଭାଷା ଭାଷୀଙ୍କ ମଧ୍ୟରେ ଆଦୃତ ହୋଇ ପାରୁ ନଥିଲା । ଦିନେ ଜଗନ୍ନାଥ ଦାସଙ୍କ ମା ଓଡିଆ ଭାଷାରେ ଭାଗବତ ଶୁଣିବା ପାଇଁ ପୁଅକୁ କହିଲେ, ତେବେ ବାର୍ଦ୍ଧକ୍ୟ ମା, ର ଆଶା ପୂରଣ ହେତୁ ସେ ପଦ୍ୟାନୁବାଦ ଶୁଣାଇବାକୁ ଲାଗିଲେ, ତହିଁରୁ ସୃଷ୍ଟି ଏହି ମହାନ ଗ୍ରନ୍ଥ । ଗୋସ୍ୱାମୀ ବଟ ଗଣେଶଙ୍କ ନିକଟରେ ବସି ନବାକ୍ଷର ବୃତିରେ ସଂସ୍କୃତ ଭାଗବତକୁ ସେ ଓଡିଆ ଭାଷାରେ ରଚନା କରିଥିଲା । ପରେ ଏହା ସମସ୍ତ ଓଡିଆଙ୍କ ପ୍ରାଣକେନ୍ଦ୍ର ହୋଇପାରିଥିଲା । ଓଡିଆ ଭାଷାରେ ରଚିତ ହୋଇଥିବାରୁ ଏହା ସବୁଠାରେ ଆଦୃତ ଲାଭ କରିଥିଲା । ଭାଦ୍ରବ ପୂର୍ଣ୍ଣିମା ଠାରୁ ଜଗନ୍ନାଥ ଦାଶ ଏହି ମହାନ ଗ୍ରନ୍ଥ ଲେଖିବା ଆରମ୍ଭ କରିଥିଲେ, ସେହେତୁ ଏହି ଦିନ ଭାଗବତ ଜନ୍ମ ରୂପେ ପାଳନ କରାଯାଉଛି । ମାନବ ସମାଜ ପ୍ରତି ଏହାର ଅବଦାନ ଯଥେଷ୍ଟ । ଆମ କର୍ମମୟ ଜୀବନରେ ଏହାର ମହନୀୟତା ଅଧିକ । ସେଥିପାଇଁ ଭାଗବତକୁ ସମାଜିକ ଜୀବନଧାରାର ଅନ୍ତର୍ଭୁକ୍ତ କରିବା ଉଦ୍ଦେଶ୍ୟରେ ଆବହମାନ କାଳରୁ ପ୍ରତି ସ୍ଥାନରେ ଭାଗବତ ଟୁଙ୍ଗୀ ଥଲା । ପଲ୍ଲୀ ଜୀବନର ପ୍ରାଣକେନ୍ଦ୍ର ଥିଲା ଓଡିଆ ଭାଗବତ । ପ୍ରତି ଗ୍ରାମରେ ଭାଗବତ ଗୀତାକୁ ବିଧିବତ ପୂଜା କରାଯାଉଥିଲା । ଜୀବନକୁ ସୁଚାରରୂପେ ପ୍ରତିପାଦିତ କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସମାଜରେ ଶୃଙ୍ଖଳା ବଜାୟ ରଖିବା ସହ ଲୋକ ଚରିତ୍ରକୁ ଏହା ଦିଗଦର୍ଶନ ଦେଉଥିଲା । ସନ୍ଧ୍ୟା ହେଲା ମାତ୍ରେ ଭାଗବତ ଟୁଙ୍ଗି ପାଖରେ ଜମୁଥିଲା ଲୋକଙ୍କ ଆଶାରା । ଭବିଷ୍ୟତ ପିଢୀଙ୍କ ପାଇଁ ଏହା ଅମୃତ ସଦୃଶ ଥିଲା । ଆମ ପରମ୍ପରା ସଂସ୍କୃତିକୁ ଦେଉଥିଲା ଦିଗଦର୍ଶନ । ଆବାଳବୃଦ୍ଧବନିତାଙ୍କୁ ଏହା ଏକ ସୂତ୍ରରେ ବାନ୍ଧୀ ରଖିଥିଲା । ଜାତି, ବର୍ଣ୍ଣ ନିର୍ବିଶେଷରେ ଏହା ସମସ୍ତଙ୍କୁ ଏକ ଡୋରୀରେ ବାନ୍ଧି ରଖିଥିଲା । ଝାଂଜ, ଖଂଜଣୀ ଆଦିର ଧ୍ୱନିରେ ଏହା ସମସ୍ତଙ୍କୁ ଏକତ୍ରିତ କରିପାରୁଥିଲା । ସମାଜିକ ଜୀବନର ନୈତିକତା, ମୂଲ୍ୟବୋଧ ଜୀବନ ଯାପନର ଗୁରୁମନ୍ତ୍ର ଏହି ଭାଗବତ ଟୁଙ୍ଗୀରୁନ ଶିଖିବାକୁ ମିଳୁଥିଲା । ଷୋଡଶ ଶତାବ୍ଦୀର ପ୍ରାରମ୍ଭରେ ପୁରୀର ସାତଲହଡି ମଠ ଠାରେ ପ୍ରଥମ ଥର ପାଇଁ ଭାଗବତ ଟୁଙ୍ଗି ଆତ୍ମପ୍ରକାଶ ପାଇଲା । କାଳକ୍ରମେ ଓଡିଶାର ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି ହୋଇଥିଲା ।

ନିର୍ବାଚନୀ ଅଖଣ୍ଡତାର ତ୍ରିସୂତ୍ର: ତଥ୍ୟ, ସ୍ୱଚ୍ଛତା ଓ ଜନଭାଗୀଦାରି

॥ ହାଦିଆ ପରବିନ୍ ॥

ନିର୍ବାଚନ ବ୍ୟବସ୍ଥାର ଅଖଣ୍ଡତା କେବଳ ନିର୍ବାଚନର ସୁଚାରୁ ପରିଚାଳନା ଉପରେ ନିର୍ଭରଶୀଳ ନୁହେଁ; ବରଂ ଭୋଟର ତାଲିକାର ପ୍ରସ୍ତୁତି, ସଂଶୋଧନ ଓ ଚୂଡ଼ାନ୍ତ ପ୍ରକାଶନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କର ସ୍ପଷ୍ଟ ବୁଝାମଣା ଓ ବିଶ୍ୱାସ ମଧ୍ୟ ଏହାର ଏକ ମୁଖ୍ୟ ଆଧାର । SIRକୁ ନେଇ ସାମ୍ପ୍ରତିକ ସାର୍ବଜନୀନ ବିତର୍କ ଡ୍ରାଫ୍ଟ ପର୍ଯ୍ୟାୟର ସୂଚନା ଓ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶିତ ସଂଖ୍ୟା ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ ଭାବେ ବୁଝିବାରେ ସାହାଯ୍ୟ କରିଛି ।

ଏକ ଦାବି ବ୍ୟାପକ ଭାବେ ପ୍ରଚାରିତ ହେଉଛି ଯେ ଝଓଳ ପ୍ରକ୍ରିୟା ମାଧ୍ୟମରେ ୧୩ କୋଟି ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରୁ ବାଦ ଦିଆଯାଇଛି । ତେବେ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଏହି ସଂଖ୍ୟା ଡ୍ରାଫ୍ଟ ପର୍ଯ୍ୟାୟରେ ବିଭିନ୍ନ ବର୍ଗ ସମ୍ବନ୍ଧିତ ଅଟେ, ଯେଉଁଥିରେ ପ୍ରାୟ ୨.୮ କୋଟି ମୃତ ଭୋଟର, ୩ କୋଟି ଅନୁପସ୍ଥିତ କିମ୍ବା ଅନ୍ୱେଷଣଯୋଗ୍ୟ ଭୋଟର, ୬.୩ କୋଟି ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟର ଏବଂ ୧ କୋଟି ଏକାଧିକ ନାମଲେଖା ଥିବା ଭୋଟର ଅନ୍ତର୍ଭୁକ୍ତ । ତେଣୁ ଏହି ଡ୍ରାଫ୍ଟ -ଷ୍ଟେଜ୍, ବର୍ଗୀକରଣକୁ ସିଧାସଳଖ ୧୩ କୋଟି ଚୂଡ଼ାନ୍ତ ଭାବେ ବାଦ ପଡ଼ିଥିବା ଭୋଟରଙ୍କ ସହ ସମାନ କରିବା ଠିକ୍ ନୁହେଁ । ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପୂର୍ବରୁ ଯାଂଚ, ଦାବି ଓ ଆପତ୍ତି ଦାଖଲ, ସେଗୁଡ଼ିକର ନିରାକରଣ ଏବଂ ଚୂଡ଼ାନ୍ତକରଣ ଭଳି ପ୍ରକ୍ରିୟା ଜାରି ରହିଥାଏ ।

ଭାରତର ନିର୍ବାଚନୀ ଇତିହାସ ଦର୍ଶାଏ ଯେ ନିର୍ବାଚନୀ ପ୍ରତିଷ୍ଠାନର ବିଶ୍ୱସନୀୟତା ଗୋଟିଏ ଦିନ ଗଢ଼ି ଉଠେ ନାହିଁ; ଏହା ଦୀର୍ଘ ସମୟ ଧରି ପ୍ରତିଷ୍ଠାନଗତ ପ୍ରଥା, ଉତ୍ତରଦାୟିତ୍ୱବୋଧ ଓ ଆଇନଗତ କ୍ଷମତାର ପ୍ରୟୋଗ ମାଧ୍ୟମରେ ଗଢ଼ିଉଠିଥାଏ । ୧୯୯୦ ଦଶକରେ ଟି.ଏନ୍. ଶେଷନଙ୍କ କାର୍ଯ୍ୟକାଳ ନିର୍ବାଚନ କମିଶନଙ୍କ ବିଦ୍ୟମାନ କ୍ଷମତାର ଅଧିକ ଦୃଢ଼ ପ୍ରୟୋଗ ପାଇଁ ବିଶେଷ ଭାବେ ସ୍ମରଣୀୟ । ଏହି ସମୟରେ ଆଦର୍ଶ ଆଚରଣ ସଂହିତାର କଠୋର ପ୍ରୟୋଗ ସହିତ କମିଶନର ଭୂମିକା ମଧ୍ୟ ସାର୍ବଜନୀନ ଭାବେ ଅଧିକ ଦୃଶ୍ୟମାନ ହୋଇଥିଲା । ଏହି ପର୍ଯ୍ୟାୟର ଗୁରୁତ୍ୱ କେବଳ କମିଶନ ନିଜ କ୍ଷମତାକୁ ଅଧିକ ସକ୍ରିୟ ଭାବେ ପ୍ରୟୋଗ କରିଥିବାରେ ସୀମିତ ନଥିଲା; ବରଂ ନାଗରିକମାନେ କ୍ରମାଗତ ଭାବରେ ଏହାକୁ ଏପରି ଏକ ସଂସ୍ଥା ଭାବରେ ଦେଖୁଥିଲେ ଯାହା ରାଜନୈତିକ ଚାପରୁ ମୁକ୍ତ ରହି ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ ଥିଲା ।

ତିନି ଦଶନ୍ଧି ପରେ ନିର୍ବାଚନୀ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଅନେକ ମାତ୍ରାରେ ବଦଳିଛି । ନିର୍ବାଚନ କମିଶନ ଏବେ ଏପରି ଏକ ସୂଚନା ପରିବେଶରେ କାର୍ଯ୍ୟ କରୁଛନ୍ତି, ଯେଉଁଠାରେ କୌଣସି ଦାବି ତାହାର ପୃଷ୍ଠଭୂମି ଓ ପ୍ରସଙ୍ଗ ସ୍ପଷ୍ଟ ହେବା ପୂର୍ବରୁ ହିଁ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଂଚିଥାଏ । ନିର୍ବାଚନୀ ତଥ୍ୟ, ପ୍ରଶାସନିକ ନିଷ୍ପତ୍ତି ଓ ବୈଷୟିକ ପ୍ରକ୍ରିୟା ମଧ୍ୟ ଅତ୍ୟନ୍ତ ସହଜରେ ଏକ ଶିରୋନାମା, ସଂକ୍ଷିପ୍ତ ପୋଷ୍ଟ କିମ୍ବା କ୍ଷୁଦ୍ର ଭିଡିଓରେ ସୀମିତ ହୋଇପାରେ । ଏପରି ଏକ ଦ୍ରୁତଗତିଶୀଳ ସୂଚନା ପରିବେଶରେ, ପ୍ରତିଷ୍ଠାନଗତ ଯୋଗାଯୋଗ କେବଳ ସୂଚନା ପ୍ରଦାନର ମାଧ୍ୟମ ହୋଇ ରହେ ନାହିଁ; ଏହା ନିର୍ବାଚନୀ ସ୍ୱଚ୍ଛତା, ଜନସାଧାରଣଙ୍କ ବୁଝାମଣା ଏବଂ ପ୍ରତିଷ୍ଠାନ ପ୍ରତି ବିଶ୍ୱାସର ଏକ ଅବିଚ୍ଛିନ୍ନ ଅଂଶରେ ପରିଣତ ହୁଏ ।

ଭୋଟର ତାଲିକା ସଂଶୋଧନକୁ ନେଇ ସାମ୍ପ୍ରତିକ ବିତର୍କ ଏହି ବିଷୟଟିକୁ ଆହୁରି ସ୍ପଷ୍ଟ କରେ । ନିର୍ବାଚନ କମିଶନଙ୍କ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ କରିବା ପାଇଁ ଦାବି, ପ୍ରସ୍ତାବିତ ଅନ୍ତର୍ଭୁକ୍ତି କିମ୍ବା ବାଦ ଦେବା ବିରୋଧରେ ଆପତ୍ତି, ଏବଂ ବାସସ୍ଥାନ ସଂଶୋଧନ କିମ୍ବା ସ୍ଥାନାନ୍ତର ସମ୍ପର୍କିତ ଆବେଦନ- ଏସବୁକୁ ପୃଥକ ପ୍ରକ୍ରିୟା ଓ ଶ୍ରେଣୀ ଭାବେ ବିଚାର କରାଯାଏ ଓ ତେଣୁ, ଏହି ଭିନ୍ନ ପ୍ରକ୍ରିୟାଗତ ଶ୍ରେଣୀଗୁଡ଼ିକୁ ଏକାଠି କରି ଦେଖିବା ପରିବର୍ତ୍ତେ, ପ୍ରତ୍ୟେକ ସଂଖ୍ୟାର ପ୍ରଶାସନିକ ଅର୍ଥ ଓ ପ୍ରକ୍ରିୟାଗତ ପରିପ୍ରେକ୍ଷିତକୁ ବୁଝିବା ଅଧିକ ଗୁରୁତ୍ୱପୂର୍ଣ୍ଣ ।

ତେଣୁ, ଜନସାଧାରଣଙ୍କ ମନରେ ଉଠୁଥିବା ସନ୍ଦେହର ଉତ୍ତର କେବଳ ଏତିକି କହିଦେବାରେ ସୀମିତ ରହିପାରେ ନାହିଁ ଯେ ନିର୍ବାଚନ କମିଶନ ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ ।କମିଶନଙ୍କ ସାମ୍ବିଧାନିକ ସ୍ଥିତି ତାଙ୍କର ନିର୍ଦ୍ଦେଶ ଓ ନିଷ୍ପତ୍ତିକୁ ବୈଧତା ପ୍ରଦାନ କରେ; କିନ୍ତୁ ଜନସାଧାରଣଙ୍କ ବିଶ୍ୱାସ ସେତେବେଳେ ଅଧିକ ଦୃଢ଼ ହୁଏ, ଯେତେବେଳେ ସେହି ନିର୍ଦ୍ଦେଶ ଓ ନିଷ୍ପତ୍ତିଗୁଡ଼ିକ ସ୍ୱଚ୍ଛ ଭାବେ କାର୍ଯ୍ୟକାରୀ ହୁଏ, ସେଗୁଡ଼ିକର ଯୁକ୍ତି ଓ ପ୍ରକ୍ରିୟା ସାଧାରଣ ଲୋକଙ୍କ ପାଇଁ ବୋଧଗମ୍ୟ ହୁଏ ଏବଂ ସ୍ୱାଧୀନ ଭାବେ ଯାଂଚ କରିବାର ସୁଯୋଗ ରହେ । ଅର୍ଥାତ୍ ପ୍ରତିଷ୍ଠାନଗତ ବୈଧତା ସହିତ ସ୍ୱଚ୍ଛତା, ଜବାବଦେହିତା ଓ ବୋଧଗମ୍ୟତା ମଧ୍ୟ ଜନବିଶ୍ୱାସର ମୁଖ୍ୟ ଆଧାର ଓ ଏହି ପରିପ୍ରେକ୍ଷିରେ, କମିଶନଙ୍କ ପାଇଁ ପ୍ରତ୍ୟେକ ସମାଲୋଚକଙ୍କୁ ସନ୍ତୁଷ୍ଟ କରିବା ଆବଶ୍ୟକ ନୁହେଁ । କୌଣସି ସ୍ୱାଧୀନ ସାମ୍ବିଧାନିକ ପ୍ରତିଷ୍ଠାନ ସାର୍ବଜନୀନ ସହମତିକୁ ଲକ୍ଷ୍ୟ କରି ନିଜର ଦାୟିତ୍ୱ ପାଳନ କରିପାରେ ନାହିଁ ଓ ତଥାପି, ଏହାର କାର୍ଯ୍ୟପଦ୍ଧତି ଓ ନିଷ୍ପତ୍ତି ପ୍ରକ୍ରିୟାକୁ ସ୍ପଷ୍ଟ ଭାବେ ବ୍ୟାଖ୍ୟା କରିବା, ପ୍ରାସଙ୍ଗିକ ସୂଚନାକୁ ସରଳ ଓ ସୁଗମ ରୂପରେ ସାର୍ବଜନୀନ କରିବା, ଏବଂ ଅସ୍ଥାୟୀ କିମ୍ବା ଡ୍ରାଫ୍ଟ ସୂଚନା, ପ୍ରଶାସନିକ ନିଷ୍ପତ୍ତି ଓ ଚୂଡ଼ାନ୍ତ ଫଳାଫଳ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରଖିବା ତାହାର ଦାୟିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏପରି ସ୍ୱଚ୍ଛ ଓ ସୁସଙ୍ଗତ ଯୋଗାଯୋଗ ମାଧ୍ୟମରେ ତଥ୍ୟର ଭୁଲ ବ୍ୟାଖ୍ୟାର ସମ୍ଭାବନା କମିବା ସହିତ ଜନସାଧାରଣଙ୍କ ପାଇଁ ନିର୍ବାଚନୀ ପ୍ରକ୍ରିୟାକୁ ବୁଝିବା ମଧ୍ୟ ସହଜ ହୁଏ । ଏହାର ପରିଚାଳନା କ୍ଷେତ୍ରରେ ମଧ୍ୟ ସମାନ ନୀତି ପ୍ରଯୁଜ୍ୟ । ଭାରତ ଭଳି ବିଶାଳ ଓ ଜଟିଳ ଦେଶରେ ଏକ ବ୍ୟାପକ ନିର୍ବାଚନୀ ପ୍ରକ୍ରିୟା ପରିଚାଳନା କରୁଥିବା ପ୍ରତିଷ୍ଠାନ ତ୍ରୁଟି, ବାଦ ପଡ଼ିବା ଏବଂ ବିବାଦ ଭଳି ପରିସ୍ଥିତିର ସମ୍ମୁଖୀନ ହେବା ସ୍ୱାଭାବିକ । ପ୍ରତିଷ୍ଠାନଗତ ବିଶ୍ୱସନୀୟତାର ଅର୍ଥ ଏପରି ସମସ୍ୟା କେବେ ଘଟିବ ନାହିଁ ବୋଲି ଦାବି କରିବା ନୁହେଁ; ବରଂ ଏହା ପ୍ରମାଣ କରିବା ଯେ ସ୍ପଷ୍ଟ ଓ ପ୍ରତିଷ୍ଠିତ ପ୍ରକ୍ରିୟା ମାଧ୍ୟମରେ ତ୍ରୁଟିକୁ ଚିହ୍ନଟ, ସଂଶୋଧନ ଏବଂ ତାହା ପାଇଁ ଜବାବଦେହିତା ନିର୍ଦ୍ଧାରଣ କରାଯାଇପାରେ । ଏଠାରେ ଏକ ବ୍ୟାପକ ସାମ୍ବିଧାନିକ ଶିକ୍ଷା ନିହିତ ଅଛି । ପ୍ରତିଷ୍ଠାନଗୁଡ଼ିକ ସ୍ୱଚ୍ଛତା ଓ ଜବାବଦେହିତା ସହିତ ନିଜର କର୍ତ୍ତୃତ୍ୱ ପ୍ରୟୋଗ କଲେ ସେମାନଙ୍କର ବିଶ୍ୱସନୀୟତା ଆହୁରି ଦୃଢ଼ ହୁଏ । ସ୍ୱାଧୀନତା ବଜାୟ ରଖିବା ପାଇଁ ନିର୍ବାଚନ କମିଶନଙ୍କୁ ଯାଂଚ କିମ୍ବା ପ୍ରଶ୍ନରୁ ଦୂରେଇ ରହିବାର ଆବଶ୍ୟକତା ନାହିଁ ଓ ବରଂ, ପୂର୍ବାନୁମାନଯୋଗ୍ୟ ପ୍ରକ୍ରିୟା, ସୁଗମ ଓ ସ୍ପଷ୍ଟ ସୂଚନା, ଏବଂ ଯୁକ୍ତିସଙ୍ଗତ ବ୍ୟାଖ୍ୟା ଏହାର ସ୍ୱାଧୀନତାକୁ ଆହୁରି ବିଶ୍ୱସନୀୟ ଓ ପ୍ରତିଷ୍ଠିତ କରିପାରେ ।

ତେଣୁ ନିର୍ବାଚନ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ କୌଣସି ପ୍ରତିଷ୍ଠାନ ଉପରେ ପ୍ରଶ୍ନହୀନ କିମ୍ବା ଅନ୍ଧ ବିଶ୍ୱାସ ଭାବେ ବୁଝିବା ଉଚିତ୍ ନୁହେଁ । ବରଂ, ଏହା ଏକ ଏପରି ଯୁକ୍ତି ସଙ୍ଗତ ଆତ୍ମବିଶ୍ୱାସ, ଯେ ପ୍ରତିଷ୍ଠାନର ନିଜ ଦାୟିତ୍ୱ ପାଳନ କରିବାର ବୈଧ କ୍ଷମତା ରହିଛି, ତ୍ରୁଟି ଚିହ୍ନଟ ଓ ସଂଶୋଧନ ପାଇଁ ପ୍ରତିଷ୍ଠିତ ପ୍ରକ୍ରିୟା ରହିଛି, ଏବଂ ନିଜର ନିଷ୍ପତ୍ତି ଓ କାର୍ଯ୍ୟପଦ୍ଧତିକୁ ସ୍ପଷ୍ଟ ଭାବେ ବ୍ୟାଖ୍ୟା ଓ ସାର୍ବଜନୀନ ଯାଂଚ ପାଇଁ ଉପଲବ୍ଧ କରାଇବାରେ ଏହା ପ୍ରସ୍ତୁତ । ଏହି ଅର୍ଥରେ, ଜନବିଶ୍ୱାସ ଅନ୍ଧ ସମର୍ଥନ ଉପରେ ନୁହେଁ, ବରଂ ସ୍ୱଚ୍ଛତା, ଜବାବଦେହିତା ଓ ପ୍ରତିଷ୍ଠାନଗତ ପ୍ରକ୍ରିୟାର ବିଶ୍ୱସନୀୟତା ଉପରେ ଆଧାରିତ ।

ଇସଲାମିକ୍ ସ୍କଲାର୍

ପାଟିରେ ଶ୍ୱାସପ୍ରଶ୍ୱାସ : ସ୍ୱାସ୍ଥ୍ୟଗତ ସମସ୍ୟା

॥ ଡାକ୍ତର ରାମପ୍ରସାଦ ରାୟ ॥

ପାଟିବାଟେ ନିଃଶ୍ୱାସ ପ୍ରଶ୍ୱାସ ନେବା ହାନିକାରକ ନୁହେଁ ବୋଲି ମନେ ହୁଏ । ସାଧାରଣତଃ ଥଣ୍ଡା ଧରିଥିବା ବେଳେ ମନୁଷ୍ୟ ପାଟିବାଟେ ଶ୍ୱାସକ୍ରିୟା ସମ୍ପାଦନ କରେ । କିନ୍ତୁ ଏ ଅଭ୍ୟାସ କ୍ରମଶଃ ବୃଦ୍ଧି ପାଉଛି । ଏତାଦୃଶ ଅଭ୍ୟାସ ସମ୍ପ୍ରତି ପିଲା, କିଶୋର ଓ କର୍ମକ୍ଷେତ୍ରରେ ନିଯୁକ୍ତ ଯୁବାଙ୍କ ଠାରେ ପରିଲକ୍ଷିତ ହେଉଛି । ଏକଦା ନାକବୁଜା ଅବରୋଧ ଅଥବା ଶୟନ ବିଭ୍ରାଟ ଯୋଗୁଁ ହେଉଥିବା ଏ ଘଟଣା ଏବେ ସମ୍ପୂର୍ଣ୍ଣ ଜୀବନଯାପନ ଶୈଳୀ ଭିତିକ ହୋଇଗଲାଣି । ପୁଣି ଏହା ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି କରୁଛି ।

ଏଥିରେ ଆଧୁନିକ ଜୀବନଯାପନ ଧାରା ବି କମ ତାତ୍ପର୍ଯ୍ୟ ନିର୍ବାହ କରୁନାହିଁ । ଏକଦାକ୍ରମେ ବହୁ ସମୟ ସ୍କ୍ରିନ ଦେଖାରେ ବିତାଇବା, ଅନୁଚିତ ଉପବେଶନ ଶୈଳୀ, ଗୃହ ଅଭ୍ୟନ୍ତର ପ୍ରଦୂଷଣ ବୃଦ୍ଧି, ଆଲର୍ଜି, ବହୁଦିନ ଧରି ସାଇନସ ଅବରୋଧ ଓ ସଦାସର୍ବଦା ବାତାନୁକୂଳିତ ପରିବେଶରେ ଅବସ୍ଥାନ ଆଦି ନାସିକା ଶୁଷ୍କତା ଓ ଅବରୋଧ ପାଇଁ ଦାୟୀ । ସ୍ୱାଭାବିକ ଶ୍ୱାସକ୍ରିୟା ନିମନ୍ତେ ନାସିକା ସମର୍ଥ ଥିଲେ ବି କାଳକ୍ରମେ ଲୋକେ ଅବଚେତନ ମନରେ ପାଟିବାଟେ ଶ୍ୱାସକ୍ରିୟା ଅଭ୍ୟାସ ଆଦିର ନେଉଛନ୍ତି ।

ଅତିରିକ୍ତ ମାନସିକ ଚାପ ଓ ଉଦ୍‌ବେଗ ଯୋଗୁଁ ମଧ୍ୟ ଶ୍ୱାସକ୍ରିୟା ଧାରା ପ୍ରଭାବିତ ହେଉଛି । ମାନସିକ ଭାରାକ୍ରାନ୍ତ ଅବସ୍ଥାରେ ଅଗଭୀର ଓ ଖର ଶ୍ୱାସକ୍ରିୟା ଚାଲୁଥିବାରୁ ବାୟୁ ପ୍ରବାହ ନାକରୁ ପାଟିକୁ ଚାଲିଯାଏ ଏବଂ କାଳକ୍ରମେ ତାହା ଅଭ୍ୟାସଗତ ହୋଇଯାଏ । ଫୁସଫୁସରେ ପହଂଚିବା ଆଗରୁ ପବନକୁ ଛାଙ୍କିବା, ଉଷୁମ କରିବା ଓ ଆର୍ଦ୍ର କରିବା ନିମନ୍ତେ ନାସିକାରେ ଉପଯୁକ୍ତ ବ୍ୟବସ୍ଥା ରହିଛି । ମୁଖ ଶ୍ୱାସକ୍ରିୟା ଯୋଗୁଁ ଉପରୋକ୍ତ ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା ଏଡ଼ାଇ ହୋଇଯାଏ । ଫଳତଃ ଶ୍ୱାସନଳୀ ମଧ୍ୟକୁ ଥଣ୍ଡା, ଶୁଷ୍କ ଓ ଛାଙ୍କି ହୋଇ ନଥିବା ପବନ ପ୍ରବେଶ କରେ । ଏଥିଯୋଗୁଁ ତଂଟି ସଂକ୍ରମଣ, ମୁଖ ଗହ୍ୱର ଶୁଷ୍କତା, ଦୁର୍ଗନ୍ଧ ନିଃଶ୍ୱାସ ତଥା ଦନ୍ତକ୍ଷୟ ଓ ମାଢ଼ି ରୋଗ ଆଦି ହେବାର ଯଥେଷ୍ଟ ଆଶଙ୍କା ଦେଖାଦିଏ ।

ପୁନଶ୍ଚ ପିଲାଏ ପାଟିରେ ନିଃଶ୍ୱାସ ନେବା ଅଭ୍ୟାସରେ ପଡ଼ିଗଲେ ସେମାନଙ୍କ ମୁଖମଣ୍ଡଳରେ ଅଳବ ପରିବର୍ତ୍ତନ ସବୁ ଘଟେ, ଦାନ୍ତ ବେହେଡ଼ା ହୋଇଯାଏ, ପରିବର୍ତ୍ତନ ସବୁ ଘଟେ, ଦାନ୍ତ ବେହେଡ଼ା ହୋଇଯାଏ କଥାପୋକଥନ ବେଳେ ଅସୁବିଧା ହୁଏ । ପ୍ରାପ୍ତ ବୟସ୍କଙ୍କ କ୍ଷେତ୍ରରେ ଏହା କ୍ଷଣ ଭଙ୍ଗୁର ନିଦ୍ରା, ଘୁଙ୍ଗୁଡ଼ି ଓ ନିଦ୍ରା ବିଶୃଙ୍ଖଳିତ ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି କରିଥାଏ । ଏ ଅଭ୍ୟାସ ପୁରାତନ ହୋଇଗଲେ କ୍ଳାନ୍ତି, ଧ୍ୟାନନିବେଶ ବିଭ୍ରାଟ, ସକାଳ ମୁଣ୍ଡବ୍ୟଥା ସହିତ ମେଟାବୋଲିକ ଓ ହୃଦରୋଗ ସମସ୍ୟା ବି ଦେଖା ଦେଇପାରେ । ସେ ଯାହାହେଉ ପାଟିବାଟେ ଶ୍ୱାସକ୍ରିୟା କରିବା ଗୋଟାଏ ରୋଗ ନୁହଁ, ଜୀବନଶୈଳୀଗତ ସମସ୍ୟା । ଏହା ଏତେ ମନ୍ଥର ଗତିରେ ଅଭ୍ୟାସରେ ପଡ଼ିଯାଇଥାଏ ଯେ ମଣିଷ କେମିତି ଏ ବଦଭ୍ୟାସ ବଶବର୍ତ୍ତୀ ହେଲା ତାହା ବୁଝିପାରେ ନାହିଁ । କେଉଁ କାରଣ ଯୋଗୁଁ ଏହା ହେଉଛି ତାହା ଧରିପାରିଲେ ଏ ସମସ୍ୟା ସୁଧାରି ହେବ । ଏହା ବ୍ୟତିରେକେ, ଉପବେଶନ ଓ ଶୟନ ଶୈଳୀ ପରିବର୍ତ୍ତନ, ଯଥେଷ୍ଟ ପାଣି ପିଇବା, ଆଲର୍ଜି ନିୟନ୍ତ୍ରଣ ନାସିକା ଶ୍ୱାସକ୍ରିୟା ଅଭ୍ୟାସ ଓ ଶୋଇବା ଆଗରୁ ସ୍କ୍ରିନ ସମୟ ସୀମିତ କରିବା ଦ୍ୱାରା ମଧ୍ୟ ଶ୍ୱାସକ୍ରିୟା ଧାରା ପୁନଃ ସ୍ୱାଭାବିକ ହୋଇପାରିବ ।

କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୬୦୪୦୮୮୩୬

ପିତୃପକ୍ଷ—କାହିଁକି ଓ କାହା ପାଇଁ ?

॥ ମିଲନ କୁମାର ମିଶ୍ର (ଭରଦ୍ୱାଜ) ॥

ଭାରତୀୟ ସଂସ୍କୃତିରେ ମଣିଷର ଜୀବନକୁ କେବଳ ତା'ର ନିଜସ୍ୱ ଜୀବନ ଭାବରେ ଦେଖାଯାଇନାହିଁ । ତା' ପଛରେ ରହିଛି ଅନେକ ପିଢ଼ିର ଅବଦାନ । ଆମ ନାମ, ଆମ ପରିବାର, ଆମ ଘର, ଆମ ଜମି, ଆମ ଭାଷା, ଆମ ସଂସ୍କାର—କେତେ ଅଜଣା ହାତର ପରିଶ୍ରମର ଫଳ ତାହା ଆମେ ଅନେକ ସମୟରେ ଭାବି ନଥାଉ । ଆମେ ଯେଉଁ ଘରର ଛାତ ତଳେ ଆଜି ନିରାପଦରେ ଶୋଉଛୁ, ସେହି ଘରର ଇଟା ହୁଏତ କୌଣସି ଜେଜେବାପାଙ୍କ ଝାଳରେ ଭିଜିଥିଲା । ଯେଉଁ ଜମିର ଧାନ ଆମ ଭାତ ହୋଇଥିଲା, ସେହି ଜମିରେ କୌଣସି ପୂର୍ବପୁରୁଷଙ୍କ ପାଦର ଚିହ୍ନ ଥିଲା । ଯେଉଁ ମୂଲ୍ୟବୋଧ ଆମକୁ ଭଲ-ମନ୍ଦ ବୁଝାଏ, ସେଗୁଡ଼ିକ ମଧ୍ୟ ଅନେକ ପିଢ଼ି ଦେଇ ଆସିଛି । ତେଣୁ ମଣିଷ ଏକା ନୁହେଁ । ତା' ପଛରେ ଏକ ଦୀର୍ଘ ଶୃଙ୍ଖଳା । ପିତୃପକ୍ଷ ସେହି ଶୃଙ୍ଖଳାର ପୂର୍ବପ୍ରାନ୍ତକୁ ମନେ ପକାଇବାର ଏକ ପବିତ୍ର ଅବସର ।

ହିନ୍ଦୁ ପରମ୍ପରାରେ ଭାଦ୍ରବ ପୂର୍ଣ୍ଣିମା ପରବର୍ତ୍ତୀ ସମୟରୁ ଆଶ୍ୱିନ ଅମାବାସ୍ୟା ପର୍ଯ୍ୟନ୍ତ ପ୍ରାୟ ପନ୍ଦର ଦିନକୁ ପିତୃପକ୍ଷ ବା ଶ୍ରାଦ୍ଧପକ୍ଷ ଭାବରେ ବିବେଚନା କରାଯାଏ । ଏହି ସମୟରେ ପରଲୋକଗତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ, ପିଣ୍ଡଦାନ, ଦାନ ଆଦି କରାଯାଏ । କାହାର ମୃତ୍ୟୁତିଥି ଯେଉଁ ଦିନ ପଡ଼େ, ସେହି ତିଥିରେ ତାଙ୍କ ଶ୍ରାଦ୍ଧ କରାଯିବାର ପରମ୍ପରା ରହିଛି । ମୃତ୍ୟୁତିଥି ଅଜଣା ଥିଲେ କିମ୍ବା ବିଭିନ୍ନ କାରଣରୁ ନିର୍ଦ୍ଦିଷ୍ଟ ତିଥିରେ ଶ୍ରାଦ୍ଧ କରିହୋଇନଥିଲେ, ପିତୃପକ୍ଷର ଶେଷ ଦିନ—ସର୍ବପିତୃ ଅମାବାସ୍ୟାରେ—ସାମୂହିକ ପିତୃସ୍ମରଣ କରାଯାଇଥାଏ । ଏହି ଅମାବାସ୍ୟାକୁ ଅନେକ ସ୍ଥାନରେ ମହାଳୟା ଅମାବାସ୍ୟା ବୋଲି କୁହାଯାଇଥାଏ ।

'ଶ୍ରାଦ୍ଧ' ଶବ୍ଦର ମୂଳରେ ରହିଛି 'ଶ୍ରଦ୍ଧା' । ଅର୍ଥାତ୍ ଶ୍ରଦ୍ଧା ସହ କରାଯାଉଥିବା କର୍ମ । ଏହି ଅର୍ଥଟି ଖୁବ୍ ଗଭୀର । କାରଣ ଶ୍ରାଦ୍ଧକୁ କେବଳ ଗୋଟିଏ ଧାର୍ମିକ ବିଧିରେ ସୀମିତ କରିଦେଲେ ଏହାର ମାନବୀୟ ଅର୍ଥଟି ହଜିଯାଏ । ପିତୃଙ୍କ ଉଦ୍ଦେଶ୍ୟରେ ଜଳ ଅର୍ପଣ କରିବା ହେଉଛି ତର୍ପଣ । ପିଣ୍ଡ ଅର୍ପଣ କରିବା ହେଉଛି ପିଣ୍ଡଦାନ । ଅନ୍ନ, ବସ୍ତ୍ର, ଦକ୍ଷିଣା ଆଦି ଦାନ କରିବା ମଧ୍ୟ ଶ୍ରାଦ୍ଧର ଅଂଶ ହୋଇପାରେ । କିନ୍ତୁ ଏସବୁ ଭିତରେ ଯଦି ଶ୍ରଦ୍ଧା ନଥାଏ, ତେବେ ବିଧି ରହିଯାଏ ସିନା ସେହି ଶ୍ରାଦ୍ଧରେ ଭାବ ରହେନାହିଁ । ତେଣୁ ଶ୍ରାଦ୍ଧର ପ୍ରଥମ ଉପାଦାନ ପିଣ୍ଡ ନୁହେଁ—ଶ୍ରଦ୍ଧା ।

ପିତୃପକ୍ଷରେ ତର୍ପଣର ବିଶେଷ ମହତ୍ୱ ରହିଛି । ଜଳରେ ତିଳ ମିଶାଇ ପିତୃଙ୍କୁ ଅର୍ପଣ କରାଯାଏ । ଏହି ସରଳ କ୍ରିୟାରେ ମଧ୍ୟ ରହିଛି ଏକ ଗଭୀର ପ୍ରତୀକ । ଜଳ ଜୀବନର ପ୍ରତୀକ । ନିଜ ହାତରେ ଜଳ ନେଇ ପୂର୍ବଜଙ୍କ ନାମ ଉଚ୍ଚାରଣ କରିବା ବେଳେ ମଣିଷ ନିଜେ ମଧ୍ୟ ଏକ ମୁହୂର୍ତ୍ତ ପାଇଁ ଅତୀତ ସହିତ ଯୋଡ଼ି ହୋଇଯାଏ । କେବେ କେବେ ଏକ ଅଞ୍ଜଳି ଜଳ ମଧ୍ୟ ଏକ ବଡ଼ ସ୍ମୃତିର ଭାଷା ହୋଇଯାଏ । 'ବାପା, ଆପଣ ନାହାନ୍ତି, କିନ୍ତୁ ମୁଁ ଆପଣଙ୍କୁ ଭୁଲିନାହିଁ ।' 'ମାଆ, ତୁମ ହାତର ସେହି ମମତା ଆଜି ମଧ୍ୟ ମୋ ସ୍ମୃତିରେ ଅଛି ।' 'ଜେଜେବାପା, ତୁମେ ଯେଉଁ ମୂଲ୍ୟବୋଧ ଦେଇଥିଲ, ତାହାକୁ ମୁଁ ଆଜି ମଧ୍ୟ ବହନ କରୁଛି ।' ଜଳ କିଛି କହେନାହିଁ । କିନ୍ତୁ ସେହି ନିରବ ଜଳରେ ଅନେକ କଥା ମିଶି ରହିଥାଏ । ପିଣ୍ଡଦାନ ମଧ୍ୟ ପିତୃଶ୍ରାଦ୍ଧର ଏକ ପ୍ରମୁଖ ଅଂଶ । ପିଣ୍ଡ ସାଧାରଣତଃ ଅନ୍ନକୁ କେନ୍ଦ୍ର କରି ପ୍ରସ୍ତୁତ ହୁଏ ଏବଂ ନିର୍ଦ୍ଦିଷ୍ଟ ବିଧିରେ ପିତୃଙ୍କୁ ଅର୍ପଣ କରାଯାଏ । ଧାର୍ମିକ ଦୃଷ୍ଟିରୁ ପିଣ୍ଡଦାନ ସହ ପରଲୋକ ଓ ପିତୃତୃପ୍ତିର ଧାରଣା ଜଡ଼ିତ । କିନ୍ତୁ ସାଂସ୍କୃତିକ ଦୃଷ୍ଟିରୁ ଏହାକୁ ଦେଖିଲେ ଏହା ଆମକୁ ଅନ୍ନର ମହତ୍ୱ ମଧ୍ୟ ମନେ ପକାଏ । ଅନ୍ନ ହେଉଛି ଜୀବନର ଆଧାର । ପୂର୍ବଜଙ୍କ ନାମରେ ଅନ୍ନ ଅର୍ପଣ କରିବା ମାନେ ଜୀବନର ମୂଳକୁ ସମ୍ମାନ ଦେବା । ଏହିଠାରୁ ଶ୍ରାଦ୍ଧର ଆଉ ଏକ ମାନବୀୟ ଅର୍ଥ ଉଦ୍ଭାସିତ ହୁଏ—ନିଜେ ଖାଇବା ପୂର୍ବରୁ ଅନ୍ୟକୁ ଖାଇବାକୁ ଦେବା ।

ଏଠାରେ ଏକ ପ୍ରଶ୍ନ ଆସେ—ମହାଳୟା ଶ୍ରାଦ୍ଧ କାହା ପାଇଁ ? ସରଳ ଉତ୍ତର—ପରଲୋକଗତ ପିତୃପୁରୁଷଙ୍କ ପାଇଁ । କିନ୍ତୁ 'ପିତୃ' ଶବ୍ଦଟିକୁ କେବଳ 'ବାପା' ଭାବରେ ବୁଝିବା ଯଥେଷ୍ଟ ନୁହେଁ । ଏହାର ଅର୍ଥ ଅଧିକ ବ୍ୟାପକ । ପରିବାର ଓ ବଂଶର ପୂର୍ବପୁରୁଷମାନଙ୍କ ସ୍ମରଣ ଏହାର କେନ୍ଦ୍ରରେ ରହେ । ବାପା, ମାଆ, ଜେଜେବାପା, ଜେଜେମାଆ, ପ୍ରପିତାମହ, ପ୍ରପିତାମହୀ—ଏପରି ପୂର୍ବପିଢ଼ିର ପରଲୋକଗତ ସଦସ୍ୟମାନଙ୍କୁ ପରମ୍ପରାନୁସାରେ ସ୍ମରଣ କରାଯାଏ । ନିର୍ଦ୍ଦିଷ୍ଟ ମୃତ୍ୟୁତିଥି ଅଜଣା ଥିବା ପୂର୍ବଜମାନଙ୍କ ପାଇଁ ମଧ୍ୟ ସର୍ବପିତୃ ଅମାବାସ୍ୟାର ବିଶେଷ ମହତ୍ୱ ରହିଛି । ଅର୍ଥାତ୍ ମହାଳୟା ଜଣେ ବ୍ୟକ୍ତିଙ୍କ ପାଇଁ ନୁହେଁ; ଏହା ସ୍ମୃତିର ସମଗ୍ର ପରିବାର ପାଇଁ ।

ଆମ ପରିବାରରେ କେତେ ପୂର୍ବଜ ଥିଲେ, ସେମାନଙ୍କ ନାମ ସବୁ ଆମେ ଜାଣୁ କି ? ସମ୍ଭବତଃ ନୁହେଁ । ଚାରି ପିଢ଼ି ପଛକୁ ଗଲେ ହୁଏତ ନାମ ହଜିଯାଏ । ଫଟୋ ନଥାଏ । ଜନ୍ମତାରିଖ ନଥାଏ । ମୃତ୍ୟୁତିଥି ମଧ୍ୟ ଜଣା ନ ଥାଏ । କିନ୍ତୁ ସେମାନେ ଥିଲେ । ସେମାନେ ବଂଚିଥିଲେ । ସେମାନଙ୍କ ଜୀବନର ଧାରା ଆସି ଆମ ପାଖରେ ପହଂଚିଛି । ସେହି ଅଜଣା ପୂର୍ବଜଙ୍କୁ ସ୍ମରଣ କରିବାର ଏକ ସାମୂହିକ ଅବସର ହେଉଛି ସର୍ବପିତୃ ଅମାବାସ୍ୟା । ଏହି ଦିଗରୁ ମହାଳୟାର ଅର୍ଥ ଆହୁରି ବ୍ୟାପକ । ଯେଉଁମାନଙ୍କ ନାମ ଇତିହାସର ପୃଷ୍ଠାରେ ନାହିଁ, ପରିବାରର ମୁହଁରେ ନାହିଁ, ସେମାନଙ୍କୁ ମଧ୍ୟ ସ୍ମୃତିର ଗୋଟିଏ ଦୀପ ଜଳାଇ ମନେ ପକାଇବା ।

ପିତୃପକ୍ଷ ଆମକୁ ଆଉ ଗୋଟିଏ କଠିନ ପ୍ରଶ୍ନ ପଚାରେ—ଆମେ ଜୀବନ୍ତ ଥିବାବେଳେ ନିଜ ପିତୃମାତୃଙ୍କ ପାଇଁ କ'ଣ କରୁଛୁ ? ବାପା ବଂଚିଥିବା ବେଳେ ତାଙ୍କ କଥା ଶୁଣିବାକୁ ସମୟ ନାହିଁ, ମାଆଙ୍କୁ ଦୁଇ ମୁହୂର୍ତ୍ତ ବସି କଥା ହେବାକୁ ସମୟ ନାହିଁ; କିନ୍ତୁ ତାଙ୍କ ମୃତ୍ୟୁ ପରେ ଭବ୍ୟ ଶ୍ରାଦ୍ଧ କରିବାରେ ଆମେ ଯଦି ଗର୍ବ ଅନୁଭବ କରୁ, ତେବେ ସେହି ଶ୍ରାଦ୍ଧର ମୂଳ ଭାବକୁ ଆମେ ବୁଝିଛୁ କି ? ଜୀବନ୍ତ ପିତୃମାତୃଙ୍କ ସେବା ହେଉଛି ସବୁଠାରୁ ବଡ଼ ପିତୃସେବା । ମୃତ୍ୟୁ ପରେ ତର୍ପଣ ଏକ ଧାର୍ମିକ କର୍ତ୍ତବ୍ୟ ହୋଇପାରେ; କିନ୍ତୁ ଜୀବନକାଳରେ ମାଆଙ୍କ ହାତ ଧରିବା, ବାପାଙ୍କ ଔଷଧ ଆଣିଦେବା, ବୃଦ୍ଧ ମୁହଁରେ ହସ ଫୁଟାଇବା—ଏହା ହେଉଛି ଜୀବନ୍ତ ଶ୍ରାଦ୍ଧ । ସେଥିପାଇଁ ପିତୃପକ୍ଷର ଶିକ୍ଷା ମୃତଙ୍କ ପାଇଁ ଯେତିକି, ଜୀବିତଙ୍କ ପାଇଁ ତା'ଠାରୁ କମ୍ ନୁହେଁ ।

ଶ୍ରାଦ୍ଧରେ ଦାନର ମଧ୍ୟ ଏକ ପରମ୍ପରା ରହିଛି । ଅନ୍ନଦାନ, ବସ୍ତ୍ରଦାନ, ଦକ୍ଷିଣା ଆଦି ମାଧ୍ୟମରେ ଅନ୍ୟର ଆବଶ୍ୟକତା ପୂରଣ କରିବାର ମନୋଭାବ ଏଥିରେ ରହେ । ପିତୃଙ୍କ ନାମରେ ଜଣେ ଭୋକିଲାକୁ ଖାଇବାକୁ ଦେବା, ଜଣେ ଅସହାୟଙ୍କୁ ବସ୍ତ୍ର ଦେବା, ଜଣେ ଦୁଃଖୀଙ୍କୁ ସାହାଯ୍ୟ କରିବା—ଏସବୁ କାର୍ଯ୍ୟ ଶ୍ରଦ୍ଧାକୁ ମାନବୀୟତାରେ ପରିଣତ କରେ । କାରଣ ମୃତ ପୂର୍ବଜଙ୍କ ପାଇଁ ଆମର ଭଲପାଇବାର ସବୁଠାରୁ ସୁନ୍ଦର ପ୍ରକାଶ ହେଉଛି—ତାଙ୍କ ନାମରେ ଜୀବନ୍ତ ମଣିଷର ମୁହଁରେ ହସ ଆଣିବା ।

ପୂର୍ବଜ ସ୍ମରଣର ଏହି ପରମ୍ପରା ଆମକୁ ପ୍ରକୃତି ସହିତ ମଧ୍ୟ ଯୋଡ଼େ । ଜଳ, ଅନ୍ନ, ତିଳ, ଦୁବ, ଫୁଲ—ପ୍ରକୃତିର ଉପାଦାନଗୁଡ଼ିକ ଶ୍ରାଦ୍ଧବିଧିରେ ବ୍ୟବହୃତ ହୁଏ । ଏଥିରେ ଏକ ସରଳ ସତ୍ୟ ଲୁଚିଛି—ଆମେ ଯେଉଁ ଜୀବନ ପାଇଛୁ, ତାହା କେବଳ ପୂର୍ବଜଙ୍କ ଦାନ ନୁହେଁ; ପ୍ରକୃତିର ମଧ୍ୟ ଦାନ । ଆମ ପୂର୍ବଜମାନେ ଯେଉଁ ଗଛ ଲଗାଇଥିଲେ, ଆମେ ତାହାର ଛାଇରେ ବସୁଛୁ । ସେମାନେ ଯେଉଁ ଜମିକୁ ରକ୍ଷା କରିଥିଲେ, ଆମେ ତାହାର ଫଳ ଖାଉଛୁ । ତେଣୁ ପିତୃସ୍ମରଣ ସହିତ ପ୍ରକୃତିର ସୁରକ୍ଷା ମଧ୍ୟ ଆମର ଏକ ଦାୟିତ୍ୱ । ମହାଳୟାର ଆଉ ଏକ ଅନନ୍ୟ ସାଂସ୍କୃତିକ ଅର୍ଥ ରହିଛି । ମହାଳୟାକୁ ପିତୃପକ୍ଷର ଅବସାନ ଓ ଦେବୀପକ୍ଷର ଆରମ୍ଭର ସନ୍ଧିକ୍ଷଣ ଭାବରେ ଦେଖାଯାଏ । ଏକ ଅର୍ଥରେ ଏହା ଅତୀତରୁ ଭବିଷ୍ୟତକୁ ଯିବାର ସେତୁ । ପ୍ରଥମେ ପିତୃଙ୍କୁ ପ୍ରଣାମ । ତା'ପରେ ଦେବୀଙ୍କୁ ଆହ୍ୱାନ ।

ଆଜି ଯୁଗ ବଦଳିଛି । ପରିବାର ଛୋଟ ହୋଇଛି । ଯୁକ୍ତ ପରିବାରର ସ୍ଥାନ ନେଇଛି ଏକକ ପରିବାର । ପିଲାମାନେ ଦୂର ସହରରେ, ବିଦେଶରେ । ଅନେକଙ୍କ ପାଖରେ ପୂର୍ବଜଙ୍କ ନାମ ମଧ୍ୟ ଅଜଣା । ତଥାପି ପିତୃପକ୍ଷର ଆବଶ୍ୟକତା କମିନାହିଁ । ବରଂ ଆଜି ଏହାର ମାନବୀୟ ଅର୍ଥ ଆହୁରି ଆବଶ୍ୟକ । କାରଣ ଆଧୁନିକ ମଣିଷ ସବୁକିଛି ଶୀଘ୍ର ଭୁଲିଯାଉଛି । ପୁରୁଣା ଫଟୋ ଡିଜିଟାଲ ଫାଇଲ ହେଉଛି । ଘରର ବୃଦ୍ଧମାନଙ୍କ କାହାଣୀ ଶୁଣିବାକୁ କାହା ପାଖରେ ସମୟ ନାହିଁ । ପରିବାରର ଇତିହାସ ଧୀରେ ଧୀରେ ହଜିଯାଉଛି । ଏହି ସମୟରେ ପିତୃପକ୍ଷ ଆମକୁ କହେ—ନିଜର ପରିବାର ଇତିହାସକୁ ମନେ ରଖ । ନିଜ ପରମ୍ପରାକୁ ଜାଣ । ବାପାଙ୍କ ଜୀବନର କାହାଣୀ ପିଲାଙ୍କୁ କୁହନ୍ତୁ । ଜେଜେବାପାଙ୍କ ସ୍ମୃତି ଲେଖି ରଖନ୍ତୁ । ପୁରୁଣା ଫଟୋଗୁଡ଼ିକୁ ସଂରକ୍ଷଣ କରନ୍ତୁ । ପରିବାରର ବଂଶପରମ୍ପରାକୁ ଜାଣନ୍ତୁ । ଏସବୁ ମଧ୍ୟ ଏକ ପ୍ରକାର ଆଧୁନିକ ପିତୃତର୍ପଣ ।

ପରମ୍ପରାକୁ ସମ୍ମାନ କରିବା ଓ ଅନ୍ଧବିଶ୍ୱାସକୁ ଅନୁସରଣ କରିବା—ଏକା କଥା ନୁହେଁ । ପିତୃପକ୍ଷର ଧାର୍ମିକ ବିଧିଗୁଡ଼ିକ ଅଂଚଳ, ପରିବାର, ସମ୍ପ୍ରଦାୟ ଓ ଶାସ୍ତ୍ରୀୟ ପରମ୍ପରା ଅନୁସାରେ ଭିନ୍ନ ହୋଇପାରେ । କେଉଁ ବିଧି କିଏ କରିବେ, କେଉଁ ତିଥିରେ କରିବେ, ପିଣ୍ଡଦାନର ପ୍ରକ୍ରିୟା କ'ଣ—ଏସବୁ ପାଇଁ ନିଜ ପରିବାରର ପରମ୍ପରା ଓ ଯୋଗ୍ୟ ପୁରୋହିତଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ । କିନ୍ତୁ ପରମ୍ପରାର ମୂଳ ଉଦ୍ଦେଶ୍ୟକୁ ଭୁଲି ଯଦି କେବଳ ଭୟ, ଦେଖାଦେଖି କିମ୍ବା ସାମାଜିକ ଚାପରେ ଶ୍ରାଦ୍ଧ କରାଯାଏ, ତେବେ 'ଶ୍ରଦ୍ଧା' ଶବ୍ଦଟିର ମର୍ମ ହିଁ ହଜିଯାଏ ।

ମହାଳୟା ଦିନ ଆମେ ଅନେକ ପ୍ରଶ୍ନ କରୁ—କେଉଁ ବିଧି ? କେତେ ପିଣ୍ଡ ? କେତେ ଦାନ ? କିଏ କରିବେ ? କିନ୍ତୁ ଆଉ ଗୋଟିଏ ପ୍ରଶ୍ନ କରିବା ଦରକାର—ମୁଁ ମୋ ପୂର୍ବଜଙ୍କୁ କେତେ ଜାଣିଛି ? ମୋ ବାପା କେମିତି ଥିଲେ ? ମୋ ମାଆ କେଉଁ ସ୍ୱପ୍ନ ଦେଖୁଥିଲେ ? ମୋ ଜେଜେବାପା କେଉଁ ଦୁଃଖ ସହି ଘରଟିଏ ଗଢ଼ିଥିଲେ ? ମୋ ଜେଜେମାଆ କେଉଁ ମୂଲ୍ୟବୋଧ ମୋ ପରିବାରକୁ ଦେଇଯାଇଥିଲେ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବା ଆରମ୍ଭ କଲେ ପିତୃପକ୍ଷ ଏକ ଧାର୍ମିକ ପରମ୍ପରାରୁ ଏକ ଜୀବନ୍ତ ପରିବାରର ଇତିହାସରେ ପରିଣତ ହୋଇଯାଏ ।

ଦିନେ ଆମେ ମଧ୍ୟ ରହିବୁ ନାହିଁ । ଆମ ଘର ହୁଏତ ରହିବ । ଆମ ଫଟୋ ରହିବ । ଆମ ପିଲାମାନେ ରହିବେ । ଆମ ଲେଖା କିଛି କାଗଜ ରହିବ । ଆମେ ଯେଉଁ ଗଛଟିଏ ଲଗାଇଥିବୁ, ତାହା ହୁଏତ ଆମଠାରୁ ଅଧିକ ଦିନ ବଂଚିବ । ତା'ପରେ ଆମ ପାଇଁ ମଧ୍ୟ କେହି ନା କେହି ଗୋଟିଏ ଦିନ ଜଳ ଅର୍ପଣ କରିବ । କେହି ହୁଏତ ଆମ ନାଁ ନେଇ କହିବ—'ଆପଣ ନାହାନ୍ତି, କିନ୍ତୁ ଆମେ ଆପଣଙ୍କୁ ଭୁଲିନାହୁଁ ।' ଏହି ଗୋଟିଏ ବାକ୍ୟ ହିଁ ବୋଧହୁଏ ପିତୃପକ୍ଷର ସମଗ୍ର ଦର୍ଶନ ।

ତେଣୁ ପିତୃପକ୍ଷ କେବଳ ମୃତକଙ୍କ ପାଇଁ ନୁହେଁ—ଜୀବିତଙ୍କ ପାଇଁ ମଧ୍ୟ । ଏହା ଆମକୁ ମନେ ପକାଏ ଯେ ଆମେ କାହାର ଉତ୍ତରାଧିକାରୀ, କେଉଁ ମାଟିରୁ ଆସିଛୁ ଓ କାହାର ଆଶୀର୍ବାଦରେ ଆଜି ଠିଆ ହୋଇଛୁ । ତେଣୁ ମହାଳୟା ଶୋକର ଦିନ ନୁହେଁ; ଏହା ସ୍ମୃତିର ଦିନ । ଏହା ମୃତ୍ୟୁକୁ ମନେ ପକାଇବାର ଦିନ ନୁହେଁ; ଜୀବନର ଋଣକୁ ମନେ ପକାଇବାର ଦିନ । ପିତୃପକ୍ଷର ଅଞ୍ଜଳିରେ ତେଣୁ ଗୋଟିଏ ପ୍ରାର୍ଥନା ରହୁ—ଯେଉଁମାନଙ୍କ ଯୋଗୁଁ ଆମେ ଆଜି ଅଛୁ, ସେମାନଙ୍କୁ ଆମେ କେବେ ଯେମିତି ଭୁଲି ନଯାଉ । ଆଉ ଯେଉଁ ମୂଲ୍ୟବୋଧ ସେମାନେ ଆମକୁ ଦେଇଗଲେ, ତାହାକୁ ଆମେ ଆଗାମୀ ପିଢ଼ି ପର୍ଯ୍ୟନ୍ତ ସତ୍ୟନିଷ୍ଠାରେ ପହଂଚାଇପାରୁ । କାରଣ ମଣିଷର ଦେହ ମାଟିରେ ମିଶିଯାଏ, କିନ୍ତୁ ତା'ର ଭଲପାଇବା, ତା'ର ତ୍ୟାଗ ଓ ତାଠାରୁ ପ୍ରାପ୍ତ ସଂସ୍କାର—ପିଢ଼ି ପରେ ପିଢ଼ି ଜୀବନ୍ତ ରହିଥାଏ । ସେହି ଅମର ସ୍ମୃତିକୁ ପ୍ରଣାମ କରିବା, ସେହି ଅଦୃଶ୍ୟ ଋଣକୁ ସ୍ୱୀକାର କରିବା, ସେହି ପରମ୍ପରାକୁ ମନେ ରଖି ଆଗକୁ ବଢ଼ିବା—ଏହା ହିଁ ବୋଧହୁଏ ପିତୃପକ୍ଷର ପ୍ରକୃତ ତାତ୍ପର୍ଯ୍ୟ । ଆଉ ମହାଳୟା—ସେହି ସ୍ମୃତି, ଶ୍ରଦ୍ଧା ଓ କୃତଜ୍ଞତାର ଏକ ଅଞ୍ଜଳି ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର ଶାସନ, କେନ୍ଦୁଝର ବଜାର, କେନ୍ଦୁଝର- ୭୫୮୦୦୧
ମୋ: ୭୦୦୮୨୪୧୨୮୭

ସେଇଠୁ
ଆରମ୍ଭ
SEITHO ARAMBHA

ବଡିଙ୍ଗିଆ ଅଂଚଳରେ ହାତୀ ଉପଦ୍ରବ, ମାଣ୍ଡିଆ ଓ କନ୍ଦମୂଳ ଚାଷ ନଷ୍ଟ

ଜି.ଉଦୟଗିରି, ୦୯/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ମାଲିକପଡ଼ି ପଂଚାୟତର ବଡିଙ୍ଗିଆ ଗ୍ରାମରେ ପୁଣି ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ଗ୍ରାମ ନିକଟସ୍ଥ ଚାଷ ଜମିରେ ହାତୀ ପଶି ମାଣ୍ଡିଆ ଓ କନ୍ଦମୂଳ ଫସଲ ନଷ୍ଟ କରିଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ହାତୀର ଏଭଳି ଉପଦ୍ରବ ଯୋଗୁଁ ଚାଷୀଙ୍କ ଶ୍ରମ ଓ ଆର୍ଥିକ କ୍ଷତି ହେଉଥିବା ବେଳେ ଆଗକୁ ମଧ୍ୟ ଫସଲ ସୁରକ୍ଷିତ ରହିବ କି ନାହିଁ, ସେନେଇ ଆଶଙ୍କା ପ୍ରକାଶ ପାଉଛି । ସୂଚନା ଅନୁସାରେ, ବଡିଙ୍ଗିଆ ଗ୍ରାମର ଷ୍ଟିଫାନ ନାୟକଙ୍କ ମାଣ୍ଡିଆ ଚାଷକୁ ହାତୀ ନଷ୍ଟ କରିଥିବା ବେଳେ ପ୍ରଦିମାନ ପ୍ରଧାନଙ୍କ କନ୍ଦମୂଳ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଦୀର୍ଘ ଦିନର ପରିଶ୍ରମ ପରେ ଚାଷୀମାନେ ନିଜ ଜମିରେ ଫସଲ ଉତ୍ପାଦନ କରୁଥିବା ବେଳେ ହାତୀ ଆସି ଫସଲ ନଷ୍ଟ କରିଦେବା ଘଟଣା ସେମାନଙ୍କୁ ନିରାଶ କରିଛି । କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ହାତୀ ଏହି ଅଂଚଳରେ ନିଜର ଉପସ୍ଥିତି ଜାହିର କରିଛି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଚିନ୍ତା ବଢ଼ିଛି । ବିଶେଷକରି ଚାଷ ଜମି ନିକଟରେ ରହୁଥିବା ପରିବାରଗୁଡ଼ିକ ନିଜର ଫସଲ ଓ ଧନଜୀବନର ସୁରକ୍ଷାକୁ ନେଇ ଚିନ୍ତିତ ଅଛନ୍ତି । ଅନ୍ୟପକ୍ଷରେ, ହାତୀ ଉପଦ୍ରବ ରୋକିବା ଓ ଚାଷୀଙ୍କ ଫସଲ ସୁରକ୍ଷା କରିବା ଦିଗରେ ବନ ବିଭାଗର ଭୂମିକାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବନ ବିଭାଗର କର୍ମଚାରୀମାନେ ଅଂଚଳରେ ଯାତାୟାତ କରୁଥିଲେ ମଧ୍ୟ ହାତୀ ଉପଦ୍ରବକୁ ରୋକିବା କିମ୍ବା ହାତୀକୁ ଜନବସତି ଓ ଚାଷ ଜମିଠାରୁ ଦୂରେଇ ରଖିବାରେ ସଫଳ ହେଉନଥିବା ଅଭିଯୋଗ ହେଉଛି । ବାରମ୍ବାର ହାତୀ ଆସି ଫସଲ ନଷ୍ଟ କରୁଥିବାରୁ ଚାଷୀମାନଙ୍କ ଆର୍ଥିକ ସ୍ଥିତି ପ୍ରଭାବିତ ହେବାର ଆଶଙ୍କା ରହିଛି । ଏପରି ସ୍ଥିତିରେ ବନ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ହାତୀର ଗତିବିଧି ଉପରେ ନଜର ରଖିବା ଏବଂ ଲୋକଙ୍କୁ ଆଗୁଆ ସତର୍କ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ତେଣୁ ବଡିଙ୍ଗିଆ ଅଂଚଳରେ ହାତୀ ଉପଦ୍ରବ ରୋକିବା ପାଇଁ ବନ ବିଭାଗ ତୁରନ୍ତ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲ କ୍ଷୟକ୍ଷତିର ଆକଳନ କରି ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଅଂଚଳରେ ଦାବି ହେଉଛି ।

ଭଦ୍ରକ ମହିଳା ମହାବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଭଦ୍ରକ,୦୯/୧୦ (ଆ.ପ୍ର) : ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଓ ଆନ୍ଦୋଳନ ଜାରି ରହିଥିବାରୁ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୯ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଅକ୍ଟୋବର ୮ ତାରିଖରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ପରେ କଲେଜ ପରିସରରେ ବିଭିନ୍ନ ଛାତ୍ରଗୋଷ୍ଠୀଙ୍କ ଆନ୍ଦୋଳନ ଯୋଗୁଁ ଶାନ୍ତିପୂର୍ଣ୍ଣ ଶୈକ୍ଷିକ ପରିବେଶ ବ୍ୟାହତ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୦ ତାରିଖଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଲେଜ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏହି ସମୟରେ ପାଠପଢ଼ା, ଶ୍ରେଣୀକାର୍ଯ୍ୟ ଓ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିବ । ଛାତ୍ରୀମାନଙ୍କୁ ଶାନ୍ତି ବଜାୟ ରଖିବା ସହ କଲେଜର ଅଫିସିଆଲ୍ ହ୍ୱାଟ୍ସଆପ୍ ଗ୍ରୁପ୍ ଓ ନୋଟିସ୍ ବୋର୍ଡ ମାଧ୍ୟମରେ ପୁନଃ ଖୋଲିବା ସମ୍ପର୍କିତ ସୂଚନା ଜାଣିବାକୁ ପରାମର୍ଶ ଦିଆଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ଏହି ବନ୍ଦ ନିଷ୍ପତ୍ତି ବଳବତର ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

ଷଷ୍ଠ ଦିନରେ ମାଁ ବିରଜାଙ୍କ ବିଶେଷ ଷୋଡସପଚାର ପୂଜା

ଯାଜପୁର, ୦୯/୧୦ (ଆ.ପ୍ର) : ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ଦୁର୍ଗା ପୂଜା ନିମନ୍ତେ ଦ୍ୱିତୀୟା ଷମୀ ଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡସପଚାର ପୂଜା ଶୁକ୍ରବାର ଦିନ ଷଷ୍ଠ ଦିନରେ ପହଂଚିଛି ।ପ୍ରାତରୁ ମାଁ ବିରଜାଙ୍କ ଅଙ୍ଗ ଲାଗି ସେବାୟତ ମାନଙ୍କୁ ସ୍ନାନ କରି ବେଶ କରି ଫୁଲରେ ସଜ୍ଜିତ କରିଥିଲେ ।ପୂର୍ବାହ୍ନରେ ମାଙ୍କ ଗର୍ଭ ଗୃହରେ ବିଶେଷ ଷୋଡଶୋପଚାର ପୂଜା ହୋଇ ନୀତି ଲାଗି ପହୁଡ଼ ହୋଇଥିଲା ।ପହୁଡ଼ ପୂର୍ବରୁ ଦ୍ୱିତୀୟାଷମୀ ଠାରୁ ମାଙ୍କ ଯଂଜ୍ଞ ମଣ୍ଡପରେ ସ୍ଥାପନ ହୋଇଥିବା କଳସର ପୂଜାର୍ଚ୍ଚନା କରାଯାଇଥିଲା ।ଅପରାହ୍ନରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟାରେ ଆରତୀ ହୋଇ ରାତ୍ରରେ ବିଶେଷ ଷୋଡଶପଚାର ପୂଜା, କଳସ ପୂଜା ହୋଇ ନୀତି ଲାଗି ପହୁଡ଼ ହୋଇଥିଲା ।ମାଁ ଙ୍କ ରଥ ବାଣ୍ଡରେ ନିର୍ମାଣ ହେଉଥିବା ସିଂହଧ୍ୱଜ ରଥ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବଦିନ ବ୍ୟାପି ରଥ ଯାତ୍ରା ଅନୁଷ୍ଠିତ ହେବ ।

ରାୟଗଡ ବ୍ଲକ ସ୍ତରୀୟ ସେବା ସେତୁ ଅଭିଯାନ ଅନୁଷ୍ଠିତ

ରାୟଗଡ଼, ୦୯/୧୦ (ଆ.ପ୍ର) : ରାୟଗଡ ବ୍ଲକ ପରିସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ସେବା ସେତୁ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ମୀଣାଆକା, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟା ପୂଲାକା, ସମାଜସେବୀ କାଳୀରାମ ମାଝୀ, ବସନ୍ତ ଉଲ୍ଲାକା, ଶିବ ପଟ୍ଟନାୟକ, ଶିବ ଶଙ୍କର ଉଲ୍ଲାକା, ସଂଚାଳୀ ଅଶ୍ୱିନୀ, ରଜିତା କରଡା, ସହକାରୀ ତହସିଲଦାର ଶ୍ରୀମନ୍ତ ସାହୁ, ଏବିଡିଓ କାହ୍ନୁ ଚରଣ ନାୟକ ସମେତ ସରପଂଚ, ସମିତି ସଭ୍ୟ, ସଭ୍ୟା, ବିଭିନ୍ନ ସରକାରୀ ବିଭାଗୀୟ ଅଧିକାରୀ ସମେତ ପାଂଚ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ପ୍ରାରମ୍ଭରେ ବିଡିଓ ସୁଜିତ କୁମାର ମିଶ୍ର, କାଳୀରାମ ମାଝୀ ସମେତ ବ୍ଲକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି, ସମାଜସେବୀ ସତେଇଶି ୟୁନିଟ୍ ରକ୍ତ ପ୍ରଦାନ କରିଥିଲେ । ରାୟଗଡ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଏହାର ବ୍ୟବସ୍ଥା କରିଥିଲେ । ସରକାରଙ୍କ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜସ୍ୱ ଯୋଜନା ବିଷୟରେ ସଚେତନ କରିବା ସହ ପ୍ରୋତ୍ସାହନ ରାଶି ବଂଟନ କରାଯାଇଥିଲା । ଶ୍ରମ ବିଭାଗ ତରଫରୁ ଦୁଇଜଣଙ୍କୁ ପଚାଶ ହଜାର ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି, ଦୁଇଜଣଙ୍କୁ ତିନି ଲକ୍ଷ ଟଙ୍କା ଲେଖାଏଁ ମୃତ୍ୟୁକାଳୀନ ସହାୟତା, ଆବାସ ଯୋଜନାରେ ଦୁଇଜଣଙ୍କୁ କୋଡ଼ିଏ ହଜାର ଲେଖାଏଁ ଓ ଜଣଙ୍କୁ ଦଶ ହଜାର ଟଙ୍କା ଅନ୍ତୋଦୟ ଗୃହ ସମ୍ପନ୍ନ ନିମନ୍ତେ ପ୍ରୋତ୍ସାହନ ରାଶି, ଏଗାର ଜଣଙ୍କୁ ନୂତନ ପଡ଼ି କାର୍ଡ, ପ୍ରାଣୀଧନ ବିଭାଗ ତରଫରୁ ସାତ ଜଣଙ୍କୁ ଆଯୋଲା ଚାଷ ନିମନ୍ତେ କାର୍ଯ୍ୟାଦେଶ, ସୁଭଦ୍ରା ଶକ୍ତି ଯୋଜନାରେ ତିନିଜଣ ଲକ୍ଷପତି ଦିଦିଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ବ୍ୟାଙ୍କ ଋଣ ଓ ତିନୋଟି ଏସ ଏଚ ଜୀଙ୍କୁ କୋଡ଼ିଏ ଲକ୍ଷ ଟଙ୍କାର ବ୍ୟାଙ୍କ ଲିଙ୍କେଜ, ଓଡ଼ିଶା ଜୀବିକା ମିଶନ ତରଫରୁ ତିନୋଟି ଏସ ଏଚ ଜିଙ୍କୁ ମାଛ ଚାଷ ପାଇଁ ଋଣ ଓ ଛତୁ ଚାଷ ନିମନ୍ତେ ସହାୟତା ଆଦି ବଂଟନ କରାଯାଇଥିଲା । ଏହା ସହିତ ଶିକ୍ଷା, ମହିଳା ଓ ଶିଶୁ ବିକାଶ, ହର୍ଟିକଲ୍ଚର, ସ୍ୱାସ୍ଥ୍ୟ ପ୍ରାଣୀଧନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଆଦି ବିଭାଗ ତରଫରୁ ସଚେତନତା ଷ୍ଟଲମାନ ଖୋଲା ଯାଇଥିଲା । ପରିବହନ ବିଭାଗ ତରଫରୁ ସଡ଼କ ସୁରକ୍ଷା ସଚେତନତା ସହ ଦଶ ଗୋଟି ହେଲମେଟ ବଂଟନ କରାଯାଇଥିଲା । ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରାର୍ଥନା ସଙ୍ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ନିଳାଂଚଳ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରାୟଗଡ ବ୍ଲକର ସମସ୍ତ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ କର୍ମକର୍ତ୍ତା ଆୟୋଜନରେ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ -୨୦୨୬ ଅନୁଷ୍ଠିତ

ଭବାନୀପାଟଣା,୦୯/୧୦ (ଆ.ପ୍ର) : ୯ ମ ଜିଲ୍ଲା ସ୍ତରୀୟ ଜାତୀୟ ପୋଷଣ ମାସ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆୟୋଜନରେ ଆଜି ଭବାନୀପାଟଣା ପଂଚାୟତ ସମ୍ମିଳନୀ ଗୃହ ଠାରେ ପାଳିତ ହୋଇଯାଇଛି । ଏହି ଦିବସର ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଘାନ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭଉଦ୍ଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରଲକ୍ଷ୍ମୀ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁକିବୁନ୍ ନିଶା, ମେନେଜର କୃଷ୍ଣ ଚନ୍ଦ୍ର ପ୍ରଧାନ, ମିଶନ ଶକ୍ତି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସୁମନ ଦ୍ୱିବେଦୀ, ଓଡିଶା ଜୀବିକା ମିଶନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଡ. ଚନ୍ଦନ ବେହେରା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ମଂଚାସୀନ ଅତିଥି ଭାବରେ ଯୋଗଦେଇଥିଲେ । ଅଂଶଗ୍ରହଣକାରି ମଧ୍ୟରେ ଆଇସିଡିଏସର ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ, ଭବାନୀପାଟଣା ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର ଆଶା ରାଣୀ ସାହୁ ଓ ଧର୍ମଗଡ଼ ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର ଫୁଲସେଂସିଆ ସୋରେନ୍, ପୋଷଣ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ଜିଲ୍ଲା ସଂଯୋଜକ ଅଜୟ ବିଭାର ଓ ଜିଲ୍ଲା ପୋଷଣ କାର୍ଯ୍ୟ ସହାୟିକା ପ୍ରଜ୍ଞା ମହାପାତ୍ର, ଓମେନ୍ ହବ୍‌ର ଜିଲ୍ଲା ସଂଯୋଜକ ଯୁଗେସ୍ୱର ବୁଦ୍ଧିଆ ବିବାହ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲ୍ଲା ପରାମର୍ଶଦାତା ଦିବ୍ୟ ରଞ୍ଜନ ଯୋଶୀ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଆଇସିଡିଏସର ମହିଳା ପରିଦର୍ଶିକା, ପୋଷଣ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ସମସ୍ତ ବ୍ଲକ ସଂଯୋଜକ, ଅଙ୍ଗନୱାଡି କର୍ମୀ, ଓ ସ୍ୱୟଂ ସହାୟକର ଗୋଷ୍ଠୀର ସଭ୍ୟା ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁକିବୁନ୍ ନିଶା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଓ ବିଭାଗର ନିୟମାବଳୀ ଅନୁଯାୟୀ ଜିଲ୍ଲାରେ ରେ କରାଯାଇଥିବା କାର୍ଯ୍ୟକ୍ରମ ଗୁଡିକୁ ଉପସ୍ଥାପନ କରିଥିଲେ । ପରେ ପରେ ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ୍ ପୋଷଣ ଅଭିଯାନ ଅନ୍ତର୍ଗତ ପାଳିତ ହୋଇଥିବା ୯ ମ ଜାତୀୟ ପୋଷଣ ମାସର ଆଭିମୁଖ୍ୟ, କାର୍ଯ୍ୟବଳି ଓ ଜିଲ୍ଲାରେ ପାଳିତ ହୋଇଥିବା ମୁଖ୍ୟ ମୁଖ୍ୟ କାର୍ଯ୍ୟକ୍ରମ ଗୁଡିକୁ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ । ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀ ବୃନ୍ଦ ନିଜ ବିଭାଗୀୟ କାର୍ଯ୍ୟକ୍ରମ ଗୁଡିକୁ ଜଣାଇବା ସହିତ ପୃଷ୍ଟି ସହିତ ସମନ୍ୱୟକୁ ବୁଝାଇଥିଲେ । କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଭବାନୀପାଟଣା ସହରାଂଚଳର ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନଂକ ଦ୍ୱାରା ପ୍ରସ୍ତୁତ ପୃଷ୍ଟିକର ଖାଦ୍ୟ ପ୍ରଦର୍ଶନୀ, ଚଳିତ ପୋଷଣ ମାସର ବିଷୟବସ୍ତୁ ଆଧାରିତ ବାର୍ତ୍ତା ଗୁଡିକୁ ପ୍ରଦର୍ଶିତ କରିଥିଲେ । ପୋଷଣ ମାସ ଅବସରରେ ଆୟୋଜିତ ରଚନା, ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଂକୁ ପୁରସ୍କୃତ କରାଯାଇଥିଲା । ପୁଣି ବ୍ଲକ କଳା ସାଂସ୍କୃତିକ ସଂଘ ମାଧ୍ୟମରେ ଲୋକକଳା ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ପ୍ରୋଗ୍ରାମ୍ ଅଫିସର ସନ୍ଧ୍ୟା ରାଣୀ ନାୟକ ସମସ୍ତଂକୁ ଧନ୍ୟବାଦ ଦେଇଥିଲେ ।

ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ୧୪୯ ତମ ଜନ୍ମ ଜୟନ୍ତୀ ପାଳିତ

ଦଶପଲ୍ଲା, ୦୯/୧୦ (ଆ.ପ୍ର) : ସାରସ୍ୱତ ଅନୁଷ୍ଠାନ ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା, ସାହିତ୍ୟ ସଂସ୍କୃତି ଅନୁଷ୍ଠାନ 'ଗଠନ ପରିବାର' ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରଭୃତି ସଂଗଠନ ପକ୍ଷରୁ ସମ୍ମିଳିତ ଭାବେ ମହାବୀର କ୍ଷେତ୍ର ଗାନ୍ଧୀ ମୈଦାନ ଠାରେ ଥିବା ମହାପୁରୁଷଙ୍କ ପୂଜ୍ୟ ପୂଜା ସ୍ଥଳୀ ରେ ଏକାଠି ହୋଇ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜନ୍ମ ଜୟନ୍ତୀ ଉତ୍ସବକୁ ପାଳନ କରାଯାଇଥିଲା । ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସଭାପତି ଡାକ୍ତର ବୈଦ୍ୟନାଥ ସାହୁଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରିବା ସଙ୍ଗେ ସଙ୍ଗେ ଧୂପ, ଦୀପ ଦେଇ ଭକ୍ତି ଅର୍ଘ୍ୟ ପ୍ରଦାନ କରିଥିଲେ । ଏ ଅବସର ରେ ବହୁ ଶିକ୍ଷାବିତ୍, ସାହିତ୍ୟିକ ପ୍ରଫୁଲ୍ଲ କୁମାର ମିଶ୍ର, ଡାକ୍ତର ଅନ୍ତର୍ଯ୍ୟାମୀ ଭୂୟାଁ,ପ୍ରମୋଦ କୁମାର ପ୍ରଧାନ, ବିଧୁ ଭୂଷଣ ପଣ୍ଡା,ସାମ୍ୟବାଦ ସାହିତ୍ୟ ଘର ସଭାପତି ସନ୍ତୋଷ କୁମାର ସାହୁ, ବିଜେପି ନେତା ରାଘବ ମଲ୍ଲିକ ପୂଣ୍ୟାତ୍ମାଙ୍କ ପ୍ରତି ଶ୍ରଦ୍ଧା ସୁମନ ଜଣାଇ ଥିଲେ । ସ୍ୱୟଂ ସେବକ ମାନସ ରଞ୍ଜନ ସାହୁ, ହୃଷିକେଶ ବାରିକ, ଧୂର୍ବ ଚରଣ ସାହୁ, ପୀତବାସ ପାତ୍ର, କବି ମହେଶ୍ୱର ବେହେରା, ଅରୁଣ ମହାକୁଡ଼, ମନୋ ରଞ୍ଜନ ବରାଡ଼, ପ୍ରକୃତି ପ୍ରେମୀ ପ୍ରଫୁଲ୍ଲ କୁମାର ଦାଶ, ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଜୀବନ ଆଦର୍ଶ, ଉତ୍ସର୍ଗୀ କୃତ ସେବା, ସାହିତ୍ୟ ସର୍ଜନା, ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, କବି, ଅଧିବକ୍ତା ବିଷୟରେ ବକ୍ତବ୍ୟ ରଖିଥିଲେ । ପରମ ପୂଜ୍ୟ ଗୋପବନ୍ଧୁଙ୍କ ଉପରେ ଏକ ଓଡ଼ିଆ ଚଳଚିତ୍ର ନିର୍ମାଣ କଲେ ଆଗାମୀ ପିଢ଼ି ଅନେକ କିଛି ଜାଣି ପାରିବେ ବୋଲି ପ୍ରସ୍ତାବ ନିଆଯାଇ' ଲୋକ ସେବକ ମଣ୍ଡଳ କାର୍ଯ୍ୟକର୍ତ୍ତା' ଓ 'ସମାଜ' କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ନିଷ୍ପତି ନିଆ ଯାଇଥିଲା ।ଏହି ପୂଜ୍ୟ ପୂଜା ସ୍ଥଳ ର ଚତୁଃପାର୍ଶ୍ୱ ପ୍ରାଚେରୀ ନିର୍ମାଣ, ଆଲୋକୀ କରଣ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା । ଗାନ୍ଧିକ ହାତିବନ୍ଧୁ ମହାଖୁଡ଼ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ଗଠନ ପରିବାର ସଭାପତି କବି ରଘୁନାଥ ସାହୁ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପୀଠର ପାଚେରୀ ନିର୍ମାଣ ସକାଶେ ପାଣ୍ଠି ସଂଗ୍ରହ କରାଯିବା ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଥିଲା ।

୨୦୨୭ ପଂଚାୟତ ନିର୍ବାଚନ ପାଇଁ ଭୋଟର ତାଲିକା ସର୍ବେକ୍ଷଣ ନିମନ୍ତେ ତାଲିମ କାର୍ଯ୍ୟକ୍ରମ

ଯାଜପୁର, ୦୯/୧୦ (ଆ.ପ୍ର) : ଓଡ଼ିଶାରେ ୨୦୨୭ରେ ହେବାକୁ ଥିବା ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସ୍ୱଚ୍ଛ, ଅଦ୍ୟତନ ଓ ନାଗରିକକେନ୍ଦ୍ରିକ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଯାଜପୁର ଜିଲ୍ଲାରେ ଘରକୁ ଘର ବୁଲି ସର୍ବେକ୍ଷଣ କାର୍ଯ୍ୟ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟର ତାଲିକାରେ ନୂତନ ଭୋଟରଙ୍କୁ ସାମିଲ କରିବା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ତଥ୍ୟ ଅଦ୍ୟତନ କରିବା ସହ ତାଲିକାକୁ ତ୍ରୁଟିମୁକ୍ତ କରିବା ଉପରେ ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯାଇଥିଲା । ଏହି ତାଲିମ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଦିଶ୍ଚାରପୁର ବିଡିଓ ଛବିରାଣୀ ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ଭରତ କୁମାର ବେହେରା, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ସୌରଭ ପାଳଙ୍କ ସମେତ ସୁପରଭାଇଜରମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ବିଡିଓ, ଏବିଡିଓ, ଜିପିଡିଓ, ୨ ଜଣ ବିଏଲ୍ଓ ସୁପରଭାଇଜର ଏବଂ ୧୦ ଜଣ ପିଇଓ ତାଲିମ ଗ୍ରହଣ କରିଥିଲେ । ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମୁତାବକ, ଯାଜପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ୦୮.୧୦.୨୦୨୬ରୁ ୧୬.୧୦.୨୦୨୬ ମଧ୍ୟରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ । ଏହାପରେ ପ୍ରଶିକ୍ଷିତ କର୍ମଚାରୀମାନେ ଘରକୁ ଘର ବୁଲି ସର୍ବେକ୍ଷଣ କରି ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ଅଦ୍ୟତନ ଓ ତ୍ରୁଟିମୁକ୍ତ କରିବା ଦିଗରେ କାର୍ଯ୍ୟ କରିବେ ।

ବାଲୁଗାଁ ଅବକାରୀ ଥାନା ପକ୍ଷରୁ ଚଢ଼ାଉ : ୨୦୨ ଲିଟର ମଦ ଜବତ ଓ ୯ ଜଣ ଗିରଫ

ଚିଲିକା/ବାଣପୁର, ୦୯/୧୦ (ଆ.ପ୍ର) : ଖୋର୍ଦ୍ଧା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଓ ଟାଙ୍ଗୀ ରେଞ୍ଜର ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରା ଓ ତାଙ୍କ କର୍ମଚାରୀ ମାନେ ମିଶି ବାଲୁଗାଁ ଥାନା ଅଧୀନସ୍ଥ ବୋରିଆସାହି ଠାରେ ଅବୈଧ ଭାବେ ପ୍ରସ୍ତୁତ ମଦ (ଓଉଷ) ଜବତ କରିଛି । ଏଥି ସହିତ ମଦ ସମ୍ବନ୍ଧୀୟ ୯ଟି ମାମଲା ଚିହ୍ନଟ କରାଯାଇଛି ଓ ୯ ଜଣଙ୍କୁ ଗିରଫ କରାଯାଇ ମାନ୍ୟବର ଅଦାଲତକୁ ପଠାଯାଇଛି ଏବଂ ସେମାନଙ୍କ ଠାରୁ ମୋଟ ୨୦୨ ଲିଟର ମଦ (ଓଉଷ) ଜବତ କରାଯାଇଛି । ସେମାନେ ହେଲେ ପିଆର୍ ନଂ. ୧୮୬/ ୨୦୨୬-୨୭ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଦକ୍ଷିଣଗଡ଼ିଆର କୈଳାସ ବଳେଇ । ତାଙ୍କ ଠାରୁ ୭ ଲିଟର ଆଇଡିଏଲ ଜବତ, ପିଆର୍ ନଂ. ୧୮୭/ ୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ଚକାସିଂହର ଗଣେଶ ସବର ଠାରୁ ୨୫ ଲିଟର ଆଇଡିଏଲ ଜବତ ହୋଇଛି, ପିଆର୍ ନଂ. ୧୮୮/୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ନିମାପୁରର ନିରଞ୍ଜନ ସବର ଠାରୁ ୨୫ ଲିଟର ଆଇଡିଏଲ ଜବତ ହୋଇଛି, ପିଆର୍ ନଂ. ୧୮୯/ ୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ମିନାପୁରର ଶରତ ସବର ଠାରୁ ୨୫ ଲିଟର ଆଇଡିଏଲ ଜବତ ହୋଇଛି, ପିଆର୍ ନଂ. ୧୯୦/୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ଚକାସିଂହର ପ୍ରକାଶ ସବର ଠାରୁ ୨୫ ଲିଟର ଆଇଡିଏଲ ଜବତ ହୋଇଛି, ପିଆର୍ ନଂ. ୧୯୧/୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ଚକାସିଂହର ରାଜନ ସବର ଠାରୁ ୨୦ ଲିଟର ଆଇଡିଏଲ ଜବତ ହୋଇଛି, ପିଆର୍ ନଂ. ୧୯୨/୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ମିନାପୁରର ପ୍ରଫୁଲ୍ଲ ସବର ଠାରୁ ୨୫ ଲିଟର ଆଇଡିଏଲ ଜବତ ହୋଇଛି, ପିଆର୍ ନଂ. ୧୯୩/୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ଖଜୁରୀସାହିର ସୁରେଶ ସବର ଠାରୁ ୨୫ ଲିଟର ଆଇଡିଏଲ ଜବତ ହୋଇଛି, ପିଆର୍ ନଂ. ୧୯୪/୨୦୨୬-୨୭ ଅନୁଯାୟୀ ଖଲ୍ଲିକୋଟ ଥାନା, ଗଞ୍ଜାମ ଜିଲ୍ଲା ଅଧୀନ ମିନାପୁରର ମିଟୁ ସବର ଠାରୁ ୨୫ ଲିଟର ଆଇଡିଏଲ ଜବତ ହୋଇଛି । ଅଭିଯୁକ୍ତମାନେ ଭାଲେରୀ ପର୍ବତମାଳା ଦେଇ ଗଞ୍ଜାମ ଜିଲ୍ଲାରୁ ବାଲୁଗାଁକୁ ଆଇଡିଏଲ ପରିବହନ କରୁଥିବାର ଅଭିଯୋଗ ମିଳିଛି ।

ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦକୁ ନେଇ ତୀବ୍ର ପ୍ରତିକ୍ରୀୟା, ଛାତ୍ର ନେତାଙ୍କ ଧାରଣା

ଖଣ୍ଡପଡ଼ା, ୦୯/୧୦ (ଆ.ପ୍ର) : ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ାସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ନେଇ ଘୋଷଣା ପରେ ଛାତ୍ର ନେତା ମାନେ ତୀବ୍ର ପ୍ରତିକ୍ରୀୟା କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଏ ସଂପର୍କିତ ଏକ ଚିଠା ଜାରି କରାଯାଇଥିବା ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି । ତେବେ ଛାତ୍ର ସଂସଦ ନିର୍ବାଚନ ବାତିଲ ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଶାନ୍ତି ଦେଖା ଦେବା ସହ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପଠାଣି ସାମନ୍ତ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ଧାରଣା ଦିଆ ଯିବା ସହ ଏ ନେଇ ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୈଫିୟତ ମାଗିବା ସହ ନିର୍ବାଚନ କରିବା ନେଇ ଦାବି କରିଥିଲେ । ଛାତ୍ର ବିଜେଡ଼ି ପକ୍ଷରୁ ମିଳିଥିବା ଅଭିଯୋଗ ଅନୁଯାୟୀ ଆଜି ପୃଥକ ଭାବେ ବିଭିନ୍ନ ସଂଗଠନ ପକ୍ଷରୁ ଛାତ୍ର ନେତାମାନେ ନାମାଙ୍କନପତ୍ର ଦାଖଲ କରିଥିଲେ । ତେବେ ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କ ପକ୍ଷରୁ ପୃଥକ ପୃଥକ ନାମାଙ୍କନପତ୍ର ଦାଖଲ ପରେ ହଠାତ ଅପରାହ୍ନରେ ନିର୍ବାଚନ ବନ୍ଦ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଘୋଷଣା କରିଥିଲେ । ଫଳରେ ଏହି ଘଟଣାକୁ କେନ୍ଦ୍ର କରି ଛାତ୍ର ବିଜେଡ଼ି ସଭାପତି ବିକ୍ରମ ପ୍ରଧାନ, ଯୁବ ସଭାପତି ମନୋରଞ୍ଜନ ବେହେରାଙ୍କ ସମେତ ନାମାଙ୍କନପତ୍ର ଦାଖଲ କରିଥିବା ଛାତ୍ର ନେତା ମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ନିର୍ବାଚନ କରିବା ନେଇ ଦାବି କରିବାରୁ ଏହାକୁ କେନ୍ଦ୍ର କରି ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ ସଦଳବଳେ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଛାତ୍ର ନେତା ଓ ସଂଗଠନର ସଦସ୍ୟମାନଙ୍କୁ ବୁଝାସୁଝା କରିଥିଲେ । ସଂନ୍ଧ୍ୟାରେ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ନେତୃତ୍ୱରେ ଏକ ଟିମ ଧାରଣାରତ ଛାତ୍ର ଓ ସଂଗଠନ ସଦସ୍ୟଙ୍କୁ ଭେଟି ଦିର୍ଘ ସମୟ ଧରି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲେ ହେଁ ଆସନ୍ତା କାଲି ଶନିବାର ପୁଣି ଥରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ଛାତ୍ରଛାତ୍ରୀମାନେ ଧାରଣାରେ ବସିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି ।

କ୍ଲଷ୍ଟରସ୍ତରୀୟ ସୁରଭି ଉଦଯାପିତ

ଝରୀଗାଁ, ୦୯/୧୦ (ଆ.ପ୍ର) : ଝରୀଗାଁ ବ୍ଲକ ଫୁପୁଗାଁ ପାଂଚାୟତର ଫୁପୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି ଉଦଯାପିତ ହୋଇଯାଇଛି । ଏହି ଉତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ସୁଭଦ୍ରା ସାନ୍ତା, ସମ୍ମାନୀୟ ଅତିଥି ଭାବେ ବିଦ୍ୟାଳୟ ସଭାପତି ଧନୁର୍ଜୟ ନାୟକ ଓ ଅନ୍ୟତମ ସମ୍ମାନୀତ ଅତିଥି

ଭାବେ ସିଆରସିସି ତପନ କୁମାର ଜାଳି ପ୍ରମୁଖ ଉପସ୍ଥିତ ଥିଲେ । ସୁରଭି ପ୍ରତିଯୋଗିତାରେ କ୍ଲଷ୍ଟରର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ଉତ୍ସବର ଉଦଯାପନୀ ପର୍ବରେ ମୁଖ୍ୟ ଅତିଥି ଭାବେ ପିଇଓ ମନୁରାମ ଭତ୍ରା ଓ ବରେଣ୍ୟ ଅତିଥି ଭାବେ ବିଜେପି ବରିଷ୍ଠ ନେତା ପ୍ରତାପ ଦୁରିଆ ମହୋଦୟ ଯୋଗଦାନ କରି କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଅଭିରାମ ଲେଙ୍କା ସଭାପତିତ୍ୱ କରିଥିଲାବେଳେ ଶିକ୍ଷକ ନିରଞ୍ଜନ ମହାନ୍ତି ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କମିଟି ମେମ୍ବର ଓ ଗ୍ରାମବାସୀମାନେ ଏହି ଦିବସକୁ ମନଭରି ଉପଭୋଗ କରିଥିଲେ ।

ଅଭିଯୋଗ ଦାଖଲ ହେଲା, ସମାଧାନ କେବେ ? କଲେକ୍ଟର ଗ୍ରିଭାନ୍ସରେ ଦୁଇ ମାମଲାକୁ ନେଇ ପ୍ରଶ୍ନ

ଜୟପାଟଣା, ୦୯/୧୦ (ଆ.ପ୍ର) : ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ କଲେକ୍ଟର ଗ୍ରିଭାନ୍ସ ବ୍ୟବସ୍ଥା ରହିଛି । ହେଲେ ଏହି ବ୍ୟବସ୍ଥାରେ ଅଭିଯୋଗ ଦାଖଲ କରିବା ପରେ ମଧ୍ୟ ଦୀର୍ଘ ଦିନ ଧରି ସମାଧାନ ନମିଳିଲେ ସାଧାରଣ ଲୋକେ ନ୍ୟାୟ ପାଇବେ କେଉଁଠି ? ଜୟପାଟଣା ଅଂଚଳର ଦୁଇଟି ଅଭିଯୋଗକୁ ନେଇ ଏଭଳି ପ୍ରଶ୍ନ ଉଠିଛି । ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ, ଗତ ୧୭ ଅଗଷ୍ଟ ୨୦୨୬ ତାରିଖରେ କଲେକ୍ଟର ଗ୍ରିଭାନ୍ସ ମାଧ୍ୟମରେ ଦୁଇଟି ପୃଥକ୍ ଅଭିଯୋଗ ଦାଖଲ କରାଯାଇଥିଲା । ହେଲେ ଆଜି ୯ ଅକ୍ଟୋବର ସୁଦ୍ଧା ଅଭିଯୋଗକାରୀଙ୍କ କହିବା ଅନୁସାରେ, ଏହି ଅଭିଯୋଗଗୁଡ଼ିକର ସମାଧାନ ହୋଇନାହିଁ । ଘରଡିହ ଜମି ସମସ୍ୟା ନେଇ ତହସିଲଦାରଙ୍କ ବିରୋଧରେ ଅଭିଯୋଗ । ଜୟପାଟଣା ତହସିଲ ଅଧୀନରେ ଥିବା ବଡ଼କର୍ଲାକୋଟ ରାଜସ୍ୱ କାର୍ଯ୍ୟାଳୟ ସମ୍ପର୍କିତ ୪ ଡିସମିଲ ଘରଡିହ ଜମି ମାମଲାକୁ ନେଇ ଅଭିଯୋଗକାରୀ କଲେକ୍ଟର ଗ୍ରିଭାନ୍ସରେ ଦରଖାସ୍ତ ଦାଖଲ କରିଥିଲେ । ଗୋଟିଏ ପରିବାରର ୨୮ ଡିସମିଲ ଜମି ସମ୍ପର୍କିତ ସମସ୍ୟା ମଧ୍ୟ ଏହି ଅଭିଯୋଗରେ ଉଠାଯାଇଥିବା ଜଣାପଡ଼ିଛି । ଏହି ଅଭିଯୋଗର ଦରଖାସ୍ତ ସଂଖ୍ୟା ୧୭୦୮୨୬୦୨୦ ରହିଛି । ଅଭିଯୋଗ ଦାଖଲ ହେବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗକାରୀ କହିଛନ୍ତି । ତେଣୁ ଜମି ସମ୍ପର୍କିତ ମାମଲାର ସ୍ଥିତି ଯାଂଚ କରି ଉଚିତ ପଦକ୍ଷେପ ନେବାକୁ ଦାବି ହୋଇଛି । ସେହିପରି ଜୟପାଟଣା ବ୍ଲକ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଲେ ସୂଚନା ମିଳୁନଥିବା ଅଭିଯୋଗ ମଧ୍ୟ କଲେକ୍ଟର ଗ୍ରିଭାନ୍ସରେ ଦାଖଲ କରାଯାଇଛି । ଏହି ଅଭିଯୋଗର ଦରଖାସ୍ତ ସଂଖ୍ୟା ୧୭୦୮୨୬୦୨୧ । ଅଭିଯୋଗକାରୀଙ୍କ କହିବା ଅନୁସାରେ, ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ପାଇବାରେ ସମସ୍ୟା ହେଉଥିବାରୁ ସେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଥିଲେ । ହେଲେ ଏହି ଅଭିଯୋଗରେ ମଧ୍ୟ ଏପର୍ଯ୍ୟନ୍ତ ସମାଧାନ ହୋଇନଥିବା ସେ ଦାବି କରିଛନ୍ତି । ସୂଚନା ଅଧିକାର ଆଇନ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଣିବାର ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ମାଧ୍ୟମ । ତେଣୁ ଏହି ଆଇନ ଅନୁଯାୟୀ ସୂଚନା ମିଳୁନଥିବା ଅଭିଯୋଗର ଯାଂଚ କରିବା ସହ ଆଇନ ଅନୁସାରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅଭିଯୋଗକାରୀ ମତ ପ୍ରକାଶ କରିଛନ୍ତି । ଗୋଟିଏ ପଟେ ଘରଡିହ ଜମି ସମସ୍ୟା, ଅନ୍ୟପଟେ ସୂଚନା ଅଧିକାର ଆଇନରେ ତଥ୍ୟ ନମିଳିବା ଭଳି ଦୁଇଟି ପ୍ରସଙ୍ଗରେ କଲେକ୍ଟର ଗ୍ରିଭାନ୍ସରେ ଅଭିଯୋଗ ଦାଖଲ ହୋଇଥିଲେ ମଧ୍ୟ ସମାଧାନ ନମିଳିବା ଘଟଣା ଏବେ ପ୍ରଶାସନିକ ଉତ୍ତରଦାୟିତ୍ୱକୁ ନେଇ ପ୍ରଶ୍ନ ଉଠାଉଛି । ଅଭିଯୋଗକାରୀ ଦୁଇଟି ଦରଖାସ୍ତର ବର୍ତ୍ତମାନ ସ୍ଥିତି ଜଣାଇବା ସହ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଉଚିତ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା, ଦରଖାସ୍ତ ସଂଖ୍ୟା ୧୭୦୮୨୬୦୨୦ ଓ ୧୭୦୮୨୬୦୨୧ ଆଧାରରେ ଦାଖଲ ହୋଇଥିବା ଏହି ଦୁଇଟି ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ କେବେ ପଦକ୍ଷେପ ନେଉଛି ଏବଂ ଅଭିଯୋଗକାରୀଙ୍କୁ କେବେ ସମାଧାନ ମିଳୁଛି । ଦେଖିବାକୁ ବାକି ରହିଲା ।

ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା 'ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ' ଅନୁଷ୍ଠିତ

ବ୍ରହ୍ମପୁର, ୦୯/୧୦ (ଆ.ପ୍ର) : ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା 'ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ' ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ବ୍ରହ୍ମପୁର ସ୍ଥିତ ଗଞ୍ଜାମ କଳା ପରିଷଦ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ସାରଦା ପ୍ରସାଦ ସତପଥିଙ୍କ ସମେତ ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ, ପରିବହନ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ମାନ୍ୟବର ଦିଗପହଣ୍ଡି ବିଧାୟକ ଡ଼ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସୁରେଶ ପାଢ଼ୀ, ବିପିନ ପ୍ରଧାନ, ମହନ୍ତ ଚିନ୍ମୟାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିବା ସହ ଏହି 'ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ' ବୈଠକର ଶୁଭାରମ୍ଭ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ସରୋଜ ସାବତ ସ୍ୱାଗତ ଭାଷଣ ଦେଇଥିଲେ । ବିଜେପି କାର୍ଯ୍ୟକର୍ତାଙ୍କ ଅକ୍ଳାନ୍ତ ପରିଶ୍ରମ, ଏକନିଷ୍ଠ ଉଦ୍ୟମ, ବିଶେଷ କରି କେନ୍ଦ୍ର ଓ ରାଜ୍ୟ ନେତୃତ୍ୱର ଦିଗଦର୍ଶନ ଫଳରେ ଆମେ ଲୋକଙ୍କ ସରକାର ଗଠନ କରିବାରେ ସଫଳ ହୋଇଛୁ । ନିର୍ବାଚନ ସମୟରେ ଆମେ ଦେଇଥିବା ପ୍ରତିଶ୍ରୁତି ଗତ ଅଢ଼େଇ ବର୍ଷ ଭିତରେ ଅନେକାଂଶରେ ପାଳନ କରିଛୁ ବୋଲି ଜିଲ୍ଲା ସଭାପତି ସରୋଜ ସାବତ କହିଥିଲେ । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିବା ବେଳେ ଏହାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସୁରେଶ ପାଢ଼ୀ ଏବଂ ମହନ୍ତ ଚିନ୍ମୟାନନ୍ଦ ଦାସ ପ୍ରମୁଖ ସମର୍ଥନ କରିଥିଲେ । କେନ୍ଦ୍ର ଏବଂ ରାଜ୍ୟ ଡ଼ବଲ୍ ଇଞ୍ଜିନ୍ ସରକାରଙ୍କ ଜନସାଧାରଣଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା ପାଇଁ ଦିଗପହଣ୍ଡି ବିଧାୟକ ଡ଼ ସିଦ୍ଧାନ୍ତ ମହାପାତ୍ର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିବା ବେଳେ ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସମର୍ଥନ କରିଥିଲେ । ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ଗତ ଅଢ଼େଇ ବର୍ଷରେ ହୋଇଥିବା କାର୍ଯ୍ୟ ଏବଂ ଯୋଜନା ବିଷୟରେ କାର୍ଯ୍ୟକର୍ତାଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗତ ଅଢ଼େଇ ବର୍ଷର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ । ସ୍ୱାଭିମାନ, ସମୃଦ୍ଧ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନରେ ଯେଉଁ ମାନେ ପ୍ରତିବନ୍ଧକ ସାଜିଛନ୍ତି ସେମାନଙ୍କୁ କଡ଼ା ମୁକାବିଲା କରିବାକୁ ହେବ । ୨୦୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ଗଣତାନ୍ତ୍ରିକ ବ୍ୟବସ୍ଥାର କଣ୍ଠରୋଧ କରିବା ଘଟଣାରେ ବିଜୁ ଜନତା ଦଳ ନିନ୍ଦିତ ହୋଇଛି । ଆସନ୍ତା କଲେଜ ନିର୍ବାଚନ ଠାରୁ ଆରମ୍ଭ କରି ଆସନ୍ତା କୋପେରିଟିଭ ନିର୍ବାଚନ ଏବଂ ପଂଚାୟତ ଓ ପୌର ନିର୍ବାଚନରେ ଦଳ କିଭଳି ବିଜୟୀ ହେବ ତାହା ଉପରେ ବୁଥ୍ ସ୍ତରରୁ କାମ ଆରମ୍ଭ ହେବା ଜରୁରୀ ବୋଲି କହିବା ସହ ଦଳର ନୀତି, ଆଦର୍ଶ ଓ ଶୃଙ୍ଖଳା ଉପରେ କାର୍ଯ୍ୟକର୍ତାଙ୍କୁ ମାର୍ଗ ଦର୍ଶନ କରିଥିଲେ । ରାଷ୍ଟ୍ରୀୟ ସଂଗୀତ 'ବନ୍ଦେ ମାତରମ୍' ଗାନକୁ କଂଗ୍ରେସ ବିରୋଧ କରୁଛି ଏହାକୁ ମାନ୍ୟବର ମନ୍ତ୍ରୀଙ୍କ ସମେତ କାର୍ଯ୍ୟକାରିଣୀ ଦୃଢ଼ ନୀନ୍ଦା କରିଥିଲେ । ଏମଏମଡ଼ିଆର୍ ସଂଶୋଧନ ବିଲ୍ ନେଇ ବିରୋଧୀ କଂଗ୍ରେସ, ବିଜୁ ଜନତା ଦଳ ଜନସାଧାରଣଙ୍କୁ କିଭଳି ଭୁଆଁ ବୁଲାଇବା ଉଦ୍ୟମ କରୁଛନ୍ତି ଏବଂ ପୂର୍ବ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବିଲ୍ କୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । କଂଗ୍ରେସ ଓ ବିଜେଡ଼ିର ଏଭଳି ନାଟକବାଜିକୁ ଜିଲ୍ଲା କାର୍ଯ୍ୟକାରିଣୀରେ ଦୃଢ଼ ନୀନ୍ଦା କରାଯାଇଛି । ରାଜ୍ୟ ସାଧାରଣ ସମ୍ପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ସାରଦା ପ୍ରସାଦ ସତପଥି ଯୋଗ ଦେଇ ସମଗ୍ର ବିଶ୍ୱରେ ସର୍ବବୃହତ ରାଜନୈତିକ ଦଳ ଭାବେ ଭାରତୀୟ ଜନତା ପାର୍ଟି ଉଭା ହୋଇଛି । ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ୧୪ ବର୍ଷ ଶାସନ ପୂର୍ତି କରିଛି । ଓଡ଼ିଶାରେ ମଧ୍ୟ ଆମେ ସରକାର କରିଛୁ । କେବଳ ସରକାର କରିବା କିମ୍ବା କ୍ଷମତା ଦାଖଲ କରିବା ଆମ ଦଳର ମୂଳ ଲକ୍ଷ୍ୟ ନୁହଁ । ୨୦୩୬ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତ ବାର୍ଷିକୀ ପାଳନ ବେଳକୁ ଆମ ରାଜ୍ୟକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ ବୋଲି କହିଥିଲେ । ସେବା ଓ ସଂକଳ୍ପ ମନୋଭାବ ନେଇ ବିକଶିତ ଭାରତ, ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଆମକୁ ଅଗ୍ରସର ହେବାକୁ ହେବ । ସବ୍ କା ସାଥ୍ ସବ୍ କା ବିକାଶ, ସବ୍ କା ପ୍ରୟାସ ସବ୍ କ ବିଶ୍ୱାସ ମନ୍ତ୍ରରେ ଅନୁପ୍ରାଣିତ ହୋଇ ଲୋକଙ୍କ ହୃଦୟ ଜିତିବାକୁ ହେବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥି ଗୁରୁମନ୍ତ୍ର ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର, ପ୍ରଭାତ କିରଣ ଷଡ଼ଙ୍ଗୀ, ରତ୍ନଗର୍ଭା ସରସ୍ୱତୀ ଦେବୀ, ମୀନା ଦ୍ୟାନସାମନ୍ତରା, ଜିଲ୍ଲା କୋଷାଧ୍ୟକ୍ଷ ପ୍ରଦୀପ ନାୟକ, ଜିଲ୍ଲା ସମ୍ପାଦକ ଶିବ ଶଙ୍କର ନାୟକ, ସବିତା ସାହୁ, ସ୍ନିତାଲି ସ୍ମିଗ୍ଧା ପାତ୍ର, ବନିତା ସାହୁ, ଦୁର୍ଯ୍ୟୋଧନ ରେଡ୍ଡୀ, ପୂର୍ବତନ ଜିଲ୍ଲା ସଭାପତି ଶିଶିର ପାଢ଼ୀ, ପୂର୍ବତନ ବିଧାୟକ ଶିବ ସାହାଣୀ, ରାଜ୍ୟ ପ୍ରବକ୍ତା ଟି.ଗୋପି, ବରିଷ୍ଠ ନେତ୍ରୀ ସବିତା ସୁଆର, ବରିଷ୍ଠ ନେତା ସୁନିଲ କୁମାର ସାହୁଙ୍କ ସମେତ ଜିଲ୍ଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ ଏବଂ ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ । ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଦୁତୁନ୍ ପାତ୍ର ଏବଂ ଯୁବମୋର୍ଚ୍ଚା ସଦସ୍ୟ ଏହି କାର୍ଯ୍ୟକାରିଣୀ ବୈଠକକୁ ସଫଳ କରିବାରେ ସହଯୋଗ କରିଥିଲେ । ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଦିବାସୀ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ଶେଷ, ୪୦ ଜଣ ଛାତ୍ର ଛାତ୍ରୀ ନିର୍ବାଚନରେ ଅଂଶଗ୍ରହଣ

ବାଲିଗୁଡା, ୦୯/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ସର୍ବ ପୁରାତନ ଆଦିବାସୀ ମହାବିଦ୍ୟାଳୟରେ ଚଳିତ ବର୍ଷ ହେବାକୁ ଯାଉଛି ପ୍ରଥମ ଛାତ୍ର ନିର୍ବାଚନ । ଏହାକୁ ନେଇ ମହାବିଦ୍ୟାଳୟ କ୍ୟାମ୍ପସ ହୋଇ ଉଠିଲାଣି ଚଳଚଂଚଳ ଆଜି ପ୍ରାର୍ଥୀମାନେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ନାମାଙ୍କନ ପତ୍ର ଦାଖଲକୁ ନେଇ ଆଦିବାସୀ ମହାବିଦ୍ୟାଳୟର କ୍ୟାମ୍ପସରେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ତେବେ ସକାଳ ୧୦ ଟାରୁ ଆରମ୍ଭ ହୋଇ ଦିନ ୧ଟା ପର୍ଯ୍ୟନ୍ତ ଏହି ନାମାଙ୍କନ ପ୍ରକ୍ରିୟା ଦାଖଲ ଶେଷ ହେବା ପରେ ଦିନ ୨ଟା ପରେ ପ୍ରାର୍ଥିପତ୍ର ଯାଂଚ କାର୍ଯ୍ୟକ୍ରମ ଚାଲିଥିଲା ୫ ଟା ସମୟରେ ପୂର୍ଣ୍ଣାଙ୍ଗ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ପଦ ସହ ମୋଟ ୮ ଟି ପଦବୀ ପାଇଁ ୪୦ ଜଣ ଛାତ୍ର ଛାତ୍ରୀ ନାମାଙ୍କନ ଦାଖଲ କରିଛନ୍ତି ସେଥି ମଧ୍ୟରୁ ସର୍ବାଧିକ ୧୦ ଜଣ ସଭାପତି ପଦବୀ ପାଇଁ ନାମାଙ୍କନ ଭରିଥିବା ଜଣାପଡିଛି । ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କଲେଜ କର୍ତୃପକ୍ଷ ଏବଂ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଆସି ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । କଲେଜ କର୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଆସନ୍ତା କାଲି ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି ୧୪ ତାରିଖରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ବୈଠକ ସହ ୧୫ ତାରିଖରେ ଭୋଟଗ୍ରହଣ କରାଯିବା ବିଜୟୀ ଛାତ୍ର ପ୍ରତିନିଧିମାନେ ଅକ୍ଟୋବର ୧୬ରେ ଶପଥ ଗ୍ରହଣ କରିବେ ବୋଲି କୁହାଯାଉଛି । ଚଳିତ ବର୍ଷ ନିର୍ବାଚନରେ ଲିଙ୍ଗଦୋ କମିଶନଙ୍କ ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଉଭୟ ପ୍ରଶାସନ ଓ ଛାତ୍ର ସଂଗଠନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ନାମାଙ୍କନ ସମୟରେ ମାଜିଷ୍ଟ୍ରେଟ ଭାବରେ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଉପସ୍ଥିତ ଥିଲେ । ନାମାଙ୍କନ ପ୍ରତିହାର ଶେଷ ହେବା ପରେ କ୍ୟାମ୍ପସଗୁଡ଼ିକରେ ନିର୍ବାଚନୀ ପ୍ରଚାର ଆହୁରି ସରଗରମ ହେବ ବୋଲି ଆଶା କରାଯାଉଛି । ନିର୍ବାଚନ ଅଧିକାରୀ ଭାବରେ ଅଧ୍ୟାପକ ତେଜେଶ୍ୱର ନାୟକ ରହିଥିବା ବେଳେ ସହ ନିର୍ବାଚନ ଅଧିକାରୀ ଭାବରେ ଅଧ୍ୟାପକ ସରୋଜ ପାଠୀ ଓ ଅଧ୍ୟାପକ ହିମାଂଶୁ ଶେଖର ସାହୁ ରହିଥିବା କହିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିଭୂତି ଭୂଷଣ ଆଚାର୍ଯ୍ୟ ।

୧୨ କେଜି ଗଞ୍ଜେଇ ଜବତ, ଦୁଇ ଯୁବକ ଗିରଫ

ଦଶପଲ୍ଲା, ୦୯/୧୦ (ଆ.ପ୍ର) : ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅଂଚଳରେ ବେଆଇନ ଗଞ୍ଜେଇ ଚାଲାଣ ବିରୋଧରେ ପୁଲିସକୁ ସଫଳତା ମିଳିଛି । ଆଜି ଭୋର ସମୟରେ କାମିଟିପଙ୍ଗା ହନୁମାନ ମନ୍ଦିର ନିକଟରେ ଚଢ଼ାଉ କରି ପୁଲିସ ୧୨ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଦ୍ୱୟ ହେଲେ ପୁରୀ ଜିଲ୍ଲା ଗଡ଼ିଶାଗୋଡା ଥାନା ଅନ୍ତର୍ଗତ କଣାପୁର ଗ୍ରାମର ବିଶ୍ୱଭୂଷଣ ବରାଳ ଓରଫ ବାବୁ (୧୯) ଏବଂ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ମଞ୍ଜରିଆ ଗ୍ରାମର ଅବିନାଶ ଭୋଇ ଓରଫ ଅଗି (୧୯) । ଉଭୟ ଏକ ଧଳା ରଙ୍ଗର ବଜାଜ ପଲସର ମୋଟରସାଇକେଲରେ ଗଞ୍ଜେଇ ନେଇ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଧରିଥିଲା । ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ବିରେନ୍ଦ୍ର କୁମାର ଦେହୁରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ୧୨ କେଜି ଗଞ୍ଜେଇ ସହ ଦୁଇଟି ମୋବାଇଲ ଫୋନ୍ ଓ ଗୋଟିଏ ବଜାଜ ପଲସର ମୋଟରସାଇକେଲ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ବାଣିଗୋଛା ଥାନାରେ କେସ୍ ନମ୍ବର ୧୩୧, ତାରିଖ ୦୯.୧୦.୨୦୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(ଋସ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି ।

ଗୋପବନ୍ଧୁ ସେବା ଟ୍ରଷ୍ଟ ଓଡିଶା ତରଫରୁ ପ୍ରତିଭା ସମ୍ମାନ

ନିମାପଡା, ୦୯/୧୦ (ଆ.ପ୍ର) : ନିମାପଡା ବ୍ଲକ ଅନ୍ତର୍ଗତ ଡେଣୁଆଁ ପଂଚାୟତ ଆର୍କିପିଙ୍ଗ କୁଣ୍ଡ ଶ୍ରୀ ଶାନେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଗୋପବନ୍ଧୁ ସେବା ଟ୍ରଷ୍ଟ ଓଡିଶା ତରଫରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ଜୟନ୍ତୀ ପାଳନ ସହ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ଆଇନଜୀବୀ ବସନ୍ତ କୁମାର ରାଉତ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀ ଜଗନ୍ନାଥ ପ୍ରତିଷ୍ଠାନ ଭାରତର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ବୈକୁଣ୍ଠ ପ୍ରଧାନ, ଫୁଲରାଣି ପାଳ, ଉପ ସଭାପତି ରଶ୍ମିତା ଜେନା, ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୁଟୁନି ରାଉତ, ଟ୍ରଷ୍ଟି ତପନ କୁମାର ମୁଦୁଲି, ଅନନ୍ତ ଚରଣ ବେହେରା, ବିଭୁ ପ୍ରସାଦ ସାହୁ, ସୁଶାନ୍ତ ଖଟୋଇ, ଜୟଶ୍ରୀ ପାତ୍ର, ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ର ନାଥ ମଲ୍ଲିକ,ସମାଜସେବୀ ଅନ୍ତର୍ଯ୍ୟାମୀ ସେନାପତି, ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ଅଂଚଳର ଏକ ଶହରୁ ଉର୍ଦ୍ଧ୍ୱ କୃତି କଳାକାର ଓ ନିମାପଡା, ଚାରିଛକ ଅଂଚଳର ୨୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟ କ୍ରମକୁ ବରିଷ୍ଠ ସାମ୍ବାଦିକ ବିକାଶ ଚନ୍ଦ୍ର ବାରିକ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସମ୍ପାଦକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆଗକୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଟ୍ରଷ୍ଟର ସଭାପତି ଶ୍ରୀ ରାଉତ ସୂଚନା ଦେଇଛନ୍ତି ।

ମାନସିକ ସ୍ୱାସ୍ଥ୍ୟ ଓ ସ୍ଥାୟୀ ଲୋକ ଅଦାଲତକୁ ନେଇ ସଚେତନ ହେଲେ ଛାତ୍ରୀଗଣ

ପାରଳାଖେମୁଣ୍ଡି, ୦୯/୧୦ (ଆ.ପ୍ର) : ଅକ୍ଟୋବର ମାସ ୧୦ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ତଥା ସ୍ଥାୟୀ ଲୋକ ଅଦାଲତ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡିର ବେତାଗୁଡ଼ାସ୍ଥିତ ଏଏନ୍ଏମ୍ ଟ୍ରେନିଂ କଲେଜ ପରିସରରେ ପୂର୍ବାହ୍ନ ୧୧ଟା ସମୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡିଏଲ୍ଏସ୍ଏ, ଗଜପତିର ସଚିବ ବିମଳ ରାଉଳ, ଗଜପତି ସିଭିଲ୍ କୋର୍ଟର ରେଜିଷ୍ଟ୍ରାର ସତ୍ୟବ୍ରତ ରଣା, ଜିଲ୍ଲା ଅଦାଲତର ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାକେଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନୋବିଜ୍ଞାନୀ ତଥା ସମାଜସେବୀ ପ୍ରାଣରଞ୍ଜନ ନାୟକ, ଏଏନ୍ଏମ୍ ଟ୍ରେନିଂ କଲେଜ, ବେତାଗୁଡ଼ାର ଅଧ୍ୟକ୍ଷା ପ୍ରତିଭା ରାଣୀ ନାୟକ ଏବଂ ଉକ୍ତ କଲେଜର ଅଧ୍ୟାପିକା ସଙ୍ଗୀତା ରାଣୀ ମହାପାତ୍ର ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇଥିଲେ । ବକ୍ତାମାନେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ , ମାନସିକ ଚାପର ପରିଚାଳନା, ମାନସିକ ସମସ୍ୟା ପ୍ରତି ସକାରାତ୍ମକ ମନୋଭାବ ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ପରାମର୍ଶ ଓ ଚିକିତ୍ସା ଗ୍ରହଣ କରିବା ଉପରେ ଆଲୋକପାତ କରିବା ସହ ଆଇନର ବିଭିନ୍ନ ଦିଗ ଉପରେ ବିଶେଷ ଭାବେ ଆଲୋକପାତ କରିଥିଲେ । ସେହିପରି ଆଧୁନିକ ଯୁଗରେ ସାଇବର ଅପରାଧ ଓ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ବିଶେଷ ଚର୍ଚ୍ଚା କରାଯିବା ସହ ସମାଜରେ କିପରି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟର ସମସ୍ତେ ଯତ୍ନ ନେଇ ଏକ ଉତ୍ତମ ସମାଜ ପ୍ରତିଷ୍ଠା ଦିଗରେ ଅଗ୍ରସର ହୋଇପାରିବେ ସେ ନେଇ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏଥିସହ ସ୍ଥାୟୀ ଲୋକ ଅଦାଲତର ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ ଓ ଉପଯୋଗିତା ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା । ଏଏନ୍ଏମ୍ ଟ୍ରେନିଂ କଲେଜର ଛାତ୍ରୀମାନେ ଅଂଶଗ୍ରହଣ କରିଥିବା ଏହି ସଚେତନତା କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସକାରାତ୍ମକ ମନୋଭାବ ଗଠନ ସହ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କରେ ଜନସାଧାରଣଙ୍କ ଜ୍ଞାନ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସର୍ବଶେଷରେ ଅଧ୍ୟକ୍ଷା ଶ୍ରୀମତୀ ନାୟକ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ନବ ନିର୍ମାଣ କୃଷକ ସଂଗଠନର ସାମ୍ବାଦିକ ସମ୍ମିଳନୀ, ଚାଷୀମାନଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ ସଙ୍ଗଠନ

ଖଣ୍ଡପଡ଼ା, ୦୯/୧୦ (ଆ.ପ୍ର) : ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଖଣ୍ଡପଡ଼ା ଠାରେ ଶୁକ୍ରବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ ଜିଲ୍ଲାସ୍ତରରୁ ସଂଗଠନର ସଦସ୍ୟ ଓ ସଦସ୍ୟମାନେ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ସଂଗଠନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ରାଜନୀତିରୁ ଊର୍ଦ୍ଧ୍ୱରେ ରହି ନବ ନିର୍ମାଣ କୃଷକ ସଂଗଠନ ସଦାସର୍ବଦା ଚାଷୀମାନଙ୍କର ସ୍ୱାର୍ଥ ଓ ସ୍ୱାଭିମାନ ପ୍ରତି କାର୍ଯ୍ୟ କରି ଆସୁଛି ଓ ଆଗାମୀ ଦିନରେ ମଧ୍ୟ କାର୍ଯ୍ୟ କରିବ ବୋଲି ସଂଗଠନର ବରିଷ୍ଠ ସଦସ୍ୟା ମମତା ନାଥ, ଗୋପିନାଥ ପ୍ରଧାନ, ଭାଗବତ ପରିଡା, କାଳୁଚରଣ ଦଳବେହେରା, ବିଦ୍ୟାଧର ପ୍ରଧାନ, ଗୋବିନ୍ଦ ପାହାଡ ସିଂହ, ଶିଶିର ଭଞ୍ଜ ଓ ରବୀନ୍ଦ୍ର ସାହୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରତ୍ୟେକ ସେବା ସମବାୟ ସମିତିରେ ଖୋଲୁଥିବା ମଣ୍ଡିରେ ଧାନ କ୍ରୟ ବେଳେ କ୍ୱିଂଟାଲ ପିଛା ଧାନ କାଟ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ସହ ଚାଷୀମାନେ କିଭଳି ଧାନର ଉଚିତ ମୂଲ୍ୟ ପାଇ ପାରିବେ ସେ ନେଇ କୃଷକ ସଂଗଠନର ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ । ସେହିପରି ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିକୁ ସଂଗଠନର ସଦସ୍ୟମାନେ କଟୁ ସମାଲୋଚନା କରିଥିଲେ । ଆଗାମୀ ଦିନରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ନଦେଲେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭବିଷ୍ୟତରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନର ସଦସ୍ୟମାନେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ।

କାଦୁଆ ଆଶ୍ରମରେ ଗୋପବନ୍ଧୁ ଜୟନ୍ତୀ ଅନୁଷ୍ଠିତ

ପୁରୀ, ୦୯/୧୦ (ଆ.ପ୍ର) : ସତ୍ୟବାଦୀ କାଦୁଆ ଅଶ୍ରମ ଠାରେ ପରିଚାଳନା କମିଟି ଗୋପବନ୍ଧୁ ଦରିଦ୍ର ନାରାୟଣ ସଂଘ, ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ,ସତ୍ୟବାଦୀ ବରିଷ୍ଠ ନାଗରିକ ମଂଚ, ସାକ୍ଷୀଗୋପାଳ ଓ ପୁରୀ ଜିଲ୍ଲା ସିନିୟର ସିଟିଜେନସ୍ ଫୋରମର ସହଯୋଗ ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତ୍ୟାଗ, ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ବରିଷ୍ଠ ନାଗରିକ ମାନଙ୍କର ସମାଜ ପ୍ରତି ଅବଦାନ ସମ୍ପର୍କରେ ମତ ଦେଇଥିଲେ । ବରିଷ୍ଠ ନାଗରିକ ମାନଙ୍କ ଅଭିଜ୍ଞତା, ଅନୁଭବ ଅତୁଳନୀୟ । ତାହାର ଉପଯୋଗ ସମାଜକୁ ଶୃଙ୍ଖଳିତ ଓ ସମୃଦ୍ଧ କରିଥାଏ ବୋଲି କହିଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ଲେଖକ, ପ୍ରବକ୍ତା କୃଷ୍ଣ ଚନ୍ଦ୍ର ଜଗଦେବ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରି ଉଚ୍ଚାରଣ ଓ ଆଚରଣରେ ସମାନତା ଏବଂ ସମାଜରୁ ନିଶା ଦୂର କରିବାକୁ ପ୍ରତ୍ୟେକ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ସତ୍ୟବାଦୀ ବିକାଶ ପରିଷଦର ସଭାପତି ଗୁଣ୍ଡିଚା ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ଉପ ସଭାପତି ବିରେନ୍ଦ୍ର ଭୂଷଣ ହୋତା ଅତିଥିଙ୍କୁ ସ୍ୱାଗତ, ସଂପାଦକ ଅମର ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଉନ୍ନୟନ ଅଧିକାରୀ ହେମନ୍ତ ବେହେରା,ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି କାର୍ତ୍ତିକ କୁମାର ଦାଶ, ସଂପାଦକ ଦେବେନ୍ଦ୍ର ଦାଶ,ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ସାକ୍ଷୀଗୋପାଳର ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ଭୀମସେନ ମହାପାତ୍ର ଓ ଅନ୍ୟାନ୍ୟ ଉପସ୍ଥିତ ବକ୍ତା ମାନେ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିବା ସହ ବରିଷ୍ଠ ନାଗରିକ ଓ ଅନ୍ୟ ମାନଙ୍କର ବିବିଧ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସଖିମଣି ବରାଳବରିଷ୍ଠ ନାଗରିକ ପ୍ରଫୁଲ୍ଲ ପଣ୍ଡା, ବୃନ୍ଦାବନ ମଳିକ, ବାବନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ । କାଦୁଆ ଆଶ୍ରମର କର୍ମକର୍ତା ଜଗନ୍ନାଥ ବାରିକ, ରଞ୍ଜନ ବଳେଇ ପ୍ରମୁଖ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

ଆରମ୍ଭ
SEITHO ARAMBHA

ତୃଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଓ ସର୍ଭେ ନିମନ୍ତେ ମୁଖ୍ୟ ପ୍ରଶିକ୍ଷକଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

ପାରଳାଖେମୁଣ୍ଡି, ୦୯/୧୦ (ଆ.ପ୍ର) : ଗଜପତି ଜିଲ୍ଲାରେ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସର୍ଭେ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ସଠିକ୍ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟ ପ୍ରଶିକ୍ଷକମାନଙ୍କ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ସମସ୍ତ ବ୍ଲକ୍‌ର ବିଡିଓ, ଜିପିଡିଓ, ପଂଚାୟତ ନିର୍ବାହୀ ଅଧିକାରୀ ଏବଂ ବୁଥ୍‌ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନ ପାଇଁ ଗ୍ରାମାଂଚଳ ଓ ସହରାଂଚଳରେ ଭୋଟର ସର୍ଭେ କାର୍ଯ୍ୟକୁ ସଠିକ୍ ଭାବେ ପରିଚାଳନା କରିବା ସହ ଏକ ସ୍ୱଚ୍ଛ, ନିର୍ଭୁଲ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯୋଗ୍ୟ ନାଗରିକଙ୍କ ନାମ ତାଲିକାରେ ସାମିଲ କରିବା, ଭୋଟରଙ୍କ ତଥ୍ୟ ଯାଂଚ କରିବା ଏବଂ ତାଲିକାରେ ଥିବା ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବା ଦିଗରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ମାଧ୍ୟମରେ ସର୍ଭେ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ନିଜ ନିଜ ଅଂଚଳରେ ଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ କରିବା ସହ ଘର ଘର ବୁଲି ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଅବଗତ କରାଯାଇଥିଲା ।

ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଜୀବନ ଓ ବୃତି ପାଇଁ ଭାବନାତ୍ମକ ଓ ମାନସିକ ଦୃଢ଼ତା ଶୀର୍ଷକ କର୍ମଶାଳା

ନିମାପଡା, ୦୯/୧୦ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ଏମପାୱାରମେଂଟ ସେଲ୍ ଆନୁକୂଲ୍ୟରେ 'ଜୀବନ ଓ ବୃତି ପାଇଁ ଭାବନାତ୍ମକ ଓ ମାନସିକ ଦୃଢ଼ତା' ଶୀର୍ଷକ ସ୍ୱତନ୍ତ୍ର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଭୁତି ଭୂଷଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ରୂପେ ନିମାପଡା ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ନାତକୋତର ଶିକ୍ଷୟତ୍ରୀ ଶ୍ୱେତା ବରଦା ମହୋଦୟା ଯୋଗଦେଇ ଛାତ୍ରୀମାନଙ୍କୁ ସାମାନ୍ୟ ବିଫଳତାରେ ମାନସିକ ଚାପର ବଶବର୍ତ୍ତୀ ନ ହୋଇ ଏହାକୁ ଏଡାଇବା ପାଇଁ ନିଜର ଭାବନାକୁ ନିୟନ୍ତ୍ରଣ କରିବା ନିହାତି ଜରୁରୀ । ସକାରାତ୍ମକ ଲୋକଙ୍କ ସହ ରହିବା ଏବଂ ସମସ୍ୟା ବଦଳରେ ସମାଧାନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ ଓ ନିମନ୍ତ୍ରିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ ଅଶୋକ କୁମାର ବିଶ୍ୱାଳ ଏବଂ ମହାବିଦ୍ୟାଳୟର +୨ ପ୍ରଭାରୀ ଶ୍ରୀମତୀ କାନନବାଳା ନନ୍ଦ ଯୋଗଦେଥିଲେ । ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ଶର୍ମିଷ୍ଠାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶକ୍ତିଶ୍ରୀ ସେଲ୍ ସଂଯୋଜିକା କଲ୍ୟାଣୀ ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗ ମୁଖ୍ୟ ଡ଼ଃ ପୂର୍ଣ୍ଣିମା ମହାନ୍ତି, ଇତିହାସ ବିଭାଗ ଅଧ୍ୟାପିକା ସୁଲୋଚନା ସାହୁ,ଇଂରାଜୀ ବିଭାଗ ଅଧ୍ୟାପିକା ଲତିଶ୍ରୀ ସାହୁ ପ୍ରଭୃତି ଯୋଗଦେଇଥିଲେ । ପରିଶେଷରେ +୩ ପରୀକ୍ଷା ନିୟନ୍ତ୍ରକ ଡ଼ଃ ଶ୍ରୀଲେଖା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଶାରଦୀୟ ଦୁର୍ଗାପୂଜା ପାଇଁ ଚଳଚଂଚଳ ନୂଆସାହି ମା' ଦୁର୍ଗାଙ୍କ ପୀଠରେ ଶୁଭ ଖୁଂଟି ସ୍ଥାପନ, ୧୭ରୁ ପୂଜା ମହୋତ୍ସବ

ବାଲିଗୁଡ଼ା, ୦୯/୧୦ (ଆ.ପ୍ର) : ଶାରଦୀୟ ଦୁର୍ଗାପୂଜାକୁ ନେଇ ବାଲିଗୁଡ଼ା ସହରର ନୂଆସାହି ଅଂଚଳରେ ଆରମ୍ଭ ହୋଇଛି ଧାର୍ମିକ ଉତ୍ସାହ ଓ ଆଧ୍ୟାତ୍ମିକ ପ୍ରସ୍ତୁତି । ମା'ଙ୍କ ଆଗମନ ପାଇଁ ପାରମ୍ପରିକ ରୀତିନୀତି ଅନୁଯାୟୀ ନୂଆସାହି ସ୍ଥିତ ମା' ଦୁର୍ଗା ଦେବୀଙ୍କ ପୀଠରେ ଶୁଭ ଖୁଂଟି ସ୍ଥାପନ କରାଯାଇଛି । ଏହା ସହିତ ଚଳିତ ବର୍ଷର ଦଶହରା ମହୋତ୍ସବ ପାଇଁ ଆନୁଷ୍ଠାନିକ ଭାବେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା'ଙ୍କ ପୀଠରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ଦୁର୍ଗାପୂଜା ପାଳନ କରାଯିବ । ଏଥିପାଇଁ ନୂଆସାହି ଗ୍ରାମ୍ୟ କମିଟି ପକ୍ଷରୁ ବିଭିନ୍ନ ଆୟୋଜନ ଆରମ୍ଭ ହୋଇଥିବା ବେଳେ ପୂଜା ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ରଖାଯାଇଛି । କାର୍ଯ୍ୟସୂଚୀ ଅନୁଯାୟୀ, ଅକ୍ଟୋବର ୧୭ ତାରିଖ ଶନିବାର ଅଧିବାସ, କଳସ ଯାତ୍ରା ଓ ବିଲ୍ୱବରଣ ସହ ମହାସପ୍ତମୀ ପୂଜା ଆରମ୍ଭ ହେବ । ଏହା ସହ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ୧୮ ତାରିଖ ରବିବାର ମହାଷ୍ଟମୀ ପୂଜା ସହ ଭୋଗ ଓ ପ୍ରସାଦ ସେବନର ବ୍ୟବସ୍ଥା ରହିଛି । ସେହିପରି ୧୯ ତାରିଖ ସୋମବାର ମହାନବମୀ ପୂଜା ଓ ରାତିରେ ସନ୍ଧିପୂଜା ଅନୁଷ୍ଠିତ ହେବ । ଅକ୍ଟୋବର ୨୦ ତାରିଖ ମଙ୍ଗଳବାର ବିଜୟାଦଶମୀ ଓ ଅପରାଜିତା ପୂଜା ପରେ ପାରମ୍ପରିକ ରୀତିରେ ମା'ଙ୍କ ପ୍ରତିମା ବିସର୍ଜନ କରାଯିବ । ପୂଜା ଆୟୋଜନକୁ ସଫଳ କରିବା ପାଇଁ ନୂଆସାହି ଗ୍ରାମ୍ୟ କମିଟିର ସଦସ୍ୟମାନେ ଏକଜୁଟ ହୋଇ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ଅବସରରେ କମିଟିର ଉପଦେଷ୍ଟା ବିରୂପାକ୍ଷ ଦାଶ ଓ ମୁକୁନ୍ଦ ପାତ୍ର, ସଭାପତି ଜନେନ୍ଦ୍ର ପାତ୍ର, ଉପସଭାପତି ଗୋପବନ୍ଧୁ ବିଷୋୟୀ, ସମ୍ପାଦକ ସୁବ୍ରତ ପ୍ରଧାନୀ, ମନ୍ଦିର ପୂଜକ ବିଭୀଷଣ ପାତ୍ରଙ୍କ ସମେତ ସଞ୍ଜୟ ପାତ୍ର, ଜଗନ୍ନାଥ ପାତ୍ର, ଉପେନ୍ଦ୍ର ବିଷୋୟୀ, ଗଙ୍ଗାଧର ଭୋଇ, ଅଶୋକ ସାହୁ, ଧର୍ମେନ୍ଦ୍ର ପାତ୍ର, ବୁଲୁ ଡାକୁଆ ଓ ଗ୍ରାମ୍ୟ କମିଟିର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ଶାନ୍ତିଶୃଙ୍ଖଳାରେ ଶେଷ ହେଲା ନାମାଙ୍କନ ପତ୍ର ଦାଖଲ

ଦଶପଲ୍ଲା, ୦୯/୧୦ (ଆ.ପ୍ର) : ଆଜି ଦଶପଲ୍ଲାର ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ସକାଶେ ପ୍ରାର୍ଥୀପତ୍ର ଦାଖଲ ଓ ଯାଂଚ ହୋଇଥିଲା । ତେବେ ମୋଟ ୪୪ ଗୋଟି ନାମାଙ୍କନ ଫର୍ମ ଛାତ୍ର ମାନେ ନେଇଥିଲେ । ସେଥି ମଧ୍ୟରୁ ୩ ଜଣ ଛାତ୍ର ସଂସଦ ପାଇଁ ସଭାପତି ପ୍ରାର୍ଥୀ ନିମନ୍ତେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଅନୁରୂପ ଭାବେ ଉପସଭାପତି ଆସନ ପାଇଁ ୨ ଜଣ ଏବଂ ସାଧାରଣ ସମ୍ପାଦକ ପାଇଁ ୨ ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି । ଆଉ ସମସ୍ତ ଆସନ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ୮ ଗୋଟି ପଦବୀର ପ୍ରାର୍ଥୀ ଏକକ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଏମାନଙ୍କ ମଧ୍ୟରେ ସଭାପତି ପଦ ପାଇଁ ବ୍ରଜ କୁମାର ସାହୁ, ଗୌତମ ଦାସ ଓ ସୌଭାଗ୍ୟ ବେହେରା ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ଉପସଭାପତି ପଦ ପାଇଁ ଅଂଶୁମାନ ବଧେଇ ଓ ସୌଭାଗ୍ୟ ରଞ୍ଜନ ବେହେରା ପ୍ରାର୍ଥୀ ହୋଇଥିବାବେଳେ ସାଧାରଣ ସମ୍ପାଦକ ପଦ ପାଇଁ ରଶ୍ମିତା କୁମାରୀ ସାହୁ ଓ ସୌମ୍ୟ ରଞ୍ଜନ ସ୍ୱାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଯଦି ଏମାନଙ୍କ ମଧ୍ୟରୁ କେହି ପ୍ରାର୍ଥୀପତ୍ର ପ୍ରତ୍ୟାହାର ନକରନ୍ତି ତେବେ ନିର୍ବୋଧରେ ନିର୍ବାଚିତ ହେଲେ ବୋଲି ବିବେଚନା କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଜୟଦେବ ଗୌଡ଼ କହିଛନ୍ତି । ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର ଆସନ୍ତା କାଲି ନିର୍ବାଚନ ପ୍ରକ୍ରିୟାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ପ୍ରକାଶ କରିଛନ୍ତି । ଅତିରିକ୍ତ ତହସିଲଦାରତଥା ମାଜିଷ୍ଟ୍ରେଟ ଚନ୍ଦ୍ର ଶେଖର ବାରିକ ଓ ଆଇଆଇସି ବିନୟ ରଞ୍ଜନ ପରିଡାଙ୍କ ଉପସ୍ଥିତରେ ପୁଲିସ ଫୋର୍ସ କଲେଜ ପରିସରରେ ମୁତୟନ ହୋଇଥିଲେ ।

୨୫ଲକ୍ଷ ଟଙ୍କାର ଧଳାଜହର ଜବତ ଜଣେ ମହିଳା ଗିରଫ

ଟାଙ୍ଗୀ ଚୌଦ୍ୱାର, ୦୯/୧୦ (ଆ.ପ୍ର) : କେନ୍ଦ୍ରାଂଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ ଦ୍ୱାରା ଏକ ବ୍ରାଉନ ସୁଗାର ମାମଲା রୁଜୁ ହୋଇଛି । ଆସାମୀ ଲକ୍ଷ୍ମୀ ରାଉତ(୪୨) ଗ୍ରାମ,ମାଗୁରା ଥାନା - ଟାଙ୍ଗୀ ପାଖରୁ ମୋଟ ୨୦୩ ଗ୍ରାମର ବ୍ରାଉନସୁଗାର ମାଗୁରା ଗ୍ରାମାଂଚଳରେ ଥିବା ଅଭିଯୁକ୍ତର ଘରୁ ଜବତ କରାଯାଇଛି । ସମ୍ପୃକ୍ତ ଆସାମୀଙ୍କୁ କୋର୍ଟ ଫରୱାର୍ଡ କରାଯାଇ ମାମଲାର ତଦନ୍ତ କରାଯାଉଛି । ଏହି ଚଢାଉରେ ସବ୍ ଇନ୍ସପେକ୍ଟର ବିଭୂତି ଭୂଷଣ ପ୍ରଧାନ ଓ ଆଶୁତୋଷ ଜେନାଙ୍କ ସମେତ ଅଶ୍ୱିନୀ କୁମାର ପରିଡ଼ା, ଲକ୍ଷ୍ମୀଧର ଖୁଂଟିଆ, ଯୋଗେନ୍ଦ୍ର ସାହୁ, ଅର୍ଚ୍ଚନାବାଳା ନାୟକ ପ୍ରମୁଖ ଅବକାରୀ ସିପାହୀ ସାମିଲ ଥିଲେ । ଜବତ ବ୍ରାଉନସୁଗାରର ବାଲକ୍‌ର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଥିବାର ସୂଚନା ମିଳିଛି ।

କଂଗ୍ରେସ ଏନଡିଏ ମେଂଟ ପକ୍ଷରୁ ଓଡିଶା ବନ୍ଦ ସଫଳ

ଧାମନଗର,୦୯/୧୦ (ଆ.ପ୍ର) : କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମନମୁଖୀ ଶାସନ, ମହିଳାଙ୍କୁ ନିର୍ଯାତନା, ଭୋଟ ଚୋରି, ପିଲାଙ୍କ ଭବିଷ୍ୟତ ସହିତ ଖେଳିବା, ଦରଦାମ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଓ ଦାବି ପୂରଣ ନେଇ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ଏବଂ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଏନଡିଏ ମେଂଟ ପକ୍ଷରୁ ୧୨ ଘଂଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । ଧାମନଗର ଅଂଚଳରେ ଶାନ୍ତିଶ ଶୃଙ୍ଖଳାରେ ସଫଳ ହୋଇଛି । ତେବେ ବନ୍ଦ ଡାକିଲେ ନେତା ହେଲେ ହନ୍ତସନ୍ତ ସାଧାରଣ ଜନତା, ଜରୁରୀ କାମରେ ଯାଉଥିବା ଲୋକଙ୍କ ଅସୁବିଧା ଓ ଯାତାୟାତରେ ବାଧା ସୃଷ୍ଟି ହୋଇଛି । ତେବେ କଂଗ୍ରେସ ଏନଡିଏ ମେଂଟ ତଥା ଧାମନଗର ବ୍ଲକ କଂଗ୍ରେସ, ସିପିଏମ ଓ ଅନ୍ୟ ଦଳର ନେତୃ ମଣ୍ଡଳୀ କଂଗ୍ରେସ ନଗର ସଭାପତି ପ୍ରମୋଦ କୁମାର ସ୍ୱାଇଁ ଏବଂ ସିପିଏମ ନେତା ଏମଡି ଜୟନୁଲ ଆବେଦିନଙ୍କ ନେତୃତ୍ୱରେ କଂଗ୍ରେସ ନେତା ସଞ୍ଜୟ କୁମାର ମିଶ୍ର, ରମାଣୀ ରଞ୍ଜନ ଦାଶ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ଦାଶ ,ଶିଶିର କୁମାର ଦେବତା, ରବୀନ୍ଦ୍ର ଜେନା, ଚିନ୍ତାମଣି ବାରିକ, ପ୍ରଭାତ ପଣ୍ଡା, ପ୍ରସନ୍ନ କୁମାର ଧଳ, ମାନସ ମହାପାତ୍ର, ରଘୁନାଥ ଦାସ, ରମେଶ ସେଠୀ ସେକ ତାରିଖ ଅନୱର, ସେକ ଜୋନେଦ, ବିପ୍ଳବ ଜେନା, ସେକ ଆଲାଉଦ୍ଦିନ ଖାଁ, ସେକ ଆଜାଦ ପ୍ରମୁଖ ଦଳୀୟ ପତାକା ଧରି ଶାନ୍ତି ଶୃଙ୍ଖଳା ରକ୍ଷା କରି ବନ୍ଦ କରିଥିଲେ । ବିଭିନ୍ନ ଛକ ନିକଟରେ ପୋଲିସ ମୁତୟନ ସହ ପେଟ୍ରୋଲିଙ୍ଗ କରାଯାଇଥିଲା ।

ମା' ଭଗବତୀଙ୍କ ପୀଠରେ ପ୍ରସିଦ୍ଧଭେଟ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ଏଥର ଅମାବାସ୍ୟା ରାତ୍ର ୮ ଘଟିକାରୁ ଆରମ୍ଭହେବ ଭେଟଯାତ୍ରା

ଚିଲିକା/ବାଣପୁର, ୦୯/୧୦ (ଆ.ପ୍ର) : ମା'ଭଗବତୀଙ୍କ ଶାରଦୀୟ ପର୍ବର ମୁଖ୍ୟ ଆକର୍ଷଣ ପ୍ରସିଦ୍ଧ ଭେଟଯାତ୍ରା । ଆଶ୍ୱିନ ଅମାବାସ୍ୟାକୁ ଉତ୍କଳର ସର୍ବତ୍ର ମହାଳୟା ଅମାବାସ୍ୟା ଭାବରେ ପାଳନ କରାଯାଇପିତୃ ପୁରୁଷଙ୍କୁ ତର୍ପଣ ପିଣ୍ଡଦାନ ଶ୍ରାଦ୍ଧ କରିବାର ପରମ୍ପରା ଚଳିଆସୁଥିବା ବେଳେ ବାଣପୁର ଅଂଚଳରେ ଏହି ଅମାବାସ୍ୟା ଭେଟ ଅମାବାସ୍ୟା ଭାବରେ ବେଶ୍ ପରିଚିତ । ଏହିଦିନଟି ଶାରଦୀୟ ଭିତର ଓ ବାହାରପର୍ବର ସନ୍ଧିକ୍ଷଣ ଦିବସ । ଏହିଦିନ ମା'ଭଗବତୀ ଭିତର ପର୍ବ ସାରି ବାହାରପର୍ବ ପାଇଁ ସାତବଖରା ଘରକୁ ବିଜେ କରନ୍ତି । ସାଥିରେ ଛ' ଭଉଣୀଙ୍କୁ ହକାରୀ ନେଇ ଏକତ୍ର ପର୍ବ ପାଳନ କରିବାର ସ୍ୱତନ୍ତ୍ର ପରମ୍ପରା କାହିଁ କେଉଁ କାଳରୁ ଚଳିଆସିଛି । ଏହାକୁ ସପ୍ତମାତୃକା ପୂଜା ମଧ୍ୟ କୁହାଯାଏ ଓ ବାଣପୁର ବଡ଼ ଦାଣ୍ଡରେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠିଠାକୁରାଣୀଙ୍କ ସହିତ ମା' ବିରଜାଇଙ୍କ ଚଳନ୍ତି ପ୍ରତିମା କାଠିଠାରାଣୀ ଦୁଇ ଭଉଣୀଙ୍କ ଅପୂର୍ବ ମିଳନ ପର୍ବ ବା ଭେଟଘାଟକୁ ଭେଟଯାତ୍ରା ବୋଲି କୁହାଯାଏ । ଦୁଇ ଠାକୁରାଣୀଙ୍କ ଏହି ଦୁର୍ଲଭ ପବିତ୍ର ମିଳନ ଦର୍ଶନ ସହିତ ମାତୃକୃପା ଲାଭ କରିବାପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ଯାତ୍ରାକୁ ଶୃଙ୍ଖଳିତ ଆକର୍ଷଣୀୟ କରିବାପାଇଁ ମନ୍ଦିର ପରିଚାଳନା କମିଟି ସହିତ ନିଯୋଗୀ ଓ ଗହଣସେବାୟତଙ୍କୁ ନେଇ ପ୍ରସ୍ତୁତି ବୈଠକ ବସି ନୀତି ନିର୍ଘଂଟ ସ୍ଥିର କରାଯାଇଥିଲା । ମନ୍ଦିର ପାଞ୍ଜି ଗଣକ ଶରତଚନ୍ଦ୍ର ନାୟକ ଭେଟଲଗ୍ନସ୍ଥିର କରି ବୈଠକରେ ଉପସ୍ଥାପନ କରିଥିଲେ । ଚଳିତ ତା୧୦- ୧୦-୨୬ ରିଖ ଶନିବାର ଅମାବାସ୍ୟା ତିଥିର ସଂଧ୍ୟା ୫ ଘଟିକା ୨୫ ମିନିଟ୍ ଠାରୁ ରାତ୍ର ୧୨ଘଟିକା ୩୭ ମିନିଟ ମଧ୍ୟରେ ଅମୃତବେଳା ପଡୁଥିବାରୁ ଉକ୍ତଦିନ ସଂଧ୍ୟା ୭ ଘଟିକା ସୁଧା ମନ୍ଦିର ଭିତର ନୀତିକାନ୍ତି ସାରିବାକୁ ସ୍ଥିର କରାଗଲା । ପରେ ପରେ ସେବାୟତଙ୍କ ନିମନ୍ତେ ସୂଚନା ଘଂଟ ବାଜିବ । ସଂଧ୍ୟା ଆଠଘଟିକାରେ ଶ୍ରୀ ଶ୍ରୀ ଦକ୍ଷେଶ୍ୱର ମନ୍ଦିରରେ ମା'ଙ୍କ ବିଜେକାହାଳୀ ବାଜିବ । ସଂଧ୍ୟା ୮ ଟା ୩୦ ମିନିଟରୁ ମା'ଙ୍କ ଦେବୀ ନୃତ୍ୟ ଆରମ୍ଭ ହୋଇ ବଜାର ବଡ଼ ଦାଣ୍ଡକୁ ଯାତ୍ରା କରିବେ । ସେଠାରେ ନୃତ୍ୟରତା ମା' ପଶ୍ଚିମ ଓ ପୂର୍ବ ଦିଗକୁ ୭ଥର ନୃତ୍ୟ ପରିକ୍ରମା କରିବା ସମୟରେ ରାତ୍ର ୯ ଘଟିକାରେ ବଡ଼ ଭଉଣୀ ମା' ବିରଜାଇଙ୍କ ଚଳନ୍ତି ପ୍ରତିମା କାଠିଠାକୁରାଣୀ ଭଗବତୀ ମନ୍ଦିରରୁ ଆଟପଟୁଆରରେ ବାହାରି ବଜାର ବଡ଼ଦାଣ୍ଡ ଅଭିମୁଖେ ଯାତ୍ରା କରିବେ । ସେଠାରେ ମା'ଙ୍କ ଜୟଜୟକାର ଧ୍ୱନୀ, ହୁଳହୁଳି, ଘଂଟା ଘଂଟକାହାଳୀ ଢୋଲ ବାଦ୍ୟର ତାଳେତାଳେ ଦୁଇକାଠି ଠାକୁରାଣୀ ଏକତ୍ର ନୃତ୍ୟ କରିବା ସହିତ ପରସ୍ପର ଭେଟିବା ର ଅପୂର୍ବ ମିଳନ ମୁହୂର୍ତ୍ତ ଅତ୍ୟନ୍ତ ମନୋରମ ଆଧ୍ୟାତ୍ମିକ ମୟଦୃଶ୍ୟ । ରାତ୍ର ୧୦ ଘଟିକାରେ ମା' ବିରଜାଇଙ୍କୁ ସାତବଖରା ପର୍ବ ଗୃହକୁ ଛାଡ଼ିଦେଇ ପରେ ରାତ୍ର ୧୧ଘଟିକାରେ ଭିତର ପର୍ବଗୃହରେ ଥିବା ମା'କନକଦୁର୍ଗା ଓ ଅନ୍ୟପାଂଚ ଭଉଣୀଙ୍କୁ ସାଥିରେ ନେଇ ମା'ସାତବଖରା ପର୍ବଗୃହକୁ ବିଜେ କରିବା ପରେ ଅମାବାସ୍ୟାର ପର୍ବ ନୀତିକାନ୍ତି ଆରମ୍ଭ ହେବାକୁ ନିଷ୍ପତି ଗ୍ରହଣ କରାଗଲା । ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ସହିତଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବାପାଇଁ ପୂର୍ବ ବର୍ଷ ପରି ଚଳିତ ବର୍ଷ ବଜାର ବଡ଼ ଦାଣ୍ଡରେ ବ୍ୟାରିକେଡ୍ କରିବା ସହିତ ଅଧିକ ଆରକ୍ଷୀ ବାହିନୀ , ପ୍ରାଥମିକ ଚିକିତ୍ସା, ଅଗ୍ନି ନିର୍ବାପକ ଯନ୍ତ୍ର, ଓ ଉଜ୍ଜ୍ୱଳ ଆଲୋକିକରଣର ବ୍ୟବସ୍ଥା କରିବାକୁସ୍ଥିର କରାଗଲା । ଏଥି ସହିତ ମା'ଙ୍କ ଭେଟ ଯାତ୍ରା ସଂଧ୍ୟାରୁ ଭଜନ ସମାରୋହର ର ଆୟୋଜନ କରାଯାଉଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାଳମୁକୁନ୍ଦ ଦାସ ପ୍ରକାଶ କରିଥିଲେ । ବୈଠକରେ ପରିଚାଳନା କମିଟିର ସଭାପତି ତହସିଲଦାର ହରପ୍ରିୟା ମଲ୍ଲିକ, ସଭ୍ୟା ବିଡ଼ିଓ ପୁନମ୍ ମହାପାତ୍ର, ଆଇଆଇସି ଜୟପ୍ରକାଶପରୀଡ଼ା, ବିଜ୍ଞାପିତ ଅଂଚଳ ପରିଷଦ ଚେୟାରମ୍ୟାନ ମିତୁନାୟକ, ଇଓ ସ୍ମୃତିରଂଜନ ସାହୁ,ଏବିଡ଼ିଓ ଯୋଗେନ୍ଦ୍ର ମହାକୁଡ଼ଙ୍କ ସହିତ ମନ୍ଦିରର ସବୁ ନିଯୋଗୀ ଓ ଗହଣସେବାୟତ ଯୋଗ ଦେଇ ସମସ୍ତପ୍ରକାର ସହଯୋଗ କରିବାକୁ ପ୍ରକାଶ କରିଥିଲେ ।

ଯାଜପୁର ଠାରେ ଆଇନ୍ ସ୍ୱେଚ୍ଛାସେବୀମାନଙ୍କ ପ୍ରଶିକ୍ଷଣ

ଯାଜପୁର, ୦୯/୧୦ (ଆ.ପ୍ର) : ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କୋର୍ଟ ପରିସରସ୍ଥ ଭିଡିଓ କନଫରେନ୍ସିଂ ହଲ୍ ଠାରେ ନବନିଯୁକ୍ତ ପିଏଲଭି ମାନଙ୍କର ପ୍ରଶିକ୍ଷଣ ସହ ଏଲଏସୟୁସି ଏବଂ ଏଲ୍ ଏସୟୁଏମ୍‌ର ପ୍ରାରମ୍ଭିକ ତାଲିମ୍ ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରିସୋର୍ସ ପର୍ସନ ଓ ପ୍ରଶିକ୍ଷକ ଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶ୍ୱେଶ୍ୱର ବିଶ୍ୱ ପ୍ରକାଶ ରାୟ, ଅତିରିକ୍ତ ବରିଷ୍ଠ ଦେୱାନୀ ଜଜ୍ ନେହା ଅଗ୍ରୱାଲ, ପୂର୍ବତନ ଜିଲ୍ଲା ଜଜ୍ ଚିନ୍ତାମଣି ପଣ୍ଡା, ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ବିରଜା ଲ କଲେଜ ଅଧ୍ୟାପିକା ମହେଶ୍ୱତା ଉପାଧ୍ୟାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଓ ଜେଜେ ସିପିସି ଆକ୍ଟ ୨୦୧୫, ଫୌଜଦାରୀ ଆଇନ୍ ଏବଂ ପିଡବଲ୍ୟୁ ଡିଭିର ମୂଳଦୁଆ ତାର ପ୍ରୟୋଗ, ପାରିବାରିକ ହିଂସା ଆଇନ୍, ପିଏଲଭିମାନଙ୍କ ଭୂମିକା ଓ ଦାୟିତ୍ୱ ସହ ମକ୍କେଲ ପରାମର୍ଶ, ଶିଶୁ ପ୍ରିୟ ପଂଚାୟତ ଗଠନ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟ ପରିସର ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ପ୍ରାଧିକରଣ ସଚିବ ଲିପା ମହାନ୍ତି ପ୍ରଶିକ୍ଷଣ ସଂଯୋଜନା କରିବା ସହ ପିଏଲଭିମାନେ କିପରି ସ୍ୱେଚ୍ଛାସେବୀ ମନନେଇ କାମ କରିବେ ସେ ନେଇ ପରାମର୍ଶ ଦେଇଥିଲେ । ଏହି ଏକ ଦିବସୀୟ ପ୍ରଶିକ୍ଷଣ ରେ ୬୦ ଜଣ ଆଇନ୍ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ । ପ୍ରଶିକ୍ଷଣ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ମାନେ ସହଯୋଗ କରିଥିଲେ ।

କୋଦୋଭାଟା ଗାଁରେ ବିଜେଡ଼ିକୁ ଝଟକା, ବିଜେପିରେ ମିଶିଲେ ଶତାଧିକ ନେତା ଓ କର୍ମୀ

ଝରିଗାଁ, ୦୯/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭିକ୍ଷା ପଂଚାୟତର କୋଦୋଭାଟା ଗାଁରେ ବିଜେଡି ଛାଡ଼ି ଶତାଧିକ ନେତା, ଜନପ୍ରତିନିଧି ଓ କର୍ମୀ ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ ହୋଇଛନ୍ତି । ଏହି ଦଳୀୟ ମିଶ୍ରଣକୁ ନେଇ ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଓ ଜନକଲ୍ୟାଣମୂଳକ ଯୋଜନାରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗ ଦେଇଥିବା ଜଣାପଡ଼ିଛି । ଝରିଗାଁ ବିଧାୟକ ନରସିଂହ ଭତ୍ରା, ମଣ୍ଡଳ ସଭାପତି ଲୁଜବଳ ଗୌଡ଼, ଜିଲ୍ଲା କୃଷକ ସଭାପତି ଜଗଦୀଶ କଲାର, ଈଶ୍ୱର ଭତ୍ରା, ସୁଜନ ଭକ୍ତ, ସୋନୁ ଭତ୍ରା ଓ ବିଜେପି ପଂଚାୟତ ସଭାପତିଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବିଜେପିରେ ଯୋଗ ଦେଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଭିକ୍ଷା ପଂଚାୟତର ନାୟବ ସରପଂଚ ସୁବ୍ରତ ବିଶ୍ୱାସ, ୧୧ ନମ୍ବର ୱାର୍ଡ ସଭ୍ୟ ଜବିତା ବିଶ୍ୱାସ, ୧୦ ନମ୍ବର ୱାର୍ଡ ସଭ୍ୟ ପ୍ରେମାନନ୍ଦ ମଣ୍ଡଳ, ଦେବାସିଂ ଭତ୍ରା, ପୂର୍ବତନ ୱାର୍ଡ ସଭ୍ୟ ରୁପିଚନ୍ଦ ଭତ୍ରା, ବାଦଲ ଗୋଲଦାର, ହରିପଦ ମଣ୍ଡଳ, ବୃନ୍ଦାବନ ରାୟ, ରଘୁନାଥ ଗୌଡ଼, ଲୁଗଦାର ଗୌଡ଼ ଓ ଅନାଦ ଗୌଡ଼ଙ୍କ ସମେତ ଅନ୍ୟାନ୍ୟ କର୍ମୀ ସାମିଲ ହୋଇଥିଲେ । ଏହି ମିଶ୍ରଣ ଫଳରେ ଭିକ୍ଷା ପଂଚାୟତ ସମେତ ଝରିଗାଁ ଅଂଚଳରେ ବିଜେପିର ସଂଗଠନ ଆହୁରି ମଜବୁତ ହେବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି ।

କନ୍ଧମାଳରେ ୨ମାସରେ ୧୯ ଦାଦନ ଶ୍ରମିକଙ୍କ ମୃତ୍ୟୁ, କେବେ ଚେତିବ ସରକାର ?

ଜି.ଉଦୟଗିରି, ୦୯/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ମୃତ୍ୟୁ ଦୁଃଖ ଏବେ ଅଂଚଳବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ପରିବାର ପାଇଁ ଦୁଇମୁଠା ଖାଦ୍ୟ ଯୋଗାଡ଼ କରିବା ଏବଂ ପିଲାଙ୍କ ଭବିଷ୍ୟତ ଗଢ଼ିବା ଆଶାରେ ନିଜ ଭିଟାମାଟି ଛାଡ଼ି ରୋଜଗାର ଆଶାରେ ଘର ଛାଡୁଛନ୍ତି ନିରୀହ ଶ୍ରମିକ ହେଲେ ଅନେକଙ୍କ ପାଇଁ ଏହି ଯାତ୍ରା ପାଲଟୁଛି ଜୀବନର ଶେଷ ଯାତ୍ରା । ଗତ ଦୁଇ ମାସ ମଧ୍ୟରେ ଜିଲ୍ଲାର ୧୯ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଖବର ଜିଲ୍ଲାବାସୀଙ୍କୁ ମର୍ମାହତ କରିବା ସହ ଶ୍ରମିକଙ୍କ ସୁରକ୍ଷା ଓ ସରକାରଙ୍କ ଶ୍ରମ ଯୋଗାଣକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୃତ୍ୟୁ ବରଣ କରିଥିବା ଶ୍ରମିକ କେବଳ ୧୯ଟି ପରିବାର ପାଇଁ ଦୁଃଖ ନୁହେଁ ଏହା କନ୍ଧମାଳ ଜିଲ୍ଲା ର ରୋଜଗାର ବ୍ୟବସ୍ଥା, ଶ୍ରମିକଙ୍କ ସୁରକ୍ଷା ଏବଂ ଦାଦନ ସମସ୍ୟାର ମୂଳ କାରଣକୁ ନେଇ ଏକ ବଡ଼ ପ୍ରଶ୍ନଚିହ୍ନ । ଶ୍ରମିକଙ୍କ ସୁରକ୍ଷା ଦାୟିତ୍ୱ କାହାର ? ମୃତ ଶ୍ରମିକଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ? ଏଭଳି ପ୍ରଶ୍ନର ଉତ୍ତର ସରକାରଙ୍କ ଦ୍ୱାରା ସାର୍ବଜନୀନ ହେବା ଆବଶ୍ୟକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ପରେ ଶ୍ରମ ବିଭାଗ ଓ ପ୍ରଶାସନ ତଥା ସରକାରଙ୍କ ଭୂମିକାକୁ ନେଇ ବୁଦ୍ଧିଜୀବୀ ମହଲରେ ନକାରାତ୍ମକ ଆଲୋଚନା ଶୁଣିବାକୁ ମିଳୁଛି । ଶ୍ରମିକଙ୍କ ମୃତ୍ୟୁ ପରେ ମୃତଦେହକୁ ନିଜ ଗାଁକୁ ଫେରାଇ ଆଣିବା, ବକେୟା ମଜୁରି ଆଦାୟ ଏବଂ ପରିବାରକୁ ନିୟମାନୁଯାୟୀ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେଉଁ ପଦକ୍ଷେପ ନିଆଯାଉଛି ? କନ୍ଧମାଳ ଜିଲ୍ଲାବାସୀଙ୍କ ପାଇଁ ବାହାର ରାଜ୍ୟରେ ଦାଦନ ଖଟିବା କୌଣସି ସ୍ୱେଚ୍ଛାକୃତ ପସନ୍ଦ ନୁହେଁ ବରଂ ଏହା ବଂଚିବା ପାଇଁ ବାଧ୍ୟବାଧକତା । ନିଜ ଅଂଚଳରେ ପର୍ଯ୍ୟାପ୍ତ ରୋଜଗାରର ସୁଯୋଗ ନ ଥିବାରୁ ନିଜ ପରିବାର ଠାରୁ ଦୂରରେ ରହି କାମ କରୁଛନ୍ତି । ଯେତେବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟୁଛି, ସେତେବେଳେ ଗୋଟିଏ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡୁଛି । ଗତ କିଛି ମାସ ମଧ୍ୟରେ ବାହାର ରାଜ୍ୟରେ କନ୍ଧମାଳର ମୃତ ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି ମୃତ୍ୟୁ ପରବର୍ତ୍ତୀ ପାରିବାରିକ ସ୍ଥିତିର ସମୀକ୍ଷା କରାଯାଉ । ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ପଞ୍ଜୀକରଣ, ନିଯୁକ୍ତିଦାତାଙ୍କ ସମ୍ପୂର୍ଣ୍ଣ ବିବରଣୀ, କାର୍ଯ୍ୟସ୍ଥଳର ଠିକଣା ଓ ଜରୁରୀକାଳୀନ ଯୋଗାଯୋଗ ବ୍ୟବସ୍ଥା,ଯୋଗ୍ୟ ପରିବାରକୁ ସରକାରୀ ସହାୟତା, ବୀମା ରାଶି ଓ ବକେୟା ମଜୁରି ଆଦି ପ୍ରାପ୍ୟ ଶୀଘ୍ର ମିଳିବା ସୁନିଶ୍ଚିତ କରାଯାଉ । କୃଷି, ଉଦ୍ୟାନ କୃଷି, ପଶୁପାଳନ, ମୁଷୁରି ଓ ଛେଳି ପାଳନ, ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଏବଂ କୁଟୀର ଶିଳ୍ପ ମାଧ୍ୟମରେ ଗାଁରେ ଗାଁରେ ଜୀବିକାର ସୁଯୋଗ ସୃଷ୍ଟି କରାଯାଉ । ପ୍ରତ୍ୟେକ ବ୍ଲକ୍‌ର ଦାଦନ ପ୍ରବଣ ଗ୍ରାମଗୁଡ଼ିକୁ ଚିହ୍ନଟ କରି ଶ୍ରମିକ ପରିବାରଙ୍କୁ ସ୍ଥାନୀୟ ରୋଜଗାର, ସାମାଜିକ ସୁରକ୍ଷା ଓ ସରକାରୀ ଯୋଜନାର ସୁବିଧା ଯୋଗାଇ ଦିଆଯାଉ । ଆଉ କେତେ ଜୀବନ ଗଲେ ଚେତିବେ ସରକାର ? ସେମାନଙ୍କ ଜୀବନର ମୂଲ୍ୟ ଅଛି ଏବଂ ସେମାନଙ୍କ ପରିବାରର ମଧ୍ୟ ସୁରକ୍ଷିତ ଭବିଷ୍ୟତ ପାଇବାର ଅଧିକାର ଅଛି । ଦୁଇ ମାସରେ ୧୯ ଜଣ ଶ୍ରମିକଙ୍କ ମୃତ୍ୟୁ ଖବର ଯଦି ସତ୍ୟ, ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ଯେପର୍ଯ୍ୟନ୍ତ କନ୍ଧମାଳର ଯୁବତୀଯୁବକ ନିଜ ଅଂଚଳରେ ସମ୍ମାନର ସହ ରୋଜଗାର କରିବାର ସୁଯୋଗ ପାଇନାହାନ୍ତି, ସେପର୍ଯ୍ୟନ୍ତ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଅଧୁରା ରହିବ । କନ୍ଧମାଳରେ ରୋଜଗାର ସୃଷ୍ଟି ହେଉ, ଶ୍ରମିକଙ୍କ ଜୀବନ ସୁରକ୍ଷିତ ରହୁ ଏବଂ କୌଣସି ପରିବାର ଜୀବିକା ପାଇଁ ନିଜ ଭିଟାମାଟି ଛାଡ଼ିବାକୁ ବାଧ୍ୟ ନ ହେଉ ଏନେଇ ସରକାର ଉଚିତ ବ୍ୟବସ୍ଥା କରିବାକୁ ଅଂଚଳବାସୀ ନିବେଦନ କରିଛନ୍ତି ।

ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଐତିହାସିକ ସଫଳତା

ଆଇଚି-ନାଗୋୟା, ୯/୧୦(ନ୍ୟୁ.ଏ): ଏସୀୟ କ୍ରୀଡ଼ାରେ ଭାରତୀୟ ସେନାର କ୍ରୀଡ଼ାବିତ୍‌ମାନେ ଚମତ୍କାର ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିଛନ୍ତି । ସେନାର ଖେଳାଳିମାନେ ୬ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୬ଟି କାଂସ୍ୟ ସହ ମୋଟ ୨୦ଟି ପଦକ ହାସଲ କରି ନୂଆ ଇତିହାସ ସୃଷ୍ଟି କରିଛନ୍ତି । ବିଶେଷକରି ନୀରୁ ଧଣ୍ଡା ଓ ଗୁଲବୀର ସିଂହଙ୍କ ପ୍ରଦର୍ଶନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ପ୍ରତିଯୋଗିତାରେ ଭାରତ ମୋଟ ୮୫ଟି ପଦକ ଜିତିଥିବା ବେଳେ ସେଥିରେ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ ପଦକ ରହିଛି । ଭାରତର ମୋଟ ପଦକ ମଧ୍ୟରୁ ସେନା କ୍ରୀଡ଼ାବିତ୍‌ଙ୍କ ଅବଦାନ ୨୩.୫୨ ପ୍ରତିଶତ ରହିଥିବା ବେଳେ ସ୍ୱର୍ଣ୍ଣ ପଦକରେ ସେମାନଙ୍କ ଭାଗ ପ୍ରାୟ ୨୯ ପ୍ରତିଶତ ରହିଛି । ଭାରତୀୟ ଦଳର ମୋଟ ୫୦୧ ଜଣ ଖେଳାଳିଙ୍କ ମଧ୍ୟରୁ ସେନାର ୬୨ ଜଣ କ୍ରୀଡ଼ାବିତ୍ ୧୫ଟି ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ୯ ଜଣ ମହିଳା ଖେଳାଳି ରହିଥିଲେ । ମହିଳା କ୍ରୀଡ଼ାବିତ୍‌ମାନେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ । ପୂର୍ବ ହାଙ୍ଗଝୋଉ ଏସୀୟ କ୍ରୀଡ଼ା ତୁଳନାରେ ଏଥର ସେନା ଖେଳାଳିମାନେ ଦ୍ୱିଗୁଣ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଟ୍ରାପ୍ ସୁଟିଂରେ ନାଏବ ସୁବେଦାର ନୀରୁ ଧଣ୍ଡା ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ । ସେହିପରି ଦୌଡ଼କୁଦରେ ଗୁଲବୀର ସିଂହ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଗୋଟିଏ ଏସୀୟ କ୍ରୀଡ଼ା ସଂସ୍କରଣରେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ତିନିଟି ବ୍ୟକ୍ତିଗତ ପଦକ ଜିତିବାରେ ଗୁଲବୀର ପ୍ରଥମ ଭାରତୀୟ ପୁରୁଷ ଖେଳାଳି ହୋଇଛନ୍ତି । ଅନ୍ୟପକ୍ଷରେ ହାବିଲଦାର ସାଓ୍ୱନ ବରୱାଲ ମାରାଥନରେ ଏବଂ ସୁବେଦାର ଧୀରଜ ବୋମ୍ମାଦେବରା ତିରନ୍ଦାଜିରେ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ହାବିଲଦାର କମଲଜିତ ସିଂହ ଓ ନୀରୁ ନିଜ ନିଜ ବର୍ଗରେ ଏସୀୟ କ୍ରୀଡ଼ା ରେକର୍ଡ କରିଛନ୍ତି । ମୁଷ୍ଟିଯୁଦ୍ଧରେ ମଧ୍ୟ ସେନା କ୍ରୀଡ଼ାବିତ୍‌ମାନେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି । ନାଏବ ସୁବେଦାର ସଲମାନ ଖାନ ଏସୀୟ କ୍ରୀଡ଼ା ପୁରୁଷ ଡବଲ୍ ସ୍କଲ୍ସରେ ପଦକ ଜିତିବାରେ ପ୍ରଥମ ଭାରତୀୟ ହୋଇଛନ୍ତି । ସେନା କ୍ରୀଡ଼ାବିତ୍‌ଙ୍କ ଏହି ସଫଳତା ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ବଡ଼ ଉପଲବ୍ଧି ଭାବେ ବିବେଚିତ ହେଉଛି ।

ନଭେମ୍ବର ୫ରୁ ଯୁବ ଏସିଆ କପ୍

ନୂଆଦିଲ୍ଲୀ, ୯/୧୦(ନ୍ୟୁ.ଏ): ପୁଣିଥରେ କ୍ରିକେଟ୍ ପଡ଼ିଆରେ ମୁହାଁମୁହିଁ ହେବେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ । ଆଗାମୀ ନଭେମ୍ବର ୮ ତାରିଖରେ ଯୁବ ଏସିଆ କପ୍‌ରେ ଦୁଇ ଦଳ ମଧ୍ୟରେ ହେବ ହାଇଭୋଲ୍ଟେଜ୍ ମୁକାବିଲା । ଏସୀୟ କ୍ରିକେଟ୍ ପରିଷଦ (ଏସିସି) ପକ୍ଷରୁ ପୁରୁଷ ୧୯ ବର୍ଷରୁ କମ୍ ଏକଦିବସୀୟ ଏସିଆ କପ୍ ୨୦୨୬ ପାଇଁ କ୍ରୀଡ଼ାସୂଚୀ ଘୋଷଣା କରାଯାଇଛି । ଏହି ମହାଦେଶୀୟ ପ୍ରତିଯୋଗିତା ନଭେମ୍ବର ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ଓମାନ୍‌ରେ ଅନୁଷ୍ଠିତ ହେବ । ଚଳିତ ସଂସ୍କରଣରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ । ସମସ୍ତ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍-ଏ'ରେ ୮ ଥରର ବିଜେତା ଭାରତ ସହିତ ପାକିସ୍ତାନ, ନେପାଳ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସ୍ଥାନ ପାଇଛନ୍ତି । ଅନ୍ୟପକ୍ଷରେ ଗ୍ରୁପ୍-ବି'ରେ ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ମାଲେସିଆ ରହିଛନ୍ତି । ଭାରତୀୟ ଯୁବ ଦଳ ନଭେମ୍ବର ୬ ତାରିଖରେ ନେପାଳ ବିପକ୍ଷରେ ଖେଳି ନିଜର ଅଭିଯାନ ଆରମ୍ଭ କରିବ । ଏହାପରେ ନଭେମ୍ବର ୮ରେ ପାକିସ୍ତାନ ସହ ମୁକାବିଲା କରିବ । ଭାରତ ନଭେମ୍ବର ୧୦ ତାରିଖରେ ୟୁଏଇ ବିପକ୍ଷରେ ନିଜର ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ । ଏହି ତିନୋଟି ମ୍ୟାଚ୍‌ର ପ୍ରଦର୍ଶନ ଭାରତର ସେମିଫାଇନାଲ୍ ଯୋଗ୍ୟତା ନିର୍ଣ୍ଣୟ କରିବ । ପ୍ରତିଯୋଗିତାରେ ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଲେଖାଏଁ ଦଳ ସେମିଫାଇନାଲ୍‌କୁ ଉନ୍ନୀତ ହେବେ । ନଭେମ୍ବର ୧୨ ତାରିଖରେ ଦୁଇଟିଯାକ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ଏଥିରେ ବିଜୟୀ ଦୁଇ ଦଳ ନଭେମ୍ବର ୧୪ ତାରିଖରେ ଟ୍ରଫି ପାଇଁ ଫାଇନାଲ୍‌ରେ ମୁହାଁମୁହିଁ ହେବେ । ଏଥର ଟୁର୍ଣ୍ଣାମେଣ୍ଟରେ ମୋଟ ୧୫ଟି ଏକଦିବସୀୟ ମ୍ୟାଚ୍ ଖେଳାଯିବ । ସମସ୍ତ ମ୍ୟାଚ୍ ଭାରତୀୟ ସମୟ ସକାଳ ୧୦ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ । ଓମାନ୍‌ର ଅଲ୍ ଆମେରାତ୍‌ସ୍ଥିତ କ୍ରିକେଟ୍ ଗ୍ରାଉଣ୍ଡରେ ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହେବ । ଯୁବ ଏସିଆ କପ୍‌ରେ ଭାରତର ଦବ୍‌ଦବା ରହିଆସିଛି । ଏପର୍ଯ୍ୟନ୍ତ ୮ ଥର ଟ୍ରଫି ହାସଲ କରିଥିବା ଭାରତୀୟ ଦଳ ଏଥର ନବମ ଟ୍ରଫି ଜିତିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ । ବିଶେଷକରି ପାକିସ୍ତାନ ବିପକ୍ଷ ମୁକାବିଲା ଉପରେ କ୍ରିକେଟ୍‌ପ୍ରେମୀଙ୍କ ନଜର ରହିବ । ଏହି ପ୍ରତିଯୋଗିତା ଏସିଆର ଉଦୀୟମାନ ଯୁବ କ୍ରିକେଟରଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ବଡ଼ ସୁଯୋଗ ପ୍ରଦାନ କରିବ ।

ନନ୍ଦିଗ୍ରାମ ଉପନିର୍ବାଚନରେ ବିଜେପିର ବାଜିମାତ୍

କୋଲକାତା, ୯/୧୦(ନ୍ୟୁ.ଏ): ପଶ୍ଚିମବଙ୍ଗରେ ବିଜେପିର ଆଉ ଏକ ବିପୁଳ ବିଜୟ । ନନ୍ଦିଗ୍ରାମ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ବଡ଼ ବ୍ୟବଧାନରେ ବିଜୟୀ ହୋଇଛନ୍ତି ଦଳୀୟ ପ୍ରାର୍ଥୀ । ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ୧ ଲକ୍ଷ ୨୨ ହଜାର ୬୦୩ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି ବିଜେପି ପ୍ରାର୍ଥୀ ହାସାରାଣୀ ରଥ । ସେ ୧ ଲକ୍ଷ ୬୪ ହଜାର ୨୭୭ ଖଣ୍ଡ ଭୋଟ୍ ପାଇଥିବା ବେଳେ ମିଲନ ପ୍ରଧାନ ମାତ୍ର ୪୧ ହଜାର ୬୭୪ ଖଣ୍ଡ ଭୋଟ୍ ପାଇଛନ୍ତି । ୧୯୬୭ ପରଠୁ ଏହି ଆସନରେ ପ୍ରଥମ ଥର ପାଇଁ କୌଣସି ପ୍ରାର୍ଥୀ ଏତେ ସଂଖ୍ୟକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଏହା ପୂର୍ବରୁ ନନ୍ଦିଗ୍ରାମ ଆସନରେ ରେକର୍ଡ ବ୍ୟବଧାନରେ ନିର୍ବାଚନ ଜିତିଥିଲେ ଶୁଭେନ୍ଦୁ ଅଧିକାରୀ । ୨୦୧୬ ମସିହାରେ ସେ ତୃଣମୂଳ କଂଗ୍ରେସ ଟିକେଟ୍‌ରେ ଏହି ଆସନରେ ୮୧ ହଜାର ୨୩୦ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ । ଗତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ସହିତ ଭବାନୀପୁର ଆସନରୁ ପ୍ରାର୍ଥୀ ହୋଇଥିଲେ । ସେ ଦୁଇଟି ଯାକ ଆସନରେ ବିଜୟୀ ହୋଇଥିବା ବେଳେ ନନ୍ଦିଗ୍ରାମ ଆସନକୁ ଛାଡ଼ି ଦେଇଥିଲେ । ସେଥିପାଇଁ ଏହି ଆସନରେ ଉପନିର୍ବାଚନ କରାଯାଇଥିଲା । ଏହି ଆସନରୁ ବିଜୟୀ ହୋଇଥିବା ହାସାରାଣୀ ରଥ ହେଉଛନ୍ତି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କ ମା', ଯାହାଙ୍କୁ ଗତ ମେ' ୬ ତାରିଖରେ ଗୁଳି କରି ହତ୍ୟା କରାଯାଇଥିଲା । ନନ୍ଦିଗ୍ରାମ ସହିତ ପଶ୍ଚିମବଙ୍ଗର ରେଜିନଗର ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଠାରେ ବିଜେପି ପକ୍ଷରୁ ଶଙ୍କାରବ ସରକାର ପ୍ରାର୍ଥୀ ହୋଇଥିଲେ । ସେ ୭୫ ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଛନ୍ତି । ସେ ୧ ଲକ୍ଷ ୨୯ ହଜାର ୯୧୪ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଆମ୍ ଜନତା ଉନ୍ନୟନ ପାର୍ଟି ପ୍ରାର୍ଥୀ ଗୁଲାମ ନବୀ ଆଜାଦ ୫୪ ହଜାର ୯୮ ଖଣ୍ଡ ଭୋଟ୍ ପାଇଥିଲେ । ଏହି ଆସନରେ ୭୦% ଭୋଟ୍ ସଂଖ୍ୟାଲଘୁ ସଂପ୍ରଦାୟର ହୋଇଥିଲେ ସୁଦ୍ଧା ବିଜେପି ପ୍ରାର୍ଥୀଙ୍କର ବିଜୟ ହୋଇଛି । ଗତ ବିଧାନସଭା ନିର୍ବାଚନରେ ରେଜିନଗର ଆସନରୁ ଆମ୍ ଜନତା ଉନ୍ନୟନ ପାର୍ଟି ନେତା ହୁମାୟୁନ କବୀର ବିଜୟୀ ହୋଇଥିଲେ । ତେବେ ସେ ନଉଦା ଆସନରୁ ମଧ୍ୟ ବିଜୟୀ ହୋଇଥିଲେ । ପରେ ସେ ନଉଦା ଆସନକୁ ରଖିଥିଲେ ଓ ରେଜିନଗରକୁ ଛାଡ଼ି ଦେଇଥିଲେ । ଫଳରେ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଦଳ ଉପନିର୍ବାଚନରେ ହାରିଯାଇଛି । ଏହା ସହିତ ପଶ୍ଚିମବଙ୍ଗ ବିଧାନସଭାରେ ବିଜେପି ବିଧାୟକଙ୍କ ସଂଖ୍ୟା ୨୦୯କୁ ବୃଦ୍ଧି ପାଇଛି ।

ମସ୍କ ପୁଣି ହରାଇଲେ ଟ୍ରିଲିୟନେୟାର ମାନ୍ୟତା

ନୂଆଦିଲ୍ଲୀ, ୯/୧୦(ନ୍ୟୁ.ଏ): ଟେସ୍‌ଲା ଓ ସ୍ପେସଏକ୍ସ ଭଳି କମ୍ପାନିର ମାଲିକ ଏଲନ୍ ମସ୍କ ମାସକ ମଧ୍ୟରେ ଦ୍ୱିତୀୟ ଥର ପାଇଁ ତାଙ୍କର ଟ୍ରିଲିୟନେୟାର ମାନ୍ୟତା ହରାଇଛନ୍ତି । ମସ୍କଙ୍କ ମାଲିକାନାରେ ଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ହ୍ରାସ ପାଇବା ଫଳରେ ତାଙ୍କର ସମ୍ପତି ଦିନକରେ ୩୬.୪ ବିଲିଅନ ଡଲାର କମିଯାଇଛି । ଫୋର୍ବସ ତଥ୍ୟ ଅନୁଯାୟୀ ଅକ୍ଟୋବର ୮ ତାରିଖରେ ମସ୍କଙ୍କ ନିଟ୍ ସମ୍ପତି ୯୯୧.୬ ବିଲିଅନ ଡଲାରକୁ କମିଯାଇଛି । ଏନ୍‌ଭିଡିଆ ଚିପ୍‌ସକୁ କିଣିବା ପାଇଁ କମ୍ପାନି ୪୦ ବିଲିଅନ ଡଲାର ସଂଗ୍ରହ କରିବାକୁ ଯୋଜନା କରାଇଥିବା ସଂକ୍ରାନ୍ତ ରିପୋର୍ଟ ଆସିବା ପରେ ନିବେଶକମାନଙ୍କ ଚିନ୍ତା ବଢ଼ିଯାଇଛି । ଫଳରେ ସ୍ପେସଏକ୍ସର ସେୟାରରେ ପ୍ରାୟ ୩.୫ ପ୍ରତିଶତ ହ୍ରାସ ଘଟିଛି । ସେହିଭଳି ଟେସ୍‌ଲାର ସେୟାର ମୂଲ୍ୟରେ ୨ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି । ଉଲ୍ଲେଖଯୋଗ୍ୟ, ସ୍ପେସଏକ୍ସ ପୁଞ୍ଜି ବଜାରରେ ପ୍ରବେଶ କରିବା ପରେ ଚଳିତବର୍ଷ ଜୁନ ମାସରେ ମସ୍କ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ପାଲଟିଥିଲେ । କିଛି ସମୟ ପାଇଁ ତାଙ୍କର ସମ୍ପତି ୧.୪୫ ଟ୍ରିଲିଅନ ଡଲାର ଛୁଇଁଥିଲା ।

ଟ୍ରମ୍ପଙ୍କୁ କଟାକ୍ଷ କଲେ ନୋବେଲ ଶାନ୍ତି ବିଜେତା ନବୀ ପିଲ୍ଲାଇ

ଓସ୍ଲୋ, ୯/୧୦ (ନ୍ୟୁ.ଏ): ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକୀୟ ଆଇନଜୀବୀ ତଥା ମାନବାଧିକାର କର୍ମୀ ନବୀ ପିଲ୍ଲାଇଙ୍କୁ ୨୦୨୬ ମସିହାର ନୋବେଲ ଶାନ୍ତି ପୁରସ୍କାର ମିଳିଛି । ଶାନ୍ତି ପ୍ରତିଷ୍ଠା ଓ ଅନ୍ତର୍ଜାତୀୟ ଆଇନର ପ୍ରଚାର ପାଇଁ ତାଙ୍କ ଦୀର୍ଘଦିନର ଉଦ୍ୟମକୁ ସ୍ୱୀକୃତି ଦେଇ ନୋବେଲ କମିଟି ଏହି ସମ୍ମାନ ପ୍ରଦାନ କରିଛି । ପୁରସ୍କାର ଘୋଷଣା ପରେ ପିଲ୍ଲାଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନେଇ ମଜାଳିଆ ମନ୍ତବ୍ୟ ଦେଇଥିବା ବେଳେ ଟ୍ରମ୍ପ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଜର୍ମାନୀର ନ୍ୟୁରେମ୍ବର୍ଗଠାରେ ଏକ ଆଇନ ଓ ଶିକ୍ଷା ସମ୍ମିଳନୀରେ ଯୋଗ ଦେଇଥିବା ପିଲ୍ଲାଇ ପୁରସ୍କାର ଘୋଷଣା ପରେ ଉପସ୍ଥିତ ଲୋକଙ୍କ ଅଭିନନ୍ଦନ ଗ୍ରହଣ କରି କହିଥିଲେ, ଆପଣମାନେ ଆଉ ଟିକେ ଅଧିକ କରତାଳି ଦେଲେ ମୋତେ ଟ୍ରମ୍ପଙ୍କ ସହ ଏହି ପୁରସ୍କାର ବାଂଟିବାକୁ ପଡ଼ିପାରେ । ତାଙ୍କର ଏହି ମନ୍ତବ୍ୟ ଉପସ୍ଥିତ ଲୋକଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲା । ଏହାର କିଛି ସମୟ ପରେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଂଚ 'ଟ୍ରୁଥ ସୋସିଆଲ୍'ରେ ଏକ ସମାଲୋଚନାତ୍ମକ ପୋଷ୍ଟ ସେୟାର କରିଥିଲେ । ସେଥିରେ ପିଲ୍ଲାଇଙ୍କୁ ଆମେରିକା ଓ ଇସ୍ରାଏଲ ବିରୋଧୀ ବୋଲି ଅଭିହିତ କରାଯାଇଥିଲା । ଗାଜାରେ ଇସ୍ରାଏଲର କାର୍ଯ୍ୟକଳାପକୁ ନେଇ ତାଙ୍କ ନେତୃତ୍ୱରେ ପ୍ରସ୍ତୁତ ଜାତିସଂଘର ତଦନ୍ତ ରିପୋର୍ଟକୁ ମଧ୍ୟ ପୋଷ୍ଟରେ ସମାଲୋଚନା କରାଯାଇଥିଲା । ନୋବେଲ କମିଟି ଆମେରିକା ଓ ଇସ୍ରାଏଲକୁ ଘୃଣା କରୁଥିବା ଜଣେ ମହିଳାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେଇ ନିଜର ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି । ସେ ନିଜର ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଓ ଉପଲବ୍ଧିର ଉଦାହରଣ ଦେଇ ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜର ଦାବିକୁ ମଧ୍ୟ ଦୋହରାଇଥିଲେ ।

ଲାଂଚ ମାମଲାରେ ପିନାରାୟି ବିଜୟନ୍‌ଙ୍କ ବିରୋଧରେ ଏତଲା ରୁଜୁ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଚି, ୯/୧୦(ନ୍ୟୁ.ଏ): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍, ତାଙ୍କ ଝିଅ ଟି. ବୀଣା ଓ କ୍ୱାଇଁ ପି.ଏ. ମହମ୍ମଦ ରିୟାସଙ୍କ ବିରୋଧରେ କଥିତ ଲାଂଚ କାରବାର ମାମଲାରେ ଏତଲା ରୁଜୁ କରିବାକୁ କେରଳ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି । କୋଚିନ୍ ମିନେରାଲ୍ସ ଆଣ୍ଡ ରୁଟାଇଲ୍ ଲିମିଟେଡ୍ (ସିଏମ୍ଆରଏଲ୍) ଓ ବୀଣାଙ୍କ କମ୍ପାନି ଏକ୍ସାଲୋଜିକ୍ ସଲ୍ୟୁସନ୍ସ ମଧ୍ୟରେ ହୋଇଥିବା ଆର୍ଥିକ କାରବାର ସମ୍ପର୍କରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଇଥିବା ତଥ୍ୟ ଆଧାରରେ ଏହି ନିର୍ଦ୍ଦେଶ ଆସିଛି । ଜଷ୍ଟିସ୍ ଏ. ବଦରୁଦ୍ଦିନ୍ ଆବେଦନକାରୀ ଓକିଲ କେ.ଏମ୍. ସାହାହାନ୍‌ଙ୍କ ଆବେଦନକୁ ମଞ୍ଜୁର କରି ଏତଲା ରୁଜୁ କରିବାକୁ କହିଛନ୍ତି । ଇଡି ଦେଇଥିବା ତଥ୍ୟ ଉପରେ ସିଧାସଳଖ ମାମଲା ରୁଜୁ କରିବା ପରିବର୍ତ୍ତେ ପ୍ରାଥମିକ ତଦନ୍ତ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତିକୁ ସାହାହାନ୍ ଚ୍ୟାଲେଞ୍ଜ୍ କରିଥିଲେ । ରାୟର ବିସ୍ତୃତ ବିବରଣୀ ଏଯାବତ୍ ପ୍ରକାଶ ପାଇନାହିଁ । ଇଡିର ଅଭିଯୋଗ ଅନୁସାରେ, ସିଏମ୍ଆରଏଲ୍ ବୀଣାଙ୍କ ପୂର୍ବରୁ ବନ୍ଦ ହୋଇଯାଇଥିବା କମ୍ପାନି ଏକ୍ସାଲୋଜିକ୍ ସଲ୍ୟୁସନ୍ସକୁ ସୂଚନା ପ୍ରଯୁକ୍ତି ପରାମର୍ଶ ସେବା ଦେବା ଆଳରେ ୨.୭୮ କୋଟି ଟଙ୍କା ଦେଇଥିଲା । ଏହି ଅର୍ଥ ପ୍ରଦାନ ପଛରେ ପ୍ରକୃତ ସେବା ବଦଳରେ ଅନୈତିକ ଆର୍ଥିକ କାରବାର ହୋଇଥିବା ଇଡି ସନ୍ଦେହ କରିଛି । ଏହାର ତଦନ୍ତ ସମୟରେ ମିଳିଥିବା ତଥ୍ୟକୁ ଆଧାର କରି ଇଡି କେରଳ ପୁଲିସକୁ ଦୁର୍ନୀତି ନିବାରଣ ଆଇନ ଅନୁସାରେ ମାମଲା ରୁଜୁ କରିବାକୁ କହିଥିଲା । ଏହି ଅଭିଯୋଗ ସମ୍ପର୍କରେ ଇଡି ରାଜ୍ୟ ପୁଲିସ ମୁଖ୍ୟଙ୍କୁ ତଥ୍ୟ ଦେବା ପରେ ରାଜ୍ୟ ସରକାର ଅପରାଧ ଶାଖାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ପ୍ରାଥମିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ବିରୋଧ କରି ସାହାହାନ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତଥ୍ୟରେ ଦୁର୍ନୀତିର ସୂଚନା ଥିବାରୁ ପ୍ରଥମେ ଏତଲା ରୁଜୁ କରାଯିବା ଆବଶ୍ୟକ ବୋଲି ସେ ଯୁକ୍ତି ବର୍ଷାଇଥିଲେ । ଶୁଣାଣି ସମୟରେ ଇଡି ମଧ୍ୟ ଏତଲା ରୁଜୁ ସପକ୍ଷରେ ମତ ଦେଇଥିଲା । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ କେ. ଗୋପାଳ କୃଷ୍ଣ କୁରୁପ ଯୁକ୍ତି ଦେଇଥିଲେ ଯେ କେବଳ ଇଡିର ରିପୋର୍ଟ ଆଧାରରେ ଏତଲା ରୁଜୁ କରିବା ପରିବର୍ତ୍ତେ ପ୍ରଥମେ ଅଭିଯୋଗର ସତ୍ୟତା ଯାଂଚ କରାଯିବା ଉଚିତ । ତେବେ ହାଇକୋର୍ଟ ଏହି ଯୁକ୍ତି ଗ୍ରହଣ ନ କରି ଏତଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଜାତିସଂଘରେ ସୀମାପାର ଆତଙ୍କବାଦ ବିରୋଧରେ ଭାରତ ଶୂନ୍ୟ ସହନଶୀଳତା ନୀତି ଦୋହରାଇଲା

ନ୍ୟୁୟର୍କ, ୯/୧୦(ନ୍ୟୁ.ଏ):: ସୀମାପାର ଆତଙ୍କବାଦ ବିରୋଧରେ ଭାରତ ନିଜର ଶୂନ୍ୟ ସହନଶୀଳତା ନୀତିକୁ ଜାତିସଂଘରେ ପୁଣି ଦୋହରାଇଛି । ଆତଙ୍କବାଦକୁ କୌଣସି ପରିସ୍ଥିତିରେ ଯଥାର୍ଥ ବୋଲି କୁହାଯାଇପାରିବ ନାହିଁ ଏବଂ ରାଷ୍ଟ୍ର ପ୍ରାୟୋଜିତ ଓ ସୀମାପାର ଆତଙ୍କବାଦୀ ନେଟୱର୍କ ବିରୋଧରେ ବିଶ୍ୱ ସମୁଦାୟ ଏକଜୁଟ ହୋଇ ନିର୍ଣ୍ଣାୟକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଭାରତୀୟ ସାଂସଦ ପ୍ରତିନିଧିମଣ୍ଡଳ କହିଛି । ଜାତିସଂଘ ମହାସଭାର ଅଧିବେଶନରେ ଯୋଗ ଦେବା ପାଇଁ ନ୍ୟୁୟର୍କ ଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ରାଜ୍ୟସଭା ସାଂସଦ ସିକନ୍ଦର କୁମାର ନେଇଥିଲେ । ଏହି ଗସ୍ତ ସମୟରେ ପ୍ରତିନିଧିମଣ୍ଡଳ ଜାତିସଂଘର ଆତଙ୍କବାଦ ନିରୋଧୀ କାର୍ଯ୍ୟାଳୟ (ୟୁଏନ୍‌ଓସିଟି)ର କାର୍ଯ୍ୟକାରୀ ଉପମହାସଚିବ ଆଲେକ୍‌ଜାଣ୍ଡର ଜୁଏଭ୍‌ଙ୍କୁ ଭେଟିଥିଲେ । ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ଭାରତ ଓ ଜାତିସଂଘ ମଧ୍ୟରେ ସହଯୋଗକୁ ଅଧିକ ପ୍ରଭାବଶାଳୀ କରିବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପ୍ରତିନିଧିମଣ୍ଡଳ କହିଛି ଯେ ଭାରତ ଦୀର୍ଘଦିନ ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି । ତେଣୁ ଆତଙ୍କବାଦ ମୁକାବିଲା ପାଇଁ ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ । ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ସୁରକ୍ଷିତ ସ୍ଥାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ନ ଦେଲେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ ବୋଲି ଭାରତ ପକ୍ଷରୁ କୁହାଯାଇଛି । ଆତଙ୍କବାଦୀମାନେ ଆଧୁନିକ ପ୍ରଯୁକ୍ତି, ଡିଜିଟାଲ୍ ମାଧ୍ୟମ ଓ ଅବୈଧ ଅର୍ଥ କାରବାରକୁ ବ୍ୟବହାର କରୁଥିବାରୁ ଏହାକୁ ରୋକିବା ପାଇଁ ଦେଶଗୁଡ଼ିକ ମଧ୍ୟରେ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ, ବୈଷୟିକ ସହଯୋଗ ଓ ଆଇନଗତ ବ୍ୟବସ୍ଥାରେ ସମନ୍ୱୟ ଆବଶ୍ୟକ ବୋଲି ଭାରତୀୟ ପ୍ରତିନିଧିମାନେ କହିଛନ୍ତି । ସାଇବର ଜଗତରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ସେମାନଙ୍କ ଆର୍ଥିକ ସହାୟତାର ଉତ୍ସ ବନ୍ଦ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଭାରତର ମତ ହେଉଛି, ଆତଙ୍କବାଦର କୌଣସି ଭଲ ବା ଖରାପ ରୂପ ନାହିଁ । ସାଧାରଣ ନାଗରିକଙ୍କୁ ଜାଣିଶୁଣି ଆକ୍ରମଣ କରିବାକୁ କୌଣସି କାରଣ ଦର୍ଶାଇ ଯଥାର୍ଥ ପ୍ରମାଣିତ କରାଯାଇପାରିବ ନାହିଁ । ଆତଙ୍କବାଦର ମୁକାବିଲା ପାଇଁ ବିଶ୍ୱର ସମସ୍ତ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ସହ ଏହାକୁ ସମର୍ଥନ ଓ ଆଶ୍ରୟ ଦେଉଥିବା ନେଟୱର୍କଗୁଡ଼ିକୁ ଦାୟୀ କରିବା ଦରକାର ବୋଲି ଭାରତ ଆହ୍ୱାନ ଦେଇଛି ।

ଭଣ୍ଡି ମେଂଟ ଆନ୍ଦୋଳନରେ ମହିଳା ପୁଲିସଙ୍କୁ ଯୌନ ନିର୍ଯାତନା

ନୂଆଦିଲ୍ଲୀ, ୯/୧୦ (ନ୍ୟୁ.ଏ): ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଅନୁଷ୍ଠିତ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ ସମୟରେ ମହିଳା ପୁଲିସ କର୍ମଚାରୀଙ୍କୁ ଅସଦାଚରଣ ଓ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଶୁକ୍ରବାର ସରକାର ସୁପ୍ରିମ୍‌କୋର୍ଟରେ ଅଭିଯୋଗ କରିଛନ୍ତି । ସଲିସିଟର ଜେନେରାଲ ତୁଷାର ମେହେଟା ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି ଯେ, ଦୁଇ ଦିନ ତଳର ଭିଡ଼ିଓକୁ ଦେଖନ୍ତୁ, ଯେଉଁଥିରେ ମହିଳା ପୁଲିସ ଅଧିକାରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଇଛି ଏବଂ ସେମାନେ ଆହତ ହୋଇଛନ୍ତି । ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରାଯାଇଥିଲେ ମଧ୍ୟ ସେମାନେ ଦାୟିତ୍ୱବାନ ଭାବେ କାର୍ଯ୍ୟ କରିଛନ୍ତି । ଅନୁମତି ମିଳିନଥିବା ଏହି ବିକ୍ଷୋଭ ବେଆଇନ ଥିଲା ବୋଲି ସେ ଦର୍ଶାଇଛନ୍ତି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଏବଂ 'ଭୋଟ ଚୋରି' ଅଭିଯୋଗରେ ବିରୋଧୀ ଭଣ୍ଡି ମେଂଟର ସାଂସଦମାନେ ଦୁଇ ଦିନ ତଳେ ଯନ୍ତର ମନ୍ତର ଅଭିମୁଖେ ଯାଉଥିବା ବେଳେ ପୁଲିସ ସହ ସଂଘର୍ଷ ହୋଇଥିଲା ।

ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢୁଛି: ମୃତ୍ୟୁଦଣ୍ଡ ହ୍ରାସକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ, ୯/୧୦(ନ୍ୟୁ.ଏ): ମୃତ୍ୟୁଦଣ୍ଡକୁ ବାରମ୍ବାର ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯିବା ଓ ଏହା ପରେ ଦୋଷୀଙ୍କ ଅକାଳ ମୁକ୍ତି ଦାବିକୁ ନେଇ ସୁପ୍ରିମ୍‌କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଦାଲତର ଅତ୍ୟଧିକ ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢୁଥିଛି ବୋଲି ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତ ମତ ଦେଇଛନ୍ତି । ଗୁରୁବାର ଏକ ଅକାଳ ମୁକ୍ତି ଆବେଦନର ଶୁଣାଣି ବେଳେ ସେ ଏହି ମୌଖିକ ମନ୍ତବ୍ୟ ଦେଇଥିଲେ । ଜଷ୍ଟିସ୍ ଦତ୍ତ ଓ ଜଷ୍ଟିସ୍ ଶାଲ ନାଗୁଙ୍କ ଖଣ୍ଡପୀଠ ହରିୟାଣାର ସଞ୍ଜୀବ କୁମାର ନାମକ ଜଣେ ଦୋଷୀଙ୍କ ଆବେଦନର ଶୁଣାଣି କରୁଥିଲେ । ଏକାଧିକ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ସଞ୍ଜୀବଙ୍କ ଦଣ୍ଡ ପରେ ଆଜୀବନ କାରାଦଣ୍ଡକୁ ହ୍ରାସ କରାଯାଇଥିଲା । ଜେଲ୍‌ରେ ୨୦ ବର୍ଷ ବିତାଇବା ପରେ ସେ ହରିୟାଣା ସରକାରଙ୍କ ୨୦୦୨ ମସିହାର କ୍ଷମାଦାନ ନୀତି ଅନୁସାରେ ଅକାଳ ମୁକ୍ତି ଦାବି କରିଥିଲେ । ରାଜ୍ୟ ସରକାର ତାଙ୍କ ଆବେଦନ ଖାରଜ କରିଥିବାବେଳେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଡିସେମ୍ବର ୨୦୨୫ରେ ସେହି ନିଷ୍ପତିକୁ ରଦ୍ଦ କରି ମାମଲାର ପୁନର୍ବିଚାର ପାଇଁ କହିଥିଲେ । ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଆବେଦନ ହୋଇଥିଲା । ଜଷ୍ଟିସ୍ ଦତ୍ତ କହିଥିଲେ, ପୂର୍ବରୁ ହତ୍ୟା ଭଳି ଅପରାଧରେ ମୃତ୍ୟୁଦଣ୍ଡ କେବଳ 'ବିରଳରୁ ବିରଳତମ' ମାମଲାରେ ଦିଆଯାଉଥିଲା । ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବା ପରେ ପୁଣି ଅକାଳ ମୁକ୍ତି ଦାବି କରାଯିବାକୁ ନେଇ ମଧ୍ୟ ଖଣ୍ଡପୀଠ ଆପତି ଉଠାଇଥିଲେ । ଏହାକୁ ବୁଝାଇବା ପାଇଁ ଜଷ୍ଟିସ୍ ଦତ୍ତ ଏକ ପୂର୍ବ ମାମଲାର ଉଦାହରଣ ଦେଇଥିଲେ । ଜଣେ ବ୍ୟକ୍ତି ନିଜ ବଡ଼ ଝିଅକୁ ଦୁଷ୍କର୍ମ କରି ହତ୍ୟା କରିଥିଲେ । ପତ୍ନୀଙ୍କ ସାକ୍ଷ୍ୟ ଆଧାରରେ ସେ ଆଜୀବନ କାରାଦଣ୍ଡ ପାଇଥିଲେ । ପରେ ପାରୋଲ୍‌ରେ ମୁକୁଳିବା ପରେ ସେ ନିଜ ପତ୍ନୀଙ୍କୁ ସାନ ଝିଅ ସମ୍ମୁଖରେ ହତ୍ୟା କରିଥିଲେ । ସାନ ଝିଅର ସାକ୍ଷ୍ୟ ଆଧାରରେ ତାଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା । କିନ୍ତୁ ପରେ ସୁପ୍ରିମ୍‌କୋର୍ଟ ସେହି ଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ । ଏଭଳି ମାମଲାରେ ଦୟାଭାବର ସୀମା ରହିବା ଆବଶ୍ୟକ ବୋଲି ଜଷ୍ଟିସ୍ ଦତ୍ତ କହିଥିଲେ । ଖଣ୍ଡପୀଠ ସଞ୍ଜୀବ କୁମାରଙ୍କ ଅକାଳ ମୁକ୍ତି ମାମଲାରେ ରାଜ୍ୟ ସରକାରଙ୍କଠାରୁ ଅଧିକ ତଥ୍ୟ ମାଗିଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das